ବର୍ଷ-୨୬, ସଂଖ୍ୟା-୨୭୬
ଭୁବନେଶ୍ୱର
ଅକ୍ଟୋବର, ୧୩, ୨୦୨୬ ମଙ୍ଗଳବାର
ପୃଷ୍ଠା-୦୮, ମୂଲ୍ୟ : ୨ଟଙ୍କା

Vol.-26, Issue No. 276
Bhubaneswar
October, 13, 2026, Tuesday
Page-08, Rs.: 2.00

# ମହାଭାରତ

RNI Regd. No.: ODIODI2000/03863
Website : www.mahabharataepaper.com

Mahabharat



ଶ୍ୱଶୁରଙ୍କୁ ଶୁଭେଚ୍ଛା ଦେଲେ ଐଶ୍ୱର୍ଯ୍ୟା

## ବଦଳିଲେ ଓଡ଼ିଶାର ରାଜ୍ୟପାଳ

### ହରିବାବୁ କମ୍ଭମପାଟିଙ୍କ ସ୍ଥାନ ନେଲେ ବ୍ରଜମୋହନ ରାମ

ଭୁବନେଶ୍ୱର,୧୨।୧୦(ମହାଭାରତ):ରାଜ୍ୟପାଳ ସ୍ତରରେ ବଡ଼ ଅଦଳବଦଳ କରିଛନ୍ତି ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ। ଓଡ଼ିଶା ସମେତ ୬ଟି ରାଜ୍ୟରେ ନୂଆ ରାଜ୍ୟପାଳଙ୍କୁ ନିଯୁକ୍ତି ଦିଆଯାଇଛି। ଏହି ଅଦଳବଦଳରେ ବର୍ତ୍ତମାନର ରାଜ୍ୟପାଳ ହରିବାବୁ କମ୍ଭମପାଟିଙ୍କ ସ୍ଥାନରେ ବ୍ରଜମୋହନ ରାମଙ୍କୁ ଓଡ଼ିଶାର ନୂଆ ରାଜ୍ୟପାଳ ଭାବେ ଦାୟିତ୍ୱ ଦିଆଯାଇଛି।



ବ୍ରଜମୋହନ ଝାଡ଼ଖଣ୍ଡର ପଲାମୁ ଅଞ୍ଚଳର ଜଣେ ରାଜନେତା। ଅତୀତରେ ସେ ବିଧାୟକ ରହିବା ସହ ଲୋକସଭାକୁ ମଧ୍ୟ ନିର୍ବାଚିତ ହୋଇଥିଲେ। ବ୍ରଜମୋହନ ରାମ ୧୯୯୬, ୧୯୯୮ ଓ ୧୯୯୯ରେ ପଲାମୁ ଲୋକସଭା ଆସନରୁ କ୍ରମାଗତ ଭାବେ ସାଂସଦ ନିର୍ବାଚିତ ହୋଇଥିଲେ। ଏହା ପୂର୍ବରୁ ସେ ୧୯୯୧ରୁ ୧୯୯୫ ପର୍ଯ୍ୟନ୍ତ ବିହାର ବିଧାନସଭାର ସଦସ୍ୟ ଥିଲେ। ରାଜ୍ୟପାଳ ନିଯୁକ୍ତି ଓ ବଦଳି ପ୍ରକ୍ରିୟାରେ ଓଡ଼ିଶା ସହ କେରଳ, ତାମିଲନାଡୁ, କର୍ନାଟକ, ଉତ୍ତରାଖଣ୍ଡ ଓ ସିକିମକୁ ସାମିଲ କରାଯାଇଛି। କେରଳରେ ଓମ୍‌ପ୍ରକାଶ ମାଥୁର, ତାମିଲନାଡୁରେ ରାଜେନ୍ଦ୍ର ବିଶ୍ୱନାଥ ଆର୍ଲେକର, କର୍ନାଟକରେ ଡାକ୍ତର ସୁଧା ଯାଦବ, ଉତ୍ତରାଖଣ୍ଡରେ ଧନସିଂହ ବିଶେନ ଏବଂ ସିକିମରେ ଦୁଶ୍ୟନ୍ତ ଗୌତମଙ୍କୁ ନୂଆ ଦାୟିତ୍ୱ ଦିଆଯାଇଛି।

# ପୁରୀ ଜିଲ୍ଲାର ହେବ କାୟାକଳ୍ପ

- ବିଭିନ୍ନ ପ୍ରକଳ୍ପର ସମୀକ୍ଷା କଲେ ମୁଖ୍ୟମନ୍ତ୍ରୀ
- ବଦଳିବ ଶ୍ରୀକ୍ଷେତ୍ରର ଚେହେରା: ବ୍ରିଜ୍, ବେଳାଭୂମି ଓ ମନ୍ଦିର ସୌନ୍ଦର୍ଯ୍ୟକରଣର ବ୍ଲୁ-ପ୍ରିଣ୍ଟ ପ୍ରସ୍ତୁତ
- ଶ୍ରୀ ସେତୁ ନିକଟରେ ଥଇଥାନ ହେବେ ବଡଦାଣ୍ଡ ଉଠା ଦୋକାନୀ

ଭୁବନେଶ୍ୱର,୧୨।୧୦(ମହାଭାରତ): ଲୋକସେବା ଭବନଠାରେ ଆଜି ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ପୁରୀ ଜିଲ୍ଲାର ବିଭିନ୍ନ ବିକାଶମୂଳକ ଓ ଭିତ୍ତିଭୂମି ପ୍ରକଳ୍ପଗୁଡ଼ିକର ଏକ ଉଚ୍ଚସ୍ତରୀୟ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି।

ପୁରୀକୁ ଏକ ବିଶ୍ୱସ୍ତରୀୟ ଐତିହ୍ୟ ଓ ପର୍ଯ୍ୟଟନ ସହର ଭାବେ ଗଢ଼ିତୋଳିବା ସହିତ ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ନୀତିକାନ୍ତି ଏବଂ ସେବାୟତମାନଙ୍କ କଲ୍ୟାଣ ପାଇଁ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ ଅନୁଯାୟୀ ରାଜ୍ୟ ସରକାର ସମସ୍ତ ପ୍ରକାର ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରୁଥିବା ଏହି ବୈଠକରୁ ପ୍ରକାଶ ପାଇଛି।

ଏହି ସମୀକ୍ଷା ବୈଠକରେ ଶ୍ରୀ ଜଗନ୍ନାଥ ଆନ୍ତର୍ଜାତୀୟ ବିମାନବନ୍ଦର ନିର୍ମାଣ କାର୍ଯ୍ୟ, ରଘୁନନ୍ଦନ ପାଠାଗାରର ପୁନଃନିର୍ମାଣ ଏବଂ ଶ୍ରୀ ଜଗନ୍ନାଥ ଇଣ୍ଟରପ୍ରିଟେସନ୍ ସେଣ୍ଟର ସ୍ଥାପନ କାର୍ଯ୍ୟକୁ ଦ୍ରୁତଗତିରେ ଆଗେଇ ନେବାକୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ଏହାସହ ପର୍ଯ୍ୟଟକଙ୍କ ଆକର୍ଷଣ ପାଇଁ ନୂତନ ପ୍ରମୋଦ ଉଦ୍ୟାନ ନିର୍ମାଣ ନେଇ ବିସ୍ତୃତ ଆଲୋଚନା ହୋଇଥିଲା। ଏଥିସହିତ ଶ୍ରୀ ଗୁଣ୍ଡିଚା ମନ୍ଦିରର ସର୍ବାଙ୍ଗୀନ ବିକାଶ ସହ ମହାପ୍ରସାଦ ରନ୍ଧନ ପାଇଁ ଏକ ସମ୍ପୂର୍ଣ୍ଣ ନୂତନ ରୋଷଶାଳା ନିର୍ମାଣ କରିବାକୁ ନିଷ୍ପତ୍ତି ନିଆଯାଇଛି।

ଶ୍ରୀମନ୍ଦିର ବଡ଼ଦାଣ୍ଡରୁ ହଟାଯାଇଥିବା ଉଠା ଦୋକାନୀମାନଙ୍କୁ ଶ୍ରୀ ସେତୁ ନିକଟରେ ଜରୁରୀକାଳୀନ




ଭିତ୍ତିରେ ତୁରନ୍ତ ଥଇଥାନ କରିବାକୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ଏଥିସହିତ ସାକ୍ଷୀଗୋପାଳର ପ୍ରସିଦ୍ଧ ଗୋପାଳଜୀଉ ମନ୍ଦିର, ଅତିବଡ଼ୀ ଜଗନ୍ନାଥ ଦାସଙ୍କ ସାତଲହଡ଼ି ମଠ ସମେତ ପୁରୀର ବିଭିନ୍ନ ପ୍ରସିଦ୍ଧ ମଠ ଏବଂ କାକଟପୁରର ମାଆ ମଙ୍ଗଳା ମନ୍ଦିରର ସୌନ୍ଦର୍ଯ୍ୟକରଣ ଓ ରାସ୍ତା ସଂଯୋଗୀକରଣ କାର୍ଯ୍ୟକୁ ତ୍ୱରାନ୍ୱିତ କରାଯିବ। ସତ୍ୟବାଦୀ ବନବିଦ୍ୟାଳୟକୁ ପୁରାତନ ଗୁରୁକୁଳ ଶିକ୍ଷା ପଦ୍ଧତି ଆଧାରରେ ପୁନରୁଦ୍ଧାର କରାଯିବା ସହ ବକୁଳବନର ପୁନରୁଦ୍ଧାର କରାଯାଉଛି ବୋଲି ବୈଠକରେ ସୂଚନା ଦିଆଯାଇଥିଲା। ଐତିହାସିକ ଅଠରନଳା ନିକଟରେ ଏକ ଆଇକନିକ୍ ହେରିଟେଜ୍ ବ୍ରିଜ୍‌ର ପୁନଃନିର୍ମାଣ, ଅନ୍ନପୂର୍ଣ୍ଣା ଥିଏଟରର ପୁନଃବିକାଶ, ପୁରୀ ବେଳାଭୂମିର ସୌନ୍ଦର୍ଯ୍ୟକରଣ, ସନ୍ଧ୍ୟା ଆଳତି, ମହାପ୍ରଭୁଙ୍କ 'ସାଗର ବିଜେ' ନୀତିର ସୁପରିଚାଳନା ଏବଂ ସ୍ୱର୍ଗଦ୍ୱାରର ସାମଗ୍ରିକ ଉନ୍ନତିକରଣ ନେଇ ବୈଠକରେ ଗୁରୁତ୍ୱାରୋପ କରାଯାଇଛି।

ଯୋଗାଯୋଗ ଓ ଭିତ୍ତିଭୂମି କ୍ଷେତ୍ରରେ ପୁରୀରୁ ବ୍ରହ୍ମଗିରି, ପୁରୀରୁ କୋଣାର୍କ ଏବଂ ପୁରୀ-ଭୁବନେଶ୍ୱର ରାସ୍ତାର ପ୍ରଶସ୍ତିକରଣ କାର୍ଯ୍ୟ ଉପରେ ବୈଠକରେ ଚର୍ଚ୍ଚା ହୋଇଥିଲା। ଏହାବ୍ୟତୀତ ଶ୍ରୀ ଜଗନ୍ନାଥ ମେଡିକାଲ କଲେଜ, ବ୍ଲୁ ଫ୍ଲାଗ୍ ବିଚ୍, ଅସ୍ତରଙ୍ଗ ବନ୍ଦର ଏବଂ କୋଣାର୍କ ମନ୍ଦିର ସଂଲଗ୍ନ ପ୍ରକଳ୍ପଗୁଡ଼ିକର ବିସ୍ତୃତ ସମୀକ୍ଷା କରାଯାଇଥିଲା। ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ସମସ୍ତ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ଯେ ଜନସାଧାରଣ ଓ ପର୍ଯ୍ୟଟକଙ୍କ ସୁବିଧା ପାଇଁ ଆରମ୍ଭ ହୋଇଥିବା ପ୍ରକଳ୍ପଗୁଡ଼ିକୁ କୌଣସି ଅବହେଳା ନକରି ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ସମ୍ପୂର୍ଣ୍ଣ କରିବାକୁ ହେବ।

ପୁରୀ ସହରର ଗୌରବ ଓ ସ୍ଥାନୀୟ ବାସିନ୍ଦାଙ୍କ ଜୀବନଜୀବିକାର ସୁରକ୍ଷାକୁ ନେଇ ମୁଖ୍ୟମନ୍ତ୍ରୀ ବିଶେଷ ସଂବେଦନଶୀଳତା ପ୍ରକାଶ କରିଛନ୍ତି। ସେ କହିଛନ୍ତି ଯେ ପୁରୀ କେବଳ ଏକ ଜିଲ୍ଲା ନୁହେଁ, ଏହା ସମଗ୍ର ଓଡ଼ିଶାର ଅସ୍ମିତା ଓ ବିଶ୍ୱର କୋଟି କୋଟି ଜଗନ୍ନାଥ ପ୍ରେମୀଙ୍କ ଆସ୍ଥାର କେନ୍ଦ୍ର। ତେଣୁ ଶ୍ରୀକ୍ଷେତ୍ରର ସମସ୍ତ ବିକାଶମୂଳକ ପ୍ରକଳ୍ପକୁ ବାସ୍ତବରେ ବିଶ୍ୱସ୍ତରୀୟ କରିବାକୁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଛନ୍ତି । ଏହାସହିତ ସ୍ଥାନୀୟ ସେବାୟତ, ବ୍ୟବସାୟୀ ଏବଂ ଆବାସିକ ନାଗରିକଙ୍କ ଆବଶ୍ୟକତାକୁ ପ୍ରାଥମିକତା ଦେଇ ପ୍ରକଳ୍ପ ଗୁଡିକ କାର୍ଯ୍ୟକାରୀ ହେବ, ସେଥିପ୍ରତି ପ୍ରଶାସନ ସଜାଗ ରହିବା ଜରୁରୀ। ପ୍ରତ୍ୟେକଟି ଯୋଜନାର ଶେଷ ଫଳପ୍ରଦତା ସାଧାରଣ ଜନତାଙ୍କ ପାଖରେ ପହଞ୍ଚିବା ଉଚିତ ବୋଲି ମୁଖ୍ୟମନ୍ତ୍ରୀ ଗୁରୁତ୍ୱ ଦେଇଥିଲେ।

ମୁଖ୍ୟମନ୍ତ୍ରୀ ଆହୁରି ମଧ୍ୟ ସଂପୃକ୍ତ ଅଧିକାରୀମାନଙ୍କୁ ସ୍ପଷ୍ଟ ସୂଚନା ଦେଇଛନ୍ତି ଯେ ପ୍ରକଳ୍ପ କାର୍ଯ୍ୟକାରିତାରେ କୌଣସି ପ୍ରକାରର ଅବହେଳା, ବିଳମ୍ବ କିମ୍ବା ଅନିୟମିତତାକୁ ଆଦୌ ସହ୍ୟ କରାଯିବ ନାହିଁ। ସମସ୍ତ ବିଭାଗୀୟ ଅଫିସର, ଜିଲ୍ଲାପାଳ ଓ ଏସ.ପି.ଙ୍କୁ କ୍ଷେତ୍ରସ୍ତରରେ ନିଜେ ତଦାରଖ କରି ନିର୍ଦ୍ଧାରିତ ସମୟସୀମା (ସ୍ପସଙ୍କର-ଭକ୍ଟଙ୍କଭୟ ରଙ୍ଘ-ରମଙ୍କସ୍ପସକ୍ଟଭ) ମଧ୍ୟରେ କାର୍ଯ୍ୟ ଶେଷ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ସରକାରୀ ଯୋଜନାଗୁଡ଼ିକ ଯେପରି କେବଳ କାଗଜପତ୍ରରେ ସୀମିତ ନରହି ପ୍ରତ୍ୟକ୍ଷ ଭାବେ ପୁରୀବାସୀଙ୍କ ସାମାଜିକ, ଆର୍ଥିକ ଓ ସାଂସ୍କୃତିକ ଅଭିବୃଦ୍ଧିରେ ସହାୟକ ହେବ, ସେହି ନିଷ୍ଠା ଓ ଦାୟିତ୍ୱବୋଧର ସହ ସମସ୍ତଙ୍କୁ ମିଳିମିଶି କାମ କରିବାକୁ ମୁଖ୍ୟମନ୍ତ୍ରୀ ଆହ୍ୱାନ ଦେଇଛନ୍ତି।

ଏହି ବୈଠକରେ ମୁଖ୍ୟ ଶାସନ ସଚିବ ଶ୍ରୀମତୀ ଅନୁ ଗର୍ଗ , ଉନ୍ନୟନ କମିଶନର ଡି.କେ ସିଂହ , ମୁଖ୍ୟମନ୍ତ୍ରୀଙ୍କ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶାଶ୍ୱତ ମିଶ୍ର , ପୁରୀ ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡା ଏବଂ ଆରକ୍ଷୀ ଅଧୀକ୍ଷକ ପ୍ରତୀକ ସିଂ ପ୍ରମୁଖ ଉପସ୍ଥିତ ରହିପ୍ରକଳ୍ପଗୁଡ଼ିକର ଅଗ୍ରଗତି ସମ୍ପର୍କରେ ମୁଖ୍ୟମନ୍ତ୍ରୀଙ୍କୁ ଅବଗତ କରାଇଥିଲେ।

## ଏବିଇଓଙ୍କ ୧୯ ଦାମୀ ପ୍ଲଟ୍, ୩ କୋଠା

ଭୁବନେଶ୍ୱର,୧୨।୧୦(ମହାଭାରତ): ଯାଜପୁର ଧର୍ମଶାଳାର ଅତିରିକ୍ତ ବ୍ଲକ ଶିକ୍ଷାଧିକାରୀ ବା ଏବିଇଓ ଜୟଦେବ ଜେନାଙ୍କ ସମ୍ପତ୍ତି ଦେଖି ସମସ୍ତେ ଟେରା। ବାବୁଙ୍କ ଠାରୁ ମିଳିଛି ଅମାପ ସମ୍ପତ୍ତି। ସୁନା ଅଳଙ୍କାର, ରୁପା ଥାଳି, ସୌକିନ ଗ୍ଲାସ ସହ ଭିଜିଲାନ୍ସ ରେଡ ବେଳେ ମିଳିଛି ଏକାଧିକ ପ୍ଲଟ ଓ ଫ୍ଲାଟ। ବର୍ତ୍ତମାନ ସୁଦ୍ଧା ହୋଇଥିବା ରେଡ୍‌ରୁ ରାଜ୍ୟର ବିଭିନ୍ନ ସ୍ଥାନରେ ଶ୍ରୀ ଜେନାଙ୍କର ୧୯ଟି ମୂଲ୍ୟବାନ ପ୍ଲଟକୁ ଭିଜିଲାନ୍ସ ଟିମ ଠାବ କରିପାରିଛି। ଏଥିସହ ଭୁବନେଶ୍ୱରର ପାତ୍ରପଡାରେ ଥିବା ଗୋଟିଏ ୩ ମହଲା କୋଠା, ଗଞ୍ଜାମ ପି. ନୂଆଗାଁରେ ଆଉ ଦୁଇଟି ବହୁତଳ କୋଠା ଠାବ ହୋଇଛି।





ଏହାବାଦ ଏବିଇଓ ଜୟଦେବ ଜେନାଙ୍କ ଘରୁ ମିଳିଛି ପୁଳା ପୁଳା ସୁନାଗହଣା। ଏହା ମଧ୍ୟରେ ସୁନା ଚେନ, ମୁଦି, କାନଫୁଲ ଓ ହୀରାର ହାର ରହିଥିବା ଜଣାପଡିଛି। ଗୋଟିଏ କାର ଓ ୨ଟି ବାଇକ ମଧ୍ୟ ତାଙ୍କ ଠିକଣାରୁ ମିଳିଛି। ଏବେ ଅଧିକାରୀମାନେ ଠାବ ହୋଇଥିବା ବିଲ୍ଡିଂ, ପ୍ଲଟ ଓ ସୁନା ଅଳଙ୍କାର ପ୍ରକୃତ ମୂଲ୍ୟ ଆକଳନ କରୁଛନ୍ତି। ଏହାପରେ ଆୟ ଠାରୁ ବାବୁ କେବେ ଠୁଳ କରିଥିଲେ, ସେକଥା ସ୍ପଷ୍ଟ ହେବ।

ଆଜି ସକାଳୁ ଯାଜପୁର ଧର୍ମଶାଳାର ଏବିଇଓଙ୍କ ଘରେ ଭିଜିଲାନ୍ସ ରେଡ୍ ଆରମ୍ଭ ହୋଇଥିଲା। ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ଶ୍ରୀ ଜେନାଙ୍କ ଘର ସମେତ ଏକକାଳୀନ ୭ଟି ସ୍ଥାନରେ ଚଢ଼ଉ କରିଥିଲେ ଭିଜିଲାନ୍ସ ଟିମ। ଭୁବନେଶ୍ୱର, ଗଞ୍ଜାମ ଓ ଯାଜପୁର ଜିଲ୍ଲାର ବିଭିନ୍ନ ସ୍ଥାନରେ ଭିଜିଲାନ୍ସ ଟିମ୍ ପକ୍ଷରୁ ଏପରି ଚଢ଼ଉ ହୋଇଥିଲା।

ଗଞ୍ଜାମ ଜିଲ୍ଲା ବୁରୁଝରିରେ ଥିବା ସମ୍ପର୍କୀୟଙ୍କ ଘର, ଭୁବନେଶ୍ୱର ଖଣ୍ଡଗିରି ସ୍ଥିତି ଜନନୀ ବିହାରରେ ଥିବା ସମ୍ପର୍କୀୟଙ୍କ ଘର ସମେତ ଯାଜପୁର ଜାରକାରେ ଥିବା ଭଡ଼ା ଘରେ ଓ ଅଫିସ ଚାମ୍ବରରେ ଭିଜିଲାନ୍ସ ଗୋଟିଏ ସମୟରେ ରେଡ କରିଥିଲା।ରେଡ୍ ବେଳେ ପ୍ରତିକ୍ରିୟା ରଖି ଏବିଇଓ କହିଥିଲେ ଯେ ଏ ସବୁ ସମ୍ପତ୍ତି ତାଙ୍କ ପତ୍ନୀଙ୍କ ନାଁରେ ଅଛି। ବ୍ୟବସାୟିକ ଉତ୍ସରୁ ସେ ଏସବୁ ଆୟ କରିଛନ୍ତି। ଏବେ ପତ୍ନୀଙ୍କ ବ୍ୟବସାୟର ମଧ୍ୟ ଖୋଳତାଡ ହେବାର ସମ୍ଭାବନା ରହିଛି। ୧୯୬୯ ମସିହା ମେ' ୫ରେ ଜନ୍ମ ଗ୍ରହଣ କରିଥିବା ଜୟଦେବ ଜେନା ୧୯୮୭ରେ ପ୍ରଥମଥର ପାଇଁ ସରକାରଙ୍କ ଥଇଥାନ ଜୋନରେ ସହାୟକ ଶିକ୍ଷକ ଭାବେ ନିଯୁକ୍ତି ପାଇଥିଲେ। ଛତ୍ରପୁରରେ ତାଙ୍କର ପ୍ରଥମ ପୋଷ୍ଟିଂ ହୋଇଥିଲା। ପ୍ରାରମ୍ଭିକ ଭାବେ ସେ ମାସିକ ୧ ହଜାର ଟଙ୍କା ପାଉଥିଲେ। ଦୀର୍ଘ ବର୍ଷ ଧରି ସହାୟକ ଶିକ୍ଷକ ଭାବେ କାର୍ଯ୍ୟ କରିବା ପରେ ୨୦୧୪ ମସିହାରେ ସେ ପ୍ରଧାନ ଶିକ୍ଷକ ହୋଇଥିଲେ।

ଛତ୍ରପୁରରେ ସେ ୩ ବର୍ଷ କାମ କରିବା ପରେ ଗଞ୍ଜାମ ଜିଲ୍ଲାରା କେ ବାରିଡା ନୋଡାଲ ଉଚ୍ଚ ପ୍ରାଥମିକ ସ୍କୁଲକୁ ସେହି ପ୍ରଧାନ ଶିକ୍ଷକ ଭାବେ ବଦଳି ହୋଇଥିଲେ। ୨୦୨୩ରେ ତାଙ୍କର ବଦଳି ସହାୟକ ବ୍ଲକ ଶିକ୍ଷାଧିକାରୀ ଭାବେ ଗଞ୍ଜାବର ବେଗୁନିଆପଡାକୁ ହୋଇଥିଲା। ୨୦୨୪ ନଭେମ୍ବର ୩୦ରେ ସେ ଧର୍ମଶାଳା ବ୍ଲକକୁ ଆସିଥିଲେ। ଆଜିର ଭିଜିଲାନ୍ସ ରେଡ ଯାଏ ସେ ସେହି ସ୍ଥାନରେ ରହିଥିଲେ।

## ଦିଲ୍ଲୀରେ ଇଣ୍ଡି ମେଣ୍ଟର ମହାଗର୍ଜନ

### ସୁପ୍ରିମକୋର୍ଟରେ ପିଟିସନ ଦାୟର

ନୂଆଦିଲ୍ଲୀ,୧୨।୧୦(ମହାଭାରତ): ମୁଖ୍ୟ ନିର୍ବାଚନ କମିସନରଙ୍କ ଇସ୍ତଫା ଦାବିରେ ଦିଲ୍ଲୀ ରାଜରାସ୍ତାରେ ବିରୋଧୀଙ୍କ ପ୍ରଚଣ୍ଡ ବିସ୍ଫୋରଣ ! ସିଧାସଳଖ ସୁପ୍ରିମକୋର୍ଟ ଅଭିମୁଖେ ମାଡ଼ିଚାଲିଲେ ହଜାର ହଜାର ନେତା ଓ କର୍ମୀ ! ରାଜଧାନୀ ଦିଲ୍ଲୀରେ ମୁଖ୍ୟ ନିର୍ବାଚନ କମିସନର (ସିଇସି) ଜ୍ଞାନେଶ କୁମାରଙ୍କ ବିରୋଧରେ ଏକ ବିରାଟ ଶକ୍ତିପ୍ରଦର୍ଶନ କରିଛି 'ଇଣ୍ଡି' ମେଣ୍ଟ । 'ଚଲୋ ଦିଲ୍ଲୀ-ଗଣତନ୍ତ୍ର ପାଇଁ ପଦଯାତ୍ରା' ମାଧ୍ୟମରେ ସାରା ଦେଶର ରାଜନୈତିକ ମହଲରେ ଭୂକମ୍ପ ସୃଷ୍ଟି ହୋଇଛି । ଗଣତନ୍ତ୍ର ଓ ନିର୍ବାଚନର ସ୍ୱଚ୍ଛତା ରକ୍ଷା ନାଁରେ ବିରୋଧୀ ଦଳ ଏକାଠି ହୋଇ ସରକାର ଏବଂ ନିର୍ବାଚନ ଆୟୋଗଙ୍କ ବିରୋଧରେ ଯୁଦ୍ଧଂଦେହି ଡାକରା ଦେଇଛନ୍ତି ।



ବାରାଖମ୍ବାରୁ ସୁପ୍ରିମକୋର୍ଟ ଅଭିମୁଖେ ବାହାରିଥିବା ଏହି ବିଶାଳ ପଦଯାତ୍ରାର ନେତୃତ୍ୱ ନେଇଥିଲେ ଲୋକସଭା ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ ଏବଂ ପ୍ରିୟଙ୍କା ଗାନ୍ଧୀ । ଏଥିରେ ଅଖିଳେଶ ଯାଦବ, ତେଜସ୍ୱୀ ଯାଦବ, ରେବନ୍ତ ରେଡ୍ଡି, ଡି.କେ. ଶିବକୁମାର ଓ ମମତା ବାନାର୍ଜୀଙ୍କ ସମେତ ମେଣ୍ଟର ବହୁ ଶୀର୍ଷ ନେତା ଓ ହଜାର ହଜାର କର୍ମୀ ସାମିଲ ହୋଇଥିଲେ । ବିକ୍ଷୋଭ ବେଳେ କେତେକ ସ୍ଥାନରେ ଉତ୍ତେଜନା ପ୍ରକାଶ ପାଇଥିଲା ଏବଂ କର୍ମୀମାନେ ବ୍ୟାରିକେଡ୍ ଉପରେ ଚଢ଼ି ଜୋରଦାର ନାରାବାଜି କରିଥିଲେ । ରାହୁଲ ନିଜେ କୋର୍ଟରେ ପହଞ୍ଚିବା ଯୋଜନା ଥିଲେ ବି ସମୟାଭାବରୁ ତାଙ୍କ ଲିଗାଲ୍ ଟିମ୍ ସୁପ୍ରିମକୋର୍ଟରେ ପିଟିସନ ଦାୟର କରିଛି । ସର୍ବୋଚ୍ଚ ନ୍ୟାୟାଳୟ ଏହି ସମ୍ପର୍କିତ ସମସ୍ତ ଯାଚିକାର ମିଳିତ ଶୁଣାଣି ଆସନ୍ତା ଅକ୍ଟୋବର ୨୭ରେ କରିବେ ।

କେନ୍ଦ୍ର ସରକାର ଜାଣିଶୁଣି ସିଇସି ଜ୍ଞାନେଶ କୁମାରଙ୍କୁ ସୁରକ୍ଷା ଦେଉଥିବା ଅଭିଯୋଗ ଆଣିଛନ୍ତି ବିରୋଧୀ ଦଳ । ତାଙ୍କୁ ତୁରନ୍ତ ପଦରୁ ନହଟାଇବା ଯାଏଁ ଏହି ଲଢେଇ ଜାରି ରହିବ ବୋଲି ମେଣ୍ଟ ପକ୍ଷରୁ ସ୍ପଷ୍ଟ ଚେତାବନୀ ଦିଆଯାଇଛି । ଅନ୍ୟପଟେ କଂଗ୍ରେସ ତଥା ଇଣ୍ଡି ମେଣ୍ଟକୁ କଡ଼ା ଭାଷାରେ ଜବାବ ଦେଇଛି ବିଜେପି । ବିଜେପି ସାଂସଦ ଅନୁରାଗ ଠାକୁର କହିଛନ୍ତି ଯେ, ରାହୁଲ ଗାନ୍ଧୀଙ୍କ ପାଖରେ ନା ଅଛି କୌଣସି ତଥ୍ୟ, ନା ଅଛି ଯୁକ୍ତି; କେବଳ ଦେଶରେ ଅରାଜକତା ଓ ଅସ୍ଥିରତା ସୃଷ୍ଟି କରିବା ହିଁ ତାଙ୍କର ଏକମାତ୍ର ଲକ୍ଷ୍ୟ ।ଆଜି ଦିଲ୍ଲୀ ରାଜରାସ୍ତାରେ କେବଳ ଇଣ୍ଡି ମେଣ୍ଟ ନୁହେଁ, ବରଂ ଆମ୍ ଆଦ୍‌ମୀ ପାର୍ଟି ଓ ବିଭିନ୍ନ ଆଇନଜୀବୀ ସଂଗଠନ ପକ୍ଷରୁ ମଧ୍ୟ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି । ସେପଟେ ରାହୁଲଙ୍କ ଏହି ଆନ୍ଦୋଳନକୁ ବିରୋଧ କରି କଂଗ୍ରେସ ମୁଖ୍ୟାଳୟ ଆଗରେ ବିଜେପି ମହିଳା ମୋର୍ଚ୍ଚା ପକ୍ଷରୁ ଜୋରଦାର ପାଲଟା ପ୍ରତିବାଦ କରାଯାଇଥିଲା । ଏହି ଘଟଣାକୁ ନେଇ ସମଗ୍ର ରାଜଧାନୀରେ ରାଜନୈତିକ ପାରଦ ଉପରକୁ ଉଠିଛି ଏବଂ ଆଗାମୀ ଅକ୍ଟୋବର ୨୭ରେ ସୁପ୍ରିମକୋର୍ଟଙ୍କ ଶୁଣାଣି ଉପରେ ଏବେ ସାରା ଦେଶର ନଜର ରହିଛି ।

## ଭୁବନେଶ୍ୱରରେ ନିଶାଡି ଡ୍ରାଇଭରର ଉନ୍ମତ୍ତକାଣ୍ଡ

ଭୁବନେଶ୍ୱର,୧୨।୧୦: ନିଶାରେ ଚୁର୍ ଡ୍ରାଇଭର, ବେଲଗାମ୍ ଗାଡ଼ି । ସ୍ପଷ୍ଟ ଦିବାଲୋକରେ ଗାଡ଼ି ଚଢ଼ାଇ ହତ୍ୟା ଉଦ୍ୟମ !ସିସିଟିଭିରେ କଏଦ ସାଂଘାତିକ ସତ ! ସ୍ଥାନ: ଭୁବନେଶ୍ୱର କେଶୁରା ମାର୍କେଟ୍। ସମୟ: ପାଖାପାଖି ସକାଳ ୭ଟା। ଇଭି କାର୍ ଧରି ଆତଙ୍କ ଖେଳାଇଲା, ଯମ ଦୂତ ଭଳି ମାଡିଗଲା। ଯାହାକୁ ଦେଖିଲା ଗାଡ଼ି ଚାଇଲା। କିଏ ଅଳ୍ପକେ ବର୍ତ୍ତିଲା ଆଉ କିଏ ଗାଡ଼ି ଧକ୍କାରେ ହେଲା ଘାଇଲା।



ଥରେ କି ଦୁଇ ଥର ନୁହେଁ, ବାରମ୍ବାର ଗାଡ଼ି ଚଢାଇ ହତ୍ୟା ଉଦ୍ୟମର ଚିତ୍ର ସିସିଟିଭି ଦେଖିଲା। ତଥାପି ରାଗ ଶାନ୍ତ ହୋଇ ନଥିଲା, ପୁଣି ଥରେ ଗାଡ଼ି ଆଣି ଚଢାଇବାକୁ ଉଦ୍ୟମ କରିଥିଲା। ରାସ୍ତା ଉପରେ ଦୁଇଟି ବାଇକ ଓ ୫ ଜଣ ଯୁବକ, ଯୁବତୀଙ୍କୁ ଗାଡ଼ି ଚଢାଇ ଦେଇଥିଲା। ରାସ୍ତା ଉପରେ ଗାଡ଼ିକୁ ଅଟକାଇ, ଡ୍ରାଇଭରକୁ ମାଡ଼ ମାରିଥିଲେ ସ୍ଥାନୀୟ ଲୋକେ। ଜୀବନ ବିକଳରେ ବସରେ ବସି ଫେରାର ହେଉଥିବା ବେଳେ, ଘୋଷାଡି ଘୋଷାଡି ମାଡ଼ ମାରିଥିଲେ ଉତ୍ତ୍ୟକ୍ତ ଲୋକେ।

ଆଉ ଏ ହେଉଛି ସେହି ଡ୍ରାଇଭର ଅଭିଯୁକ୍ତ ସୌମ୍ୟ ରଥ। କୁହାଯାଉଛି, ସାମାନ୍ୟ ପାଟିତୁଣ୍ଡ ନେଇଥିଲା ଉଗ୍ରରୂପ ଓ ଆଉ ରାଗିଯାଇ ସେମାନଙ୍କୁ ଗାଡ଼ି ଚଢାଇ ହତ୍ୟା ଉଦ୍ୟମ କରିଥିଲା ସୌମ୍ୟ । ସବୁଠାରୁ ବଡ଼ କଥା ହେଉଛି, ଏହି ଘଟଣା ଅଭିଯୁକ୍ତ ପାଇଁ ନୂଆ ନୁହେଁ। ତା ନାଁରେ ପୂର୍ବରୁ ମଧ୍ୟ ସମାନ ଅଭିଯୋଗ ରହିଛି। ଭୁବନେଶ୍ୱର ଶାସ୍ତ୍ରୀ ନଗର ଟ୍ରାଫିକ ପୋଷ୍ଟରେ ଅଟକିଥିବା ଦେବୀପ୍ରସାଦ ରାଉତରାୟଙ୍କୁ ଏକ ମର୍ସିଡିଜ୍ କାର୍‌ରେ ପଛରୁ ଧକ୍କା ଦେଇଥିଲା ସୌମ୍ୟ।

ଘଟଣାସ୍ଥଳରେ ଦେବୀପ୍ରସାଦଙ୍କ ମୃତ୍ୟୁ ହୋଥିଲା। ଗତ ଜୁଲାଇ ୧୪ ତାରିଖରେ ଏହି ଦୁର୍ଘଟଣା ଘଟିଥିଲା। ଏବେ ପୁଣି ହତ୍ୟା ଉଦ୍ୟମ ଅଭିଯୋଗରେ ଗିରଫ ହେବା ପରେ ଘଟଣାକୁ ନେଇ ଚର୍ଚ୍ଚା ବଢ଼ିଛି। ଅପର ପକ୍ଷରେ ସୌମ୍ୟର ଡ୍ରାଇଭିଙ୍ଗ ଲାଇସେନ୍ସ ରଦ୍ଦ କରିଛି ପରିବହନ ବିଭାଗ। ଏଥିସହ ଦୁର୍ଘଟଣା ଘଟାଇଥିବା ଗାଡିର ଆର୍‌ସି ବାତିଲ ପାଇଁ ପରିବହନ ବିଭାଗକୁ ସୁପାରିସ କରାଯିବ ବୋଲି ଜୁନିୟର ଏମ୍‌ଭିଆଇ କହିଛନ୍ତି। ଗିରଫ ଅଭିଯୁକ୍ତ ସୋମ୍ୟ ରଥଙ୍କ ବିରୋଧରେ ଲାଗିଛି ଭାରତୀୟ ନ୍ୟାୟ ସଂହିତାର ଧାରା ୧୦୯ ଅର୍ଥାତ ହତ୍ୟା ଉଦ୍ୟମ, ଅଭ୍ୟାସଗତ ଅପରାଧରେ ସମ୍ପୃକ୍ତ ଥିବାରୁ ୧୨୯ ବିଏନଏସଏସ ଲଗାଇ କୋର୍ଟ ଚାଲାଣ କରିଛି ପୁଲିସ।

## ଅର୍ଥନୀତିରେ ଦୁଇ ଜଣଙ୍କୁ ନୋବେଲ୍

ନୂଆଦିଲ୍ଲୀ,୧୨।୧୦(ନି.ପ୍ର.): ଚଳିତ ବର୍ଷ ଅର୍ଥନୀତିରେ ୨ ଜଣଙ୍କୁ ମିଳିବ ନୋବେଲ ପୁରସ୍କାର। ଅର୍ଥନୀତିଜ୍ଞ ରବର୍ଟ ଇ ହଲ ଓ ମାଇକେଲ ଉଡଫୋର୍ଡଙ୍କୁ ନୋବେଲ ପୁରସ୍କାର ପାଇଁ ମନୋନୀତ କରାଯାଇଛି। ମାଇକ୍ରୋଇକୋନୋମିକ ଫାଉଣ୍ଡେସନ ଅଫ ମାକ୍ରୋଇକୋନୋମିକ ଷ୍ଟାବିଲାଇଜେସନ ପାଇଁ ଉଭୟଙ୍କୁ ନୋବେଲ ପୁରସ୍କାର ଦିଆଯିବ। ଏହି ଦୁଇ ଅର୍ଥନୀତିଜ୍ଞ ନୂଆ ମାକ୍ରୋ ଇକୋନୋମିକ୍ ମଡେଲ୍ ବିକଶିତ କରିଛନ୍ତି। ଏହା ଅର୍ଥନୀତିକୁ ସ୍ଥିର ରଖିବା ପାଇଁ ପ୍ରଭାବଶାଳୀ ନୀତି ପ୍ରସ୍ତୁତ କରିବାରେ ସହାୟକ ହୋଇଥାଏ। ଏହି ମଡେଲ୍‌ଗୁଡ଼ିକ ଦ୍ୱାରା ସରକାର ଆର୍ଥିକ ନୀତି ଓ କେନ୍ଦ୍ରୀୟ ବ୍ୟାଙ୍କ ମୁଦ୍ରାନୀତିକୁ ଉପଯୁକ୍ତ ସମୟରେ ଲାଗୁ କରିପାରିବେ।

## ଜନ୍ତରମନ୍ତରରେ ଆନ୍ଦୋଳନ ମନା

ନୂଆଦିଲ୍ଲୀ,୧୨।୧୦: ଦେଶର ରାଜଧାନୀ ଦିଲ୍ଲୀରେ ଥିବା ଯନ୍ତରମନ୍ତରରେ ଆଉ କେହି ଆନ୍ଦୋଳନ କରିପାରିବେ ନାହିଁ। ଯନ୍ତରମନ୍ତର ଆଉ ଧାର୍ଯ୍ୟ ବିକ୍ଷୋଭ ସ୍ଥଳ ନୁହେଁ। ଏଠାରେ କୌଣସି ବ୍ୟକ୍ତି କିମ୍ବା ସଂଗଠନ ଆଉ ବିକ୍ଷୋଭ କିମ୍ବା ଧାରଣା ଦେଇ ପାରିବେ ନାହିଁ। ଆଜି ଦିଲ୍ଲୀ ପୁଲିସ୍ ଏନେଇ ଗୋଟିଏ ବିଜ୍ଞପ୍ତି ଜାରି କରିଛି। ଯନ୍ତରମନ୍ତରକୁ ମିଳିଥିବା ଧାର୍ଯ୍ୟ ବିକ୍ଷୋଭ ସ୍ଥଳର ମାନ୍ୟତା ପ୍ରତ୍ୟାହାର କରି ନିଆଯାଇଛି।

ଯନ୍ତରମନ୍ତର ଠାରୁ ଧାର୍ଯ୍ୟ ବିକ୍ଷୋଭ ସ୍ଥଳର ମାନ୍ୟତା ପ୍ରତ୍ୟାହାର କରାଯାଇଥିବା ବେଳେ ଏବେ ଆନ୍ଦୋଳନ ପାଇଁ ଦିଲ୍ଲୀର ଆଉ ୩ଟି ବିକଳ୍ପ ସ୍ଥାନ ଚିହ୍ନଟ କରାଯାଇଛି। ଯନ୍ତରମନ୍ତରରେ ବିରୋଧୀ ଇଣ୍ଡିଆ ବ୍ଲକ ଓ କକ୍ରୋଚ ଜନତା ପାର୍ଟି ଆନ୍ଦୋଳନ କରିବାକୁ ଚାହୁଁଥିବା ବେଳେ ପୁଲିସ ସହ ମୁହାଁମୁହିଁ ସ୍ଥିତି ଦେଖାଯାଇଥିଲା। ଏହାକୁ ନେଇ ବିବାଦ ଲାଗି ରହିଥିବା ବେଳେ ଏବେ ଏଭଳି ଖବର ସାମ୍ନାକୁ ଆସିଛି।

ପୁଲିସ୍ ଜାରି କରିଥିବା ବିଜ୍ଞପ୍ତି ଅନୁସାରେ, ପୂର୍ବ ଦିଲ୍ଲୀରେ ଥିବା ରାମଲୀଲା ଗ୍ରାଉଣ୍ଡ, ବୁରାରୀ ଗ୍ରାଉଣ୍ଡ ଓ ସିବିଡି ଗ୍ରାଉଣ୍ଡକୁ ନୂଆ ବିକ୍ଷୋଭ ସ୍ଥଳ ଭାବେ ଚିହ୍ନଟ କରାଯାଇଛି। ଦିଲ୍ଲୀ ପୁଲିସ୍ କମିଶନର ଅନୁରାଗ କୁମାରଙ୍କ ଦସ୍ତଖତ ଏଥିରେ ରହିଛି। ୨୦୨୨ ଏପ୍ରିଲ ୨୮ରେ ଯନ୍ତରମନ୍ତରକୁ ଧାର୍ଯ୍ୟ ବିକ୍ଷୋଭ ସ୍ଥଳ ଭାବେ ଚିହ୍ନଟ କରାଯାଇଥିଲା। କିନ୍ତୁ ଏବେ ଜାରି ବିଜ୍ଞପ୍ତି ପରେ ପୂର୍ବ ନିର୍ଦ୍ଦେଶ ବଦଳି ଯାଇଛି। ପୁଲିସ୍‌ର କହିବା କଥା ଯେ ନୂଆ କରି ଚିହ୍ନଟ ହୋଇଥିବା ୩ ବିକ୍ଷୋଭ ସ୍ଥଳରେ ଆନ୍ଦୋଳନ ପାଇଁ ପରବର୍ତ୍ତୀ ସମୟରେ ସଂଶୋଧିତ ଏସ୍‌ଓପି ଜାରି କରାଯିବ। ସେହିପରି ଗୃହ ମନ୍ତ୍ରାଳୟ ଦ୍ୱାରା ଗଠିତ କମିଟିର ସୁପାରିସ୍ ପରେ ପୁଲିସ୍ ଯନ୍ତରମନ୍ତରକୁ ମିଳିଥିବା ଧାରଣା ସ୍ଥଳ ମାନ୍ୟତା ପ୍ରତ୍ୟାହାର କରିଛି।

ଏହି ବିଜ୍ଞପ୍ତି ପୂର୍ବରୁ ସିଜେପି କର୍ମକର୍ତ୍ତା ଆଜି ସଂସଦ ମାର୍ଗ ପୁଲିସ୍ ଷ୍ଟେସନରେ ପହଞ୍ଚି ଯନ୍ତରମନ୍ତରରେ ଶାନ୍ତିପୂର୍ଣ୍ଣ ଆନ୍ଦୋଳନ ପାଇଁ ଅନୁମତି ମାଗିଥିଲେ। ପୁଲିସ୍ ଏହାକୁ ଗ୍ରହଣ କରିଥିବା ବେଳେ ସିଜେପି ପକ୍ଷରୁ ଏହା ଉପରେ ନିଷ୍ପତ୍ତି ନେବାକୁ ୨୪ ଘଣ୍ଟାର ସମୟ ଦିଆଯାଇଥିଲା।

# କାହିଁକି କୁହାଯାଏ ମା ଦୁର୍ଗାଙ୍କ ୯ଟି ରୂପ

ସାଧନାର ପର୍ବ ନବରାତ୍ରୀ ।ଦେବୀ ଦୁର୍ଗାଙ୍କୁ ଆରଧନା କରିବାର ପର୍ବ । ୯ ଦିନ ବିଶେଷ କରି ୯ ରାତିରେ ଦେବୀ ଦୁର୍ଗାଙ୍କର ଅଲଗା ଅଲଗା ସ୍ୱରୁପ ର ପୂଜା କରିବା ହେଉଛି ଏହାର ଲକ୍ଷ। ଆଶ୍ୱିନ ମାସ ର ପ୍ରତିପଦା ଠାରୁ ନବମୀ ଯାଏଁ ଯେଉଁ ୯ଟି ସ୍ୱରୂପଙ୍କୁ ପୂଜା କରାଯାଏ , ତାହାର ଅଲଗା ଅଲଗା ମହତ୍ୱ ରହିଛି । ତେବେ ଚାଲନ୍ତୁ ଜାଣିବା ସେହି ୯ ଟି ସ୍ୱରୁପଙ୍କ ମହିମା ବିଷୟରେ।




ପ୍ରଥମ ଦେବୀ ଶୈଳପୁତ୍ରୀ -
ମା ଦୁର୍ଗାଙ୍କର ପ୍ରଥମ ରୂପ ହେଉଛି ଶୈଳପୁତ୍ରୀ। ହିମାଳୟର ଝିଅ ଭାବରେ ଜନ୍ମ ହେତୁ ପାର୍ବତରାଜ ଦେବୀ ଶୈଳପୁତ୍ରୀଙ୍କ ନାମରେ ପ୍ରସିଦ୍ଧ । ଦେବୀଙ୍କର ଏହି ରୂପ ଇଚ୍ଛାଶକ୍ତି ଏବଂ ଆତ୍ମ-ଶକ୍ତି ପ୍ରଦର୍ଶନ କରେ ଏବଂ ଏହା ପାଇଁ ପ୍ରେରଣା ଦିଏ । ସତୀ ଦାହଙ୍କ ଘଟଣା ପରେ, ଆଦିଶକ୍ତି ପୁଣିଥରେ ମହାଦେବଙ୍କ ଅର୍ଧାଙ୍ଗିନୀ ହେବା ପାଇଁ ଆତ୍ମ-ଶକ୍ତି ପ୍ରଦର୍ଶନ କଲେ ଏବଂ ଜନ୍ମ ହେବା ପରେ ପୁନର୍ବାର ତପସ୍ୟା କରି ମହାଦେବଙ୍କୁ ପ୍ରାପ୍ତ କଲେ । ଦେବୀଙ୍କର ଏହି ମାନବ ରୂପ ଦର୍ଶାଏ ଯେ ମନୁଷ୍ୟର ସକରାତ୍ମକ ଇଚ୍ଛା ହେଉଛି ଭଗବତୀଙ୍କ ଶକ୍ତି। ନବରାତ୍ରୀ ପୂଜାର ପ୍ରଥମ ଦିନରେ ଶୈଳପୁତ୍ରୀ ଙ୍କୁ ପୂଜା କରାଯାଏ । ପୂଜାପାଠର ପ୍ରଥମ ଦିନରେ ଯୋଗୀମାନେ ସେମାନଙ୍କର ମନକୁ ମୁଳାଧରା ଚକ୍ରରେ ସ୍ଥିର ରଖନ୍ତି।

ଦ୍ୱିତୀୟ ବ୍ରହ୍ମଚାରିଣୀ-
ଦେବୀଙ୍କର ଅନ୍ୟ ଏକ ରୂପ ହେଉଛି ବ୍ରହ୍ମଚାରିଣୀ । ବ୍ରହ୍ମାଙ୍କ ଇଚ୍ଛା ଏବଂ ତପୃରତା ପ୍ରଦର୍ଶନ କରୁଥିବା ଏହି ଦେବୀ ତ୍ୟାଗର ଏକ ପ୍ରତୀକ । ବ୍ରହ୍ମଚରିଣୀ ଦେବୀଙ୍କର ରୂପ ସଂପୂର୍ଣ୍ଣ ଉଜ୍ଜ୍ୱଳ ଏବଂ ଅତ୍ୟନ୍ତ ମହାନ୍ । ମା ଦୁର୍ଗାଙ୍କର ଏହି ଧର୍ମ ଭକ୍ତ ଏବଂ ସିଦ୍ଧଙ୍କୁ ଅସୀମ ଫଳ ଯୋଗାଏ। ଉପାସନା, ବ୍ରତ, ତ୍ୟାଗ, ବିଚ୍ଛିଉତା, ଗୁଣ ଏବଂ ସଂଯମତାକୁ ବଢାଏ । ନବଦୁର୍ଗାର ଦ୍ୱିତୀୟ ଦିନରେ, ସାଧକଙ୍କ ମନ ସ୍ୱଧିଷ୍ଠାନ ଚକ୍ରରେ ଅବସ୍ଥିତ ରହିଥାଏ ।

ତୃତୀୟ ଚନ୍ଦ୍ରଘଣ୍ଟା -
ଚନ୍ଦ୍ରଘଣ୍ଟା ହେଉଛି ମା ଦୁର୍ଗାଙ୍କର ତୃତୀୟ ଶକ୍ତି । ଘଣ୍ଟା ଆକୃତିର ଚନ୍ଦ୍ର ମା'ର କପାଳରେ ସଜ୍ଜିତ ।ଏହା ହେଉଛି ସେମାନଙ୍କ ନାମର ଆଧାର। ଦେବୀ ଏକାଗ୍ରତାର ପ୍ରତୀକ ଏବଂ ସ୍ୱାସ୍ଥ୍ୟର ଉନ୍ନତି । ବାସ୍ତବରେ, ଧ୍ୱନି ହେଉଛି ବ୍ରହ୍ମାଣ୍ଡର ଚାଳକ ଶକ୍ତି । ଏହା ଓମକାରର ଉତ୍ସ ଏବଂ ସୃଷ୍ଟିର ପ୍ରଥମ ଧ୍ୱନି । ଘଣ୍ଟା ଧ୍ୱନି ସବୁ ଶବ୍ଦର ଶୁଦ୍ଧ ଏବଂ ଶାନ୍ତ ଅଟେ । ଏହା ଶକ୍ତି ବୃଦ୍ଧି କରିଥାଏ । ଯେଉଁମାନେ ଏକାଗ୍ର ହେବାକୁ ଅସମର୍ଥ, କ୍ରୋଧିତ ପ୍ରକୃତି ଏବଂ ମନ ବିଚଳିତ, ମା ଚନ୍ଦ୍ରଘଣ୍ଟା ଙ୍କ ଆଶ୍ରୟ ନିଅନ୍ତୁ ।

ଚତୁର୍ଥ କୁଷ୍ମାଣ୍ଡା : ଜନନୀ ସ୍ୱରୂପ
ମାତାର ଏହି ରୂପ ବ୍ରହ୍ମାଣ୍ଡକୁ ସୃଜନ କରେ । ତାଙ୍କର ଧୀର, ମୃଦୁ ହସ ଦ୍ୱାରା ବ୍ରହ୍ମାଣ୍ଡର ସୃଷ୍ଟି ହେତୁ ତାଙ୍କୁ କୁଷ୍ମାଣ୍ଡା ନାମ ଦିଆଗଲା । ଏହି ଦିନ ସାଧକଙ୍କ ମନ ଅନାହାଜ ଚକ୍ରରେ ଅବସ୍ଥିତ । ତେଣୁ, ଏକ ଶୁଦ୍ଧ ମନ ସହିତ, ଉପାସନା କାର୍ୟ୍ୟରେ ନିୟୋଜିତ ହେବା ଉଚିତ। ମାତାଙ୍କୁ ପୂଜା କରିବା ଦ୍ୱାରା ରୋଗ ଏବଂ ବ୍ୟାଧି ନଷ୍ଟ କରିଥାଏ । ଦେବୀ ନବସୃଜନ ଏବଂ ସୃଷ୍ଟିର ଶକ୍ତିର ପ୍ରତୀକ। ଯେଉଁମାନେ ସେମାନଙ୍କର ସାଂସାରିକ, ଅଲୌକିକ ପ୍ରଗତି ଚାହୁଁଛନ୍ତି, ସେମାନେ ମାଙ୍କୁ ପୂଜା କରିବା ଉଚିତ।

ପଞ୍ଚମ ସ୍କନ୍ଦମାତା : ମା ଦୁର୍ଗାଙ୍କର ଏହି ପଞ୍ଚମ ରୂପକୁ ସ୍କନ୍ଦମାତା କୁହାଯାଏ ।ପଞ୍ଚମ ଦିନରେ ସାଧକଙ୍କ ମନ ବିଷ୍ଣୁ ଚକ୍ରରେ ଅବସ୍ଥିତ । ଦେବୀ କମଲାସାନା ଉପରେ ବସିଛନ୍ତି ଏବଂ ଏହି ରୂପରେ ଭଗବାନ ବିଷ୍ଣୁଙ୍କର ପାଳିତ ଶକ୍ତି । ତାଙ୍କର ପ୍ରେରଣା ହେତୁ ଶ୍ରୀ ସତ୍ୟନାରାୟଣ ଭକ୍ତମାନେ ଭାଟସାଲ ଏବଂ ପିତାଙ୍କ ସହ ସମାନ ଅଟନ୍ତି। ଦେବୀଙ୍କର ଏହି ରୂପ ମନରେ ଶୀତଳତା ଏବଂ ଦୟା ଏବଂ ନିର୍ଭୀକତାର ପ୍ରତୀକ ।

ଷଷ୍ଠ କାତ୍ୟାୟନୀ : ମା ଦୁର୍ଗାଙ୍କର ଏହି ଷଷ୍ଠ ରୂପ ହେଉଛି କାତ୍ୟାୟନୀ ଏବଂ ଯାହା ଗୌରବ ପ୍ରଦାନ କରେ ।ଦେବୀଙ୍କ ଏହି ନାମ ପଛର କାରଣ ହେଉଛି ଋଷି କାତ୍ୟାୟନ ଙ୍କ ଘରେ ଜନ୍ମ । ତାଙ୍କର ଝିଅ ହୋଇଥିବାରୁ ତାଙ୍କୁ କାତ୍ୟାୟନୀ କୁହାଯାଏ । ଏହି ଧର୍ମ ପରିଶ୍ରମର ପ୍ରତୀକ ଏବଂ ମହିଳା ଜାତିଙ୍କୁ ପ୍ରେରଣା ଦିଏ ଯେ ସେ ମଧ ଦୟା, ଉତ୍ତମତା ଏବଂ ବଳିଦାନ ଭଳି ଗୁଣ ସହିତ ବୀରାଙ୍ଗନା ଅଟନ୍ତି । ଅବଶ୍ୟ କୌଣସି ରୂପରେ ନୁହଁନ୍ତି । ଦେବୀ ଏହି ରୂପରେ ଶୁମ୍ଭ ନିଶୁମ୍ଭ ଏବଂ ରାକ୍ତବିଜଙ୍କ ପରି ରାକ୍ଷାସ ମାନଙ୍କୁ ହତ୍ୟା କରିଥିଲେ।

ସପ୍ତମ କାଳରାତ୍ରୀ: ଅନ୍ଧକାରରେ ଆଶାର କିରଣ ଏଭଂ ଅଭୟ ଦେଉଥିବା ମା ଦୁର୍ଗାଙ୍କର ଏହି ରୂପକୁ କାଳରାତ୍ରୀ ବୋଲି କୁହାଯାଏ । ଭୟଙ୍କର ରୂପ ସ□ ଶୁଭ ଫଳାଫଳ ଦେଉଥିବା ଦେବୀଙ୍କୁ ଶୁଭଙ୍କାରୀ ନାମରେ ପୂଜା କରାଯାଏ। ସପ୍ତମ ଦିନରେ ସାଧକଙ୍କ ମନ ସାହସର ଚକ୍ରରେ ଅବସ୍ଥିତ ।ତାଙ୍କ ପାଇଁ ବ୍ରହ୍ମାଣ୍ଡର ସମସ୍ତ ସଫଳତାର ଦ୍ୱାର ଖୋଲିବା ଆରମ୍ଭ କରେ । ଦେବୀଙ୍କର ଏହି ଭୟଙ୍କର ରୂପ ହେଉଛି ଶିବଙ୍କର ବିନାଶ ଧର୍ମର ପ୍ରେରଣା । ମା କାଳରାତ୍ରୀ ଦୁଷ୍ଟମାନଙ୍କର ବିନାଶକରିଥାନ୍ତି।

ଅଷ୍ଟମ ମହାଗୌରୀ: ମା ଦୁର୍ଗାଙ୍କର ମହାଗୌରୀ ରୂପ ଅଷ୍ଟମ ଦିନରେ ପୂଜା କରାଯାଏ । ମହାଗୌରୀ ହେଉଛନ୍ତି ଯିଏ ଧଳା ରଙ୍ଗର ପୋଷାକ ପିନ୍ଧନ୍ତି ଏବଂ ଗୌର ରଙ୍ଗର ଦେବୀ ଅଟନ୍ତି, ତେଣୁ ତାଙ୍କୁ ମହାଗୌରୀ କୁହାଯାଏ । ଦେବୀଙ୍କର ଏହି ରୂପ ହେଉଛି ଶିବପ୍ରିୟା ସ୍ୱରୂପ ଯିଏ କୈଳାସ ରେ ତାଙ୍କ ସହିତ ସିଂହାସନରେ ବସିଛନ୍ତି । ନିର୍ଭୀକତାର ଦେବୀ, ଦୟା ଏବଂ ପ୍ରେମର ପ୍ରତିମା, ଏବଂ ଉତ୍ତମ ଫଳ ପ୍ରଦାନ କରୁଥିବା ଦେବୀ ଅସଫଳ ଏବଂ ଫଳପ୍ରଦ ଅଟନ୍ତି। ତାଙ୍କୁ ପୂଜା କରି ଭକ୍ତମାନଙ୍କର ସମସ୍ତ ପାପ ଧୋଇଯାଏ ।

ନବମ ସିଦ୍ଧିଦାତ୍ରୀ: ସିଦ୍ଧିଦାତ୍ରୀ ମା ଦୁର୍ଗାଙ୍କର ନବମ ଶକ୍ତି, ସମସ୍ତ ସିଦ୍ଧଙ୍କର ଗୁରୁ। ନାମରୁ ଏହା ସ୍ପଷ୍ଟ ଯେ ସେ ସବୁ ପ୍ରକାରର ସିଦ୍ଧଙ୍କର ଶ୍ରେଷ୍ଠ ଅଟନ୍ତି । ନା ଦୁର୍ଗମାନଙ୍କ ମଧ୍ୟରେ ମା ସିଦ୍ଧିଦତ୍ରୀ ଶେଷ ଅଟନ୍ତି । ତାଙ୍କୁ ପୂଜା କରିବା ପରେ ଭକ୍ତମାନଙ୍କର ସମସ୍ତ ଇଚ୍ଛା ପୂରଣ ହୁଏ । ଦେବୀଙ୍କ ପାଇଁ ନିର୍ମିତ ନୈବେଦ୍ୟର ଥାଳିରେ ଭୋଗର ଜିନିଷ ରଖି ପ୍ରାର୍ଥନା କରିବା ଉଚିତ।

## କେଶ ଝଡୁଥିଲେ ଆପଣାନ୍ତୁ ମେଥି

ଦିନକୁ ଦିନ ବଦଳୁଥିବା ଜୀବନଶୈଳୀ, ଖାଦ୍ୟ, ପ୍ରଦୂଷଣ, ଧୂଳି କେବଳ ସ୍ୱାସ୍ଥ୍ୟ ଏବଂ ଚର୍ମ ଉପରେ ପ୍ରଭାବ ପକାଇ ନଥାଏ, ବରଂ ଏଥିପାଇଁ କେଶ ସମସ୍ୟା ମଧ ବଢ଼ିବାରେ ଲାଗିଛି ଆଜିକାଲି କେଶ ଝଡ଼ିବା ହେଉ କି କେଶ ଧଳା ପଡିଯିବା ଭଳି ସମସ୍ୟା ଅନେକଙ୍କ ସହ ଘଟୁଛି ବିଶେଷ କରି ଖରାଦିନରେ ରୁପି ସମସ୍ୟା ମଧ ବଢ଼ିଯାଇଥାଏ । ଏହି କେଶ ସମସ୍ୟାରୁ ମୁକ୍ତି ପାଇବା ପାଇଁ ଲୋକମାନେ ଅନେକ ପ୍ରକାରର ସାମ୍ପୁ ବ୍ୟବହାର କରନ୍ତି, କିନ୍ତୁ କେମିକାଲ ଯୋଗୁଁ ଏହା ଲାଭ ଦେବା ବଦଳରେ କେଶର କ୍ଷତି କରିଥାଏ ଯଦି ଆପଣ କେଶ ଝଡ଼ିବା ସମସ୍ୟାକୁ ନେଇ ଚିନ୍ତାରେ ପଡିଯାଇଛନ୍ତି। ତେବେ ଆଜି ଆମେ ଆପଣଙ୍କୁ ଏକ ସ୍ୱତନ୍ତ୍ର ଘରୋଇ ଉପଚାର କହିବାକୁ ଯାଉଛୁ ଏଥିପାଇଁ ଆପଣଙ୍କୁ କେଶରେ ମେଥି ପାଣି ଲଗାଇବାକୁ ପଡିବ । ଏହାଦ୍ୱାରା ଆପଣଙ୍କ କେଶ ଝଡ଼ିବା କମିଯିବା ସହ ପତଳା କେଶ ମୋଟା ହୋଇଯାଇଥାଏ। କାରଣ ମେଥିରେ



ଥିବା ଲୌହର ପରିମାଣ ରକ୍ତ ସଞ୍ଚାଳନକୁ ଠିକ କରିବା ସହ କେଶକୁ ମଜଭୁତ କରିବା ସହ ରୁପିକୁ ମଧ ଦୂରେଇଦେଇଥାଏ କିଭଳି ଓ କେମିତି ବ୍ୟବହାର କରିବେ ?ଏଥିପାଇଁ ସର୍ବପ୍ରଥମେ ଏକ ବଡ଼ ପାତ୍ରରେ ଏକ ଗ୍ଲାସ୍ ପାଣି ନିଅନ୍ତୁ ଏହି ପାଣିରେ ମେଥି ରଖନ୍ତୁ ଏବଂ ରାତିସାରା ଭିଜିବା ପାଇଁ ଛାଡିଦିଅନ୍ତୁ ସକାଳେ ମେଥିକୁ ଅଲଗା କରି ଏହି ପାଣିକୁ ଅଲଗା ପାତ୍ରରେ ରଖନ୍ତୁ । ବର୍ତ୍ତମାନ ଏହି ପାଣିରେ କିଛି ବୁନ୍ଦା କେଶ ତେଲ ମିଶାଇ ଏହି ଜଳକୁ ଏକ ସ୍ପ୍ରେ ବୋତଲରେ ରଖନ୍ତୁ ଆପଣଙ୍କ କେଶରେ ମେଥି ପାଣି ସିଞ୍ଚନ କରିବା ପୂର୍ବରୁ ସାମ୍ପୁ ଲଗାନ୍ତୁ । ସାମ୍ପୁ ଲଗାଇବା ଦ୍ୱାରା କେଶ ମୂଳ ସଫା ହୋଇଯାଇଥାଏ । ଭଲ ଭାବରେ ମୁଣ୍ଡ ଧୋଇବା ପରେ ସେଥିରେ ମେଥି ମିଶା ପାଣି ସ୍ପ୍ରେ କରନ୍ତୁ । ଏହିପରି କେଶକୁ ଅତି କମରେ ୧ ଘଣ୍ଟା ଛାଡିଦିଅନ୍ତୁ । ଏହା ପରେ କେଶକୁ ପାଣିରେ ଧୋଇ ଦିଅନ୍ତୁ ।

## ନବରାତ୍ରରେ ଏଭଳି କାର୍ଯ୍ୟ କରନ୍ତୁ ନାହିଁ

ଶାରଦୀୟ ନବରାତ୍ର ପର୍ବ ହିନ୍ଦୁଧର୍ମର ପ୍ରମୁଖ ପର୍ବ। ନଅ ଦିନ ଯାଏଁ ପାଳନ ହେଉଥିବା ଏହି ପର୍ବ ମା'ଦୁର୍ଗାଙ୍କର ନଅ ସ୍ୱରୂପର ବିଶେଷ ଭାବେ ପୂଜାର୍ଚ୍ଚନା କରାଯାଇଥାଏ। ଏହି ସମୟରେ ଏପରି କିଛି କାର୍ଯ୍ୟ ରହିଛି ଯାହା କରିବା ଅନୁଚିତ ଓ ସେହି ଦିଗ ପ୍ରତି ବିଶେଷ ଧ୍ୟାନ ରଖିବା ମଧ ଆବଶ୍ୟକ ଅଟେ। ନବରାତ୍ର ସମୟରେ ଘରେ କଳସ ସ୍ଥାପନା କରାଯିବା ସହ ଅଖଣ୍ଡ ଜ୍ୟୋତି ମଧ ପ୍ରଜ୍ୱଳନ କରାଯାଏ। ଘରେ ଭଜନ କିର୍ତ୍ତନର ଆୟୋଜନ କରାଯାଏ। ତେଣୁ ଏହି ସମୟରେ ଘରକୁ ଛାଡ଼ି ଅନ୍ୟ କେଉଁ ସ୍ଥାନକୁ



ଯାଆନ୍ତୁ ନାହିଁ। ନବରାତ୍ର ସମୟରେ ଖାଦ୍ୟରେ ପିଆଜ, ରସୁଣ ଓ ଆମିଷ ଖାଆନ୍ତୁ ନାହିଁ। ନବରାତ୍ର ବ୍ରତ ସମୟରେ ନଅ ଦିନ ପର୍ଯ୍ୟନ୍ତ ଖାଦ୍ୟରେ ଅନ୍ନ ଓ ଲୁଣ ସେବନ କରନ୍ତୁ ନାହିଁ। ଏହି ସମୟରେ ପାଣି ସିଙ୍ଗଡାର ଅଟା, ସାବୁଦାନା, ଫଳ, ଆଳୁ, ବାଦାମ ଆଦି ଖାଇପାରିବେ। ବ୍ରତ ପାଳନ କରୁଥିବା ଭକ୍ତ ଚମଡାର ବେଲ୍ଟ, ଚପଲ, ପର୍ସ ଆଦିର ବ୍ୟବହାର କରନ୍ତୁ ନାହିଁ। ନବରାତ୍ର ବ୍ରତର ନିୟମ ଅନୁଯାୟୀ, ବ୍ରତ ପାଳନ କରୁଥିବା ଭକ୍ତ କେଶ, ଦାଢି ଆଦି କାଟନ୍ତୁ ନାହିଁ। ଏହି ସମୟରେ ନଖ କାଟନ୍ତୁ ନାହିଁ। ନବରାତ୍ରରେ ବ୍ରତର ନିୟମ ଅନୁଯାୟୀ, ବ୍ରତ ପାଳନ କରୁଥିବା ଭକ୍ତ କଳାରଙ୍ଗର ପୋଷାକ ଧାରଣ କରନ୍ତୁ ନାହିଁ। ଦିନ ସମୟରେ ଶୁଅନ୍ତୁ ନାହିଁ। ଖଟରେ ମଧ ଶୁଅନ୍ତୁ ନାହିଁ। ଏହାସହ ମା'ଙ୍କ ପୂଜା ସମର୍ପଣର ଭାବନାରେ କରନ୍ତୁ।

# ଅତିଥି ଦେବୋ ଭବ

ଭାରତୀୟ ସଂସ୍କୃତିରେ ଅଛି- ଗୃହସ୍ଥଙ୍କୁ ପ୍ରତିଦିନ ପା□ଟି ଯଜ୍ଞ କରିବାକୁ ପଡ଼ିବ। ସେଥିମଧ୍ୟରୁ ଗୋଟିଏ ହେଉଛି ନୃଯଜ୍ଞ ବା ଅତିଥିସେବା। ଘରକୁ କେହି ଅତିଥି ଆସିଲେ ତାଙ୍କୁ ଦେବତା ଜ୍ଞାନ କରି ସେବା-ସତ୍କାର କରିବା ହେଉଛି ଗୃହସ୍ଥର ଧର୍ମ। ଅତିଥିଙ୍କୁ କିପରି ସତ୍କାର କରାଯାଏ ତାହା ଭଗବାନ୍ ଶ୍ରୀକୃଷ୍ଣ ଓ ମହାତ୍ମା ବିଦୁରଙ୍କଠାରୁ ଶିଖିବା କଥା। ସୁଦାମା ଆସିଛନ୍ତି ବୋଲି ଶୁଣି ଶ୍ରୀକୃଷ୍ଣ ଖାଲିପାଦରେ ଦେଢ଼ିଯାଇଥିଲେ ତାଙ୍କୁ ପାଛୋଟି ଆଣିବା ପାଇଁ। ସେହିପରି ଭଗବାନ୍ ଶ୍ରୀକୃଷ୍ଣଙ୍କୁ ଅତିଥିରୂପେ ପାଇ ବିଦୂର ନିଜର ସାମର୍ଥ୍ୟ ଅନୁଯାୟୀ ତାଙ୍କର କିପରି ଆଦର-ଆପ୍ୟାୟନା କରିଥିଲେ ତାହା ମହାଭାରତରେ ବର୍ଣ୍ଣିତ। ଅତିଥିଙ୍କୁ ଖାଇବାକୁ ନ ଦେଇ ଗୃହସ୍ଥ ନିଜେ ଖାଉ ନ ଥିଲେ। ଯଦି ଖାଇବା ସମୟରେ ଅତିଥି ପହଞ୍ଚିଯାନ୍ତି, ତେବେ ନିଜର ଭୋଜନ ଅତିଥିଙ୍କୁ ଦେଇ ଗୃହସ୍ଥ ଉପବାସରେ ରହିଯାଉଥିଲେ। ସେହି 'ଅତିଥି ଦେବୋ ଭବ'ର ମାନ୍ୟତା ଭାରତରେ କାହିଁ କେବେଠୁ ରହି ଆସିଛି, ଯାହା ଏବେ ଅବକ୍ଷୟିତ ହେବାକୁ ବସିଲାଣି। ଏବେ ତ ଘରକୁ ଅତିଥି ଆସନ୍ତୁ ବୋଲି ଲୋକେ ଚାହୁଁନାହାନ୍ତି ।ସେଥିପାଇଁ ଘର ଦୁଆରମୁହଁରେ ଗୋଟେ କୁକୁର ବାନ୍ଧି ବାହାରେ ମାରିଦେଉଛନ୍ତି 'କୁକୁର ପ୍ରତି ସାବଧାନ'ର ଫଳକ। ଭାଗବତରେ ଅଛି-

''ଯା' ପୁରୁ ଅତିଥି ବାହୁଡ଼େ । ସେ ପ୍ରାଣୀ ପ୍ରେତ ମୁଖେ ପଡ଼େ ।
ତା'ର ସଞ୍ଚିଲା ପୁଣ୍ୟ ଯେତେ । ଗମନ୍ତି ଅତିଥି ସଙ୍ଗତେ '' (ଅଷ୍ଟମ ସ୍କନ୍ଧ : ପଞ୍ଚଦଶ ଅଧ୍ୟାୟ)

ଅର୍ଥାତ ଘରକୁ ଆସିଥିବା ଅତିଥିଙ୍କୁ ନାରାୟଣ ସଦୃଶ ମନେକରି ତାଙ୍କୁ ଆଦର ଓ ସମ୍ମାନର ସହ ସ୍ୱାଗତ କରାଯିବା ଉଚିତ। ଅତିଥି ବିନା ସତ୍କାରରେ ଘରୁ ଫେରିଗଲେ ଗୃହସ୍ଥ ପ୍ରେତର କବଳିତ ହୁଅନ୍ତି। ଗୃହସ୍ଥର ଯେତେ ସଞ୍ଚିତ ପୁଣ୍ୟ ଥାଏ, ଅତିଥି ଗଲାବେଳେ ସେହି ପୁଣ୍ୟସବୁ ତାଙ୍କ ସାଙ୍ଗରେ ଚାଲିଯାଏ। ଏଣୁ ଅତିଥିସେବା ଆମ ହିନ୍ଦୁ ତଥା ଭାରତୀୟ ପରମ୍ପରାର ଅଙ୍ଗ ହୋଇଆସିଛି।

ଅତିଥି ଘରକୁ ଆସିବା ବେଳେ ତାଙ୍କ ପାଦ ଧୋଇଦେଇ ଆସନରେ ବସାଯାଉଥିଲା। ଜଳ, ତାମ୍ବୁଳ ଆଦି ଯାହା ଦରକାର ଦିଆଯାଉଥିଲା। ପଥଶ୍ରାନ୍ତ ହୋଇ ଆସିଥିଲେ, ତାଙ୍କର ପାଦ ମର୍ଦ୍ଦନ କରିବା ସହ ବ୍ୟଜନ କରାଯାଉଥିଲା। ଖାଇବାକୁ ଦେବା ବେଳେ ପଚାରି ଓ ନ ପଚାରି ଖାଇବାକୁ ଦିଆଯାଉଥିଲା। ଅନେକ ସମୟରେ ଲଜ୍ଜାବଶତଃ ଅତିଥି ଅଧିକ ଖାଇବାକୁ ଇଚ୍ଛା ଥିଲେ ମନା କରିପାରନ୍ତି। ସେଥିପାଇଁ ଅତିଥି ମନା କଲେ ବି ତାଙ୍କୁ ଆଉ ଖାଇବାକୁ ଦିଆଯାଉଥିଲା। କେତେବେଳେ ଆଉ ଖାଇବାକୁ ଦିଆଯିବ ନାହିଁ, ସେ ସମ୍ପର୍କରେ ଗୋଟିଏ ଭଲ ଶାସ୍ତ୍ରବଚନ ଅଛି-

''ହୁହୁ ଦେୟଂ ହାହା ଦେୟଂ ଦେୟଂ ମସ୍ତକଚାଳନେ ।
ବ୍ୟାଘ୍ରବ୍ ଲୁଣ୍ଠନେ ଦେୟଂ ନ ଦେୟଂ ପତ୍ରଲୁଣ୍ଠନେ।''

ଅର୍ଥା, ଆଉ ଖାଇବାକୁ ଦେବି କି ବୋଲି ପଚାରିଲେ ଅତିଥି ଯଦି ଉହୁଁ (ହୁହୁ) କହି ମନା କରନ୍ତି, ତେବେ ଖାଇବାକୁ ଦବ। ଯଦି ସେ ହାଁହାଁ ବା ଥାଉ ଥାଉ (ହାହା) କହି ମନା କରନ୍ତି, ତେବେ ଖାଇବାକୁ ଦେବ। କାରଣ ଏ ହୁଁହୁଁ ଓ ହାଁହାଁ ଭିତରେ ଅସ୍ପଷ୍ଟ ସମ୍ମତି ଅଛି। ଯଦି ସେ ମସ୍ତକଚାଳନା କରି ବା ମୁଣ୍ଡ ହଲେଇ ମନା କରନ୍ତି ତେବେ ତାଙ୍କୁ ଖାଇବାକୁ ଦେବ। ବ୍ୟାଘ୍ରବ୍ ଲୁଣ୍ଠନେ ଦେୟଂ- ମାନେ ବାଘ ଯେପରି ତା' ଶିକାର ଉପରେ ହାତ ପରି ବ୍ୟବହାର କରୁଥିବା ଆଗ ଦୁଇଗୋଡ଼ର ପଞ୍ଝାଗୁଡ଼ିକ ମେଲାଇ ଝାମ୍ପିପଡ଼େ, ଅତିଥି ଯଦି ସେମିତି ନିଜର ଦୁଇ ହାତକୁ ଖାଦ୍ୟଥାଳି ଉପରେ ଘୋଡ଼େଇ ଆଉ ଦେବାକୁ ମନା କରନ୍ତି, ତେବେ ବି ତାଙ୍କୁ ଆଉ ଦେବୟ ତା'ହେଲେ କେତେବେଳେ ଦବନି ? ନ ଦେୟଂ ପତ୍ରଲୁଣ୍ଠନେ- ମାନେ ଅତିଥି ଯଦି ପତ୍ରଟିକୁ ଓଲଟେଇ ଦିଅନ୍ତି ବା ଭାଙ୍ଗିଦିଅନ୍ତି ବା ଉଠେଇ ଦିଅନ୍ତି, ତେବେ ଆଉ ଦବନାହିଁ ।ଅତିଥିଙ୍କୁ ଆସନରେ ବସେଇ ଶ୍ରଦ୍ଧାର ସହ ତାଙ୍କ ପୂର୍ଣ୍ଣ ତୃପ୍ତି ପର୍ଯ୍ୟନ୍ତ ଖାଇବାକୁ ଦେବା ହେଉଛି ଆମର ପରମ୍ପରା। କିନ୍ତୁ ଦୁଃଖର ସହ କହିବାକୁ ପଡୁଛି ଯେ ଆଜିର 'ବଫେ' ଯୁଗରେ ଅତିଥିଙ୍କର କେଣସି ସମ୍ମାନ ନାହିଁୟ ତାଙ୍କୁ ଧାଡ଼ିରେ ଠିଆହୋଇ ମାଗି ଖାଇବାକୁ ପଡୁଛି। କିଛି ମର୍ଯ୍ୟାଦାବନ୍ତ ଲୋକ ବନ୍ଧୁତା ରକ୍ଷା କରି ଏପରି ଭୋଜିକୁ ଯାଉଛନ୍ତି ସିନା କିନ୍ତୁ ନ ଖାଇ ଫେରୁଛନ୍ତି। ସେ ଖାଇଲେ କି ନ ଖାଇଲେ ଗୃହକର୍ତ୍ତା ବି ଅନେକ ସମୟରେ ଜାଣିପାରନ୍ତି ନାହିଁ କି ପଚାରି ବୁଝନ୍ତି ନାହିଁ। ତେବେ ଅଜଣା-ଅଶୁଣା ଯେକେଣସି ଲୋକକୁ ଅତିଥି-ଜ୍ଞାନ କରି ଭୁଲ୍ କରିବା ଉଚିତ ନୁହେଁ। ଶାସ୍ତ୍ର କହେ- 'ଅଜ୍ଞାତକୁଳଶୀଳସ୍ୟ ବାସୋ ନ ଦେୟଃ କସ୍ୟଚି'। ଯାହାର କୁଳ କି ସ୍ୱଭାବ ଜଣାନାହିଁ, ତାକୁ ଘରକୁ ସ୍ୱାଗତ କଲେ ବା ଘରେ ଆଶ୍ରୟ ଦେଲେ ସେ କଳାକନା ବୁଲେଇ ଦେଇପାରନ୍ତି। ଆଜିକାଲି ସନ୍ୟାସୀ-ଭେକଧାରୀ ରୋହିଙ୍ଗ୍ୟା ମୁସଲମାନ ବି ବୁଲୁଛନ୍ତି। ସେମାନଙ୍କଠାରୁ ସାବଧାନ ରହିବା ଉଚିତ। ଏହିପରି ଅତିଥିଙ୍କୁ ଆସନରେ ବସେଇ ଶ୍ରଦ୍ଧାର ସହ ତାଙ୍କ ପୂର୍ଣ୍ଣ ତୃପ୍ତି ପର୍ଯ୍ୟନ୍ତ ଖାଇବାକୁ ଦେବା ହେଉଛି ଆମର ପରମ୍ପରା। କିନ୍ତୁ ଦୁଃଖର ସହ କହିବାକୁ ପଡୁଛି ଯେ ଆଜିର 'ବଫେ' ଯୁଗରେ ଅତିଥିଙ୍କର କେଣସି ସମ୍ମାନ ନାହିଁ। ତାଙ୍କୁ ଧାଡ଼ିରେ ଠିଆହୋଇ ମାଗି ଖାଇବାକୁ ପଡୁଛି। କିଛି ମର୍ଯ୍ୟାଦାବନ୍ତ ଲୋକ ବନ୍ଧୁତା ରକ୍ଷା କରି ଏପରି ଭୋଜିକୁ ଯାଉଛନ୍ତି ସିନା କିନ୍ତୁ ନ ଖାଇ ଫେରୁଛନ୍ତି। ସେ ଖାଇଲେ କି ନ ଖାଇଲେ ଗୃହକର୍ତ୍ତା ବି ଅନେକ ସମୟରେ ଜାଣିପାରନ୍ତି ନାହିଁ କି ପଚାରି ବୁଝନ୍ତି ନାହିଁ। ତେବେ ଅଜଣା-ଅଶୁଣା ଯେକେଣସି ଲୋକକୁ ଅତିଥି-ଜ୍ଞାନ କରି ଭୁଲ୍ କରିବା ଉଚିତ ନୁହେଁୟ ଶାସ୍ତ୍ର କହେ- 'ଅଜ୍ଞାତକୁଳଶୀଳସ୍ୟ ବାସୋ ନ ଦେୟଃ କସ୍ୟଚି'। ଯାହାର କୁଳ କି ସ୍ୱଭାବ ଜଣାନାହିଁ, ତାକୁ ଘରକୁ ସ୍ୱାଗତ କଲେ ବା ଘରେ ଆଶ୍ରୟ ଦେଲେ ସେ କଳାକନା ବୁଲେଇ ଦେଇପାରନ୍ତି।

## ଚଣ୍ଡୀମାତାଙ୍କୁ ପୂଜା

ଦୁର୍ଗତୀନାଶିନୀ ମା' ଦୁର୍ଗାଙ୍କ କ୍ରୋଧମୟ ସ୍ୱରୂପ ହେଉଛନ୍ତି ମହାଶକ୍ତି ଚଣ୍ଡୀ । 'ଚଣ୍ଡ' ବା 'ଚଡି' ଧାତୁ ସହିତ 'ଈପ୍' ବା 'ଡୀଷି' ପ୍ରତ୍ୟୟ ଯୋଗ ହୋଇ 'ଚଣ୍ଡୀ' ଶବ୍ଦର ସୃଷ୍ଟି ହୋଇଛି



। ସାଧାରଣରେ ଏହି ଶବ୍ଦର ଅର୍ଥ ହେଉଛି କୋପମୟୀ, କ୍ରୁଦ୍ଧା । ବ୍ରହ୍ମସ୍ୱରୂପିଣୀ ମାତା ଦୁର୍ଗା ଶୁମ୍ଭ ଅସୁର ଏବଂ ଚଣ୍ଡ ଓ ମୁଣ୍ଡକୁ ବଧ କରିବା ଲାଗି କୋପମୟୀ ସ୍ୱରୂପ ଧାରଣ କରିଥିଲେ । ସେଥିପାଇଁ ସେ ଚଣ୍ଡୀ ନାମରେ ପରିଚିତ ହେଲେ । ଚଣ୍ଡିକା ମାତାଙ୍କ ପୂଜା କରିବା ଦ୍ୱାରା ଭକ୍ତ ସ୍ୱର୍ଗ ସୁଖ ଭୋଗ କରିଥାଏ ଏବଂ ମୋକ୍ଷ ଲାଭ କରିଥାଏ । ପ୍ରତିଦିନ ଚଣ୍ଡିକା ପୂଜା କରିବାର ପୁଣ୍ୟ ଫଳକୁ ସ୍ୱୟଂ ବ୍ରହ୍ମା ସୁଦ୍ଧା ନିର୍ଣ୍ଣୟ କରିପାରିବେ ନାହିଁ । ଚଣ୍ଡି ପୂଜା ମନୁଷ୍ୟକୁ ଲକ୍ଷ୍ମୀବନ୍ତ କରିଥାଏ । ଚଣ୍ଡୀଙ୍କୁ ପୂଜା କରି ମନୁଷ୍ୟ ମୁକ୍ତି ଲାଭ କରିଥାଏ । ନୀଳକମଳ ପୁଷ୍ପ ଅର୍ପଣ କରି ଚଣ୍ଡୀ ମାତାଙ୍କୁ ପୂଜା କରିବା ଦ୍ୱାରା ମନୁଷ୍ୟ ନାନାଲୋକ ପ୍ରାପ୍ତ କରିଥାଏ । ପଞ୍ଚଗବ୍ୟ ଦ୍ୱାରା ଚଣ୍ଡୀମାତାଙ୍କ ପ୍ରତିମୂର୍ତ୍ତିକୁ ସ୍ନାନ କରାଇ ପୂଜା କଲେ ମନୁଷ୍ୟ ସୁରଭି ଲୋକ ପ୍ରାପ୍ତ କରିଥାଏ । ଉତ୍ତରାୟଣରେ ଚଣ୍ଡୀ ପୂଜା କଲେ ବହୁପୁତ୍ର, ପୁତ୍ରବଧୂ ଓ ଧନପ୍ରାପ୍ତ ହୋଇଥାଏ । ଚଣ୍ଡୀ ଦର୍ଶନ ଅତ୍ୟନ୍ତ ପବିତ୍ର ଅଟେ । ଅହିଂସା ଭାବ ନେଇ ଦେବୀ ପୂଜା କଲେ ଶ୍ରେଷ୍ଠ ଫଳ ମିଳିଥାଏ । ଶାରଦୀୟ ପୂଜା ଅବସରରେ ଚଣ୍ଡୀମାତାଙ୍କୁ ପୂଜା କରୁଥିବା ମନୁଷ୍ୟର ମୁକ୍ତି ସୁନିଶ୍ଚିତ । ଏପରି ମନୁଷ୍ୟ ମୃତ୍ୟୁ ପରେ ଚଣ୍ଡୀଲୋକରେ ସ୍ଥାନ ପାଏ ତଥା ଚିରକାଳ ପର୍ଯ୍ୟନ୍ତ ସୁଖ ଭୋଗ କରିଥାଏ । ଚଣ୍ଡୀମାତାଙ୍କ ମଣିମୟୀ ମୂର୍ତ୍ତି ପୂଜା କଲେ ଭକ୍ତ ପରମଗତି ଲାଭ କରିଥାଏ । ଶାସ୍ତ୍ରରେ କୁହାଯାଇଛି, ଶମ୍ଭୁ, ବିଷ୍ଣୁ, କୁବେର, ବାୟୁ, ଅଗ୍ନି, ବସୁ, ଅଶ୍ୱିନୀ କୁମାର, ବିଶ୍ୱଦେବ, ବରୁଣ, ସୂର୍ଯ୍ୟ, ଗ୍ରହ, ପିତର, ପିଶାଚ ଆଦି ମଧ ଚଣ୍ଡୀଙ୍କ ବିଭିନ୍ନ ସ୍ୱରୂପକୁ ପୂଜା କରିଥାନ୍ତି ।

# ମୁଖ୍ୟ ସଚିବଙ୍କ ଅଧ୍ୟକ୍ଷତାରେ ରାଜ୍ୟ ବ୍ରଡବ୍ୟାଣ୍ଡ ବୈଠକ

**ଭୁବନେଶ୍ୱର,୧୨।୧୦ (ମହାଭାରତ):** ମୁଖ୍ୟ ଶାସନ ସଚିବ ଶ୍ରୀମତୀ ଅନୁଗର୍ଗଙ୍କ ଅଧ୍ୟକ୍ଷତାରେ ଲୋକସେବା ଭବନଠାରେ ଅଷ୍ଟମ ରାଜ୍ୟ ବ୍ରଡବ୍ୟାଣ୍ଡ କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି। ଓଡ଼ିଶାରେ ନିର୍ଭର ଯୋଗ୍ୟ ମୋବାଇଲ୍ ନେଟଓ୍ୱର୍କ ଓ ଉଚ୍ଚକ୍ଷମତା ସମ୍ପନ୍ନ ବ୍ରଡବ୍ୟାଣ୍ଡ ଯୋଗର ବିସ୍ତାର ସହ କାର୍ଯ୍ୟାନ୍ୱୟନରେ ରହିଥିବା ବିଭିନ୍ନ ସମସ୍ୟାର ସମନ୍ୱିତ ସମାଧାନ ଉପରେ ବୈଠକରେ ଗୁରୁତ୍ୱ ଦିଆଯାଇଛି।

ରାଜ୍ୟର ନେଟ୍ଓ୍ୱାର୍କ କ୍ଷେତ୍ର ବାହାରେ ଥିବା ଅଞ୍ଚଳରେ ଏବଂ ସୀମାଞ୍ଚଳରେ ମୋବାଇଲ୍ ନେଟଓ୍ୱର୍କ ସଂଯୋଗୀକରଣରେ ରହୁଥିବା ଅସୁବିଧା ଚିହ୍ନଟ କରି ସେହିସବୁ ଅଞ୍ଚଳ ଗୁଡ଼ିକୁ ସମୟସୀମା ମଧ୍ୟରେ ସଂଯୋଗ କରିବା ସହ ଏକ ନିର୍ଦ୍ଦିଷ୍ଟ ସମୟରେ ସୀମାଭିତ୍ତିକ କାର୍ଯ୍ୟ ଯୋଜନା ପ୍ରସ୍ତୁତ କରିବାକୁ ଶ୍ରୀମତୀ ଗର୍ଗ ଦୂର ସଂଚାର ବିଭାଗ, ବିଭିନ୍ନ ସେଲ୍ୟୁଲାର ଅପରେଟର ଓ ବ୍ରଡବ୍ୟାଣ୍ଡ ସେବା ପ୍ରଦାନକାରୀ ସଂସ୍ଥାମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଦୁର୍ବଳ ନେଟଓ୍ୱର୍କ କିମ୍ବା ନେଟଓ୍ୱର୍କ ନଥିବା ଅଞ୍ଚଳରେ ମୋବାଇଲ ସେବା ସମ୍ପର୍କରେ ରାଜ୍ୟ ସରକାରଙ୍କ ନିକଟକୁ ସାଂସଦ, ବିଧାୟକ ଓ ବିଭିନ୍ନ ଜିଲ୍ଲାରୁ ମିଳିଥିବା ଅଭିଯୋଗର ଯାଞ୍ଚ ଓ ଆବଶ୍ୟକ ସଂଶୋଧନାତ୍ମକ ପଦକ୍ଷେପ ନିଆଯିବ। ଗ୍ରାମାଞ୍ଚଳରେ ମୋବାଇଲ୍ ସେବାର ଗୁଣବତ୍ତା ବୃଦ୍ଧି ପାଇଁ ଅଧିକ ଶକ୍ତିଶାଳୀ ସିଗନାଲ ମାନଦଣ୍ଡ ବିଚାର କରିବାକୁ ମଧ୍ୟ ନିର୍ଦ୍ଦେଶ ଦିଆଯାଇଛି।

ଡିଜିଟାଲ ଭାରତନିଧ ଅଧୀନରେ ୪-ଜି ସଂଯୋଗରେ ପରିପୂର୍ଣ୍ଣତା (ସାଚୁରେସନ), ଆକାଂକ୍ଷୀ ଜିଲ୍ଲା ଏବଂ ବାମପନ୍ଥୀ ଉଗ୍ରବାଦ ପ୍ରଭାବିତ ଅଞ୍ଚଳ ଅନ୍ତର୍ଗତ ପ୍ରକଳ୍ପ ଗୁଡ଼ିକର ଅଗ୍ରଗତି ନେଇ ମଧ୍ୟ ଆଲୋଚନା ହୋଇଥିଲା। ଏହି ପ୍ରକଳ୍ପ ଗୁଡ଼ିକ ଦୂରସଂଚାର ବିଭାଗ, ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତି ବିଭାଗ ଏବଂ ଜିଲ୍ଲା ପ୍ରଶାସନର ସମନ୍ୱୟରେ ଆଗେଇ ଚାଲିଛି। ମୋବାଇଲ ଟାୱାର ଗୁଡ଼ିକୁ ସିଧାସଳଖ ରାସ୍ତା ଯୋଗାଯୋଗ ସମ୍ପର୍କିତ ସମସ୍ୟା ଗୁଡ଼ିକୁ ଚଳିତ ଡିସେମ୍ବର ମାସ ସୁଦ୍ଧା ସମାଧାନ କରିବା ସହ ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ଅବଶିଷ୍ଟ କାର୍ଯ୍ୟ ସମାପ୍ତ କରିବାକୁ ସମ୍ପୃକ୍ତ ସଂସ୍ଥାମାନଙ୍କୁ କୁହାଯାଇଛି।

୪-ଜି ସେବା ପ୍ରଦାନରେ ପରିପୂର୍ଣ୍ଣତା ସହ ବର୍ଗ-୫୦୬ ଅଧୀନରେ ମୋବାଇଲ ଟାୱାର ସ୍ଥାପନ ପାଇଁ ବିଏସ୍ଏନ୍ଏଲକୁ ଜମି ସମ୍ପର୍କିତ ଏନଓସି ପ୍ରମାଣପତ୍ର ପ୍ରାଥମିକତା ଭିତ୍ତିରେ ପ୍ରଦାନ କରିବା ଏବଂ ବକେୟା ମାମଲା ଗୁଡ଼ିକର ଶୀଘ୍ର ସମାଧାନ ପାଇଁ ବିଏସଏନଏଲ ତରଫରୁ ଜିଲ୍ଲା ପ୍ରଶାସନ ସହ ସମନ୍ୱୟ ରକ୍ଷା କରିବା ଉପରେ ଗୁରୁତ୍ୱ ଦିଆଯାଇଛି। ରାଜ୍ୟରେ ରାଇଟ୍ ଅଫ ୱେ (କେଓଡବ୍ଲୁ) ସଂସ୍କାର ଓ "ଏସଏଏସସିଆଇ"କାର୍ଯ୍ୟାନ୍ୱୟନରେ ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତି ବିଭାଗ, ବିଦ୍ୟୁତ ବିତରଣ ସଂସ୍ଥା, ସହରାଞ୍ଚଳ ସ୍ଥାନୀୟ ସଂସ୍ଥା ଓ ରାଜ୍ୟ ସରକାରୀ ଉଦ୍ୟୋଗ ଗୁଡ଼ିକର ପ୍ରୟାସକୁ ମୁଖ୍ୟଶାସନ ସଚିବ ପ୍ରଶଂସା କରିଥିଲେ। ଏହି ପଦକ୍ଷେପ ଗୁଡ଼ିକ ଫଳରେ ଓଡ଼ିଶା ୧୫୦ କୋଟିରୁ ଉର୍ଦ୍ଧ୍ୱ ଟଙ୍କା ପର୍ଯ୍ୟନ୍ତ କେନ୍ଦ୍ରୀୟ ସହାୟତା ପାଇବା ପାଇଁ ଯୋଗ୍ୟ ହୋଇପାରିଛି।

ସେହିପରି, ସଂଶୋଧିତ 'ଭାରତନେଟ୍' ପ୍ରକଳ୍ପ ପାଇଁ ଦୂରସଂଚାର ବିଭାଗ, ବିଏସ୍ଏନ୍ଏଲ୍ ଏବଂ ଓଡ଼ିଶା ସରକାରଙ୍କ ମଧ୍ୟରେ ତ୍ରିପାକ୍ଷିକ ଚୁକ୍ତିନାମା ସ୍ୱାକ୍ଷରିତ ହୋଇସାରିଛି। ସହମତି ହୋଇଥିବା ତିନି ବର୍ଷର ସମୟ ସୀମା ମଧ୍ୟରେ ପ୍ରକଳ୍ପଗୁଡ଼ିକୁ ସମ୍ପୂର୍ଣ୍ଣ କରିବାକୁ ବିଏସ୍ଏନ୍ଏଲ୍ ଓ ଏହାର ଚୟନିତ କାର୍ଯ୍ୟାନ୍ୱୟନ ସହଯୋଗୀଙ୍କୁ କାର୍ଯ୍ୟ ତ୍ୱରାନ୍ୱିତ କରିବାକୁ କୁହାଯାଇଛି। ବୈଠକରେ ନିର୍ଦ୍ଦିଷ୍ଟ କାର୍ଯ୍ୟ, ଦାୟିତ୍ୱପ୍ରାପ୍ତ ସଂସ୍ଥା ଓ ସମୟ ସୀମା ଧାର୍ଯ୍ୟ କରି ନିୟମିତ ଅନୁସରଣଓ ଉତ୍ତର ଦାୟିତ୍ୱ ସୁନିଶ୍ଚିତ କରିବା ଉପରେ ମଧ୍ୟ ଗୁରୁତ୍ୱ ଦିଆଯାଇଛି। ଦୂରସଂଚାର ବିଭାଗ, ବିଏସ୍ଏନ୍ଏଲ୍ ଓ ଜିଲ୍ଲା ପ୍ରଶାସନ ସହ ନିୟମିତ ସମନ୍ୱୟ ରଖି ଅସମାହିତ ସମସ୍ୟା ଗୁଡ଼ିକୁ ତୁରନ୍ତ ଉଚ୍ଚସ୍ତରରେ ଅବଗତ କରାଇ ସମସ୍ୟାର ସମାଧାନ ପାଇଁ ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତି ବିଭାଗକୁ ନିର୍ଦ୍ଦେଶ ଦିଆଯାଇଛି।

ବୈଠକରେ ଇଲେକ୍ଟ୍ରୋନିକ୍ସ ଓ ଆଇଟି ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ବିଶାଳ କୁମାର ଦେବଙ୍କ ସମେତ ସଂପୃକ୍ତ ବିଭିନ୍ନ ବିଭାଗର ସଚିବ ଏବଂ ଦୂରସଂଚାର ସଂସ୍ଥାର କର୍ତ୍ତୃପକ୍ଷମାନେ ଉପସ୍ଥିତ ଥିଲେ। ଆଭାସୀ ମାଧ୍ୟମରେ ସମସ୍ତ ଜିଲ୍ଲାର ଜିଲ୍ଲାପାଳମାନେ ବୈଠକରେ ଯୋଗଦେଇ ଜିଲ୍ଲାରେ ନେଟ ଓ୍ୱାର୍କସ୍ଥିତି ଓ ଆବଶ୍ୟକତା ସଂପର୍କରେ ଆଲୋଚନା କରିଥିଲେ।




## ବିପର୍ଯ୍ୟୟ ପରିଚାଳନାରେ ଓଡ଼ିଶା-ଗୁଜରାଟ ସହଯୋଗ ସୁଦୃଢ଼ ହେବ

**ଭୁବନେଶ୍ୱର,୧୨।୧୦ (ମହାଭାରତ):** ବିପର୍ଯ୍ୟୟ ପରିଚାଳନା କ୍ଷେତ୍ରରେ ଅଭିଜ୍ଞତା ଏବଂ ଜ୍ଞାନ ବିନିମୟ ସହ ପରସ୍ପର ସହଯୋଗକୁ ଆହୁରି ସୁଦୃଢ଼ କରିବା ଲକ୍ଷ୍ୟରେ ଓଡ଼ିଶାର ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀଙ୍କ ନେତୃତ୍ୱରେ ରାଜ୍ୟର ଏକ ଉଚ୍ଚସ୍ତରୀୟ ପ୍ରତିନିଧିମଣ୍ଡଳୀ ତଥା ବିଭାଗୀୟ ବରିଷ୍ଠ ଅଧିକାରୀବୃନ୍ଦ ଗୁଜରାଟ ଗସ୍ତ କରିଛନ୍ତି। ଗସ୍ତ ସମୟରେ ମନ୍ତ୍ରୀଙ୍କ ସହ ସ୍ପେଶାଲ୍ ରିଲିଫ କମିଶନର ତଥା ଓଡ଼ିଶା ରାଜ୍ୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷ(ଓସଡମା)ଙ୍କର ପରିଚାଳନା ନିର୍ଦ୍ଦେଶକ ରାଜେଶ ପ୍ରଭାକର ପାଟିଲ୍ ଏବଂ ଓସଡମା)ର ବରିଷ୍ଠ ଅଧିକାରୀବୃନ୍ଦ ଗାନ୍ଧୀନଗରସ୍ଥିତ ଗୁଜରାଟ ରାଜ୍ୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷ ଓ ଜିଆଇଡିଏମ୍ ପରିଦର୍ଶନ କରିବା ସହ ଭୁଜସ୍ଥିତ ସ୍ମୃତିବନ ଭୂମିକମ୍ପ ସ୍ମାରକୀ ଏବଂ ସଂଗ୍ରହାଳୟ ପରିଦର୍ଶନ କରି ବିପର୍ଯ୍ୟୟ ପରିଚାଳନାର ବିଭିନ୍ନ ପ୍ରାସଙ୍ଗିକ ଦିଗ ସମ୍ପର୍କରେ ଅନୁଭୂତି ଓ ଜ୍ଞାନ ଆହରଣ କରିଥିଲେ। ଏହି ଅବସରରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ମନ୍ତ୍ରୀ ଶ୍ରୀ ସୁରେଶ ପୂଜାରି ଗୁଜରାଟର ମୁଖ୍ୟମନ୍ତ୍ରୀ ଶ୍ରୀ ଭୂପେନ୍ଦ୍ରଭାଇ ପଟେଲଙ୍କୁ ସାକ୍ଷାତ କରି ଉଭୟ ରାଜ୍ୟର ବିପର୍ଯ୍ୟୟ ପରିଚାଳନା କ୍ଷେତ୍ରରେ ଗ୍ରହଣ କରାଯାଉଥିବା ପଦକ୍ଷେପ ସମ୍ପର୍କରେ ମତ ବିନିମୟ କରିଥିଲେ। ଏହାସହ ଗୁଜରାଟର ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ରାଷ୍ଟ୍ରମନ୍ତ୍ରୀ ଶ୍ରୀ ସଞ୍ଜୟସିଂହ ବିଜୟସିଂହ ମହିଦା, ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଡଃ ଜୟନ୍ତୀ ଏସ୍. ରବି, ରିଲିଫ୍ କମିଶନର ଶ୍ରୀ ଗୌରାଙ୍ଗ ଏଚ୍. ମକୱାଣା, ଜିଏସଡିଏମଏର ସିଇଓ ତଥା ଜିଆଇଡିଏମ୍ ର ଡିଜି ଡଃ ଧବଳ ପଟେଲଙ୍କ ସମେତ ବିଭାଗ ଓ ବିପର୍ଯ୍ୟୟ ପରିଚାଳନା ସଂସ୍ଥାଗୁଡ଼ିକର ବରିଷ୍ଠ ଅଧିକାରୀଙ୍କ ସହ ମଧ୍ୟ ଆଲୋଚନା କରାଯାଇଥିଲା। ଆଲୋଚନାରେ ବିପର୍ଯ୍ୟୟ ପ୍ରସ୍ତୁତି, ପ୍ରଶିକ୍ଷଣ, କ୍ଷମତା ବିକାଶ, ପ୍ରଯୁକ୍ତିର ବ୍ୟବହାର, ମକ୍ ଡ୍ରିଲ୍, ଜନସଚେତନତା ଏବଂ ବିପର୍ଯ୍ୟୟ ପରବର୍ତୀ ପୁନର୍ବାସ ଓ ପୁନର୍ନିର୍ମାଣ ଆଦି କ୍ଷେତ୍ରରେ ଉଭୟ ରାଜ୍ୟର ଅଭିଜ୍ଞତା ଏବଂ ଜ୍ଞାନ ବିନିମୟ ହୋଇଥିଲା।

## ସୁଦୃଢ଼ ହେଉଛି ଓଡ଼ିଶାର ଦକ୍ଷତା ଇକୋସିଷ୍ଟମ

**ଭୁବନେଶ୍ୱର,୧୨।୧୦ (ମହାଭାରତ):** ଭବିଷ୍ୟତ ପାଇଁ ଏକ ଦକ୍ଷ କାର୍ଯ୍ୟବଳ ପ୍ରସ୍ତୁତ କରିବା ଏବଂ ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା କ୍ଷେତ୍ରରେ ଓଡ଼ିଶାର ନେତୃତ୍ୱକୁ ଅଧିକ ସୁଦୃଢ଼ କରିବା ଦିଗରେ ପ୍ରମୁଖ ପଦକ୍ଷେପ ସ୍ୱରୂପ, ଭୁବନେଶ୍ୱରସ୍ଥିତ 'ୱାର୍ଲ୍ଡ ସ୍କିଲ ସେଂଟର'ଠାରେ ଆୟୋଜିତ ଏକ ସ୍ୱତନ୍ତ୍ର ସମାରୋହରେ ବିଭିନ୍ନ ରଣନୈତିକ ଅଂଶୀଦାରଙ୍କ ସହିତ ଏମଓୟୁ ଆଦାନପ୍ରଦାନ କରାଯାଇଛି। ଏହି ସହଯୋଗିତା ରାଜ୍ୟର ଯୁବବର୍ଗଙ୍କ ପାଇଁ ଦକ୍ଷତା ବୃଦ୍ଧି, ଶିଳ୍ପ ଆବଶ୍ୟକତା ସହ ଯୋଡ଼ିହେବା, ବୈଷୟିକ ଶିକ୍ଷା, ଉତ୍କର୍ଷ କେନ୍ଦ୍ର, ଇନୋଭେସନ ଏବଂ ନିଯୁକ୍ତି ସୁଯୋଗକୁ ସୁଦୃଢ଼ କରିବ। ସମାବେଶକୁ ସମ୍ବୋଧିତ କରି ଶିଳ୍ପ, ଦକ୍ଷତା ବିକାଶ ଏବଂ ବୈଷୟିକ ଶିକ୍ଷା ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ଏସବୁ ବୁଝାମଣାପତ୍ରଗୁଡିକୁ ମାନବ ସମ୍ବଳରେ ଗୁରୁତ୍ୱପୂର୍ଣ୍ଣ ନିବେଶ ବୋଲି କହିଥିଲେ। ସେ କହିଥିଲେ ଯେ, ଏହି ସହଭାଗିତା ଓଡ଼ିଶାର ସମ୍ପ୍ରସାରିତ ହେଉଥିବା ଶିଳ୍ପ ଇକୋସିଷ୍ଟମ ପାଇଁ ଆବଶ୍ୟକ ଦକ୍ଷ କାର୍ଯ୍ୟବଳ ପ୍ରସ୍ତୁତ କରିବା ସହ ଯୁବପିଢ଼ିଙ୍କୁ ଗୁଣାତ୍ମକ ତାଲିମ, ନିଯୁକ୍ତି ଏବଂ କ୍ୟାରିୟରର ଅଗ୍ରଗତି ପାଇଁ ସୁଯୋଗ ପ୍ରଦାନ କରିବ।

ଏହି ସହଯୋଗିତାଗୁଡ଼ିକ ଉଦୀୟମାନ ପ୍ରଯୁକ୍ତିବିଦ୍ୟା, ଆଡଭାନ୍ସ ମାନୁଫାକ୍ଚରିଂ, କୃତ୍ରିମ ବୁଦ୍ଧିମତା (ଏଆଇ), ସାଇବର ସୁରକ୍ଷା, ରୋବୋଟିକ୍ସ, ସେମିକଣ୍ଡକ୍ଟର, ଗ୍ରୀନ ଜବ୍ସ ଏବଂ ଅଟୋମୋଟିଭ ଟେକ୍ନୋଲୋଜି ଭଳି ଦ୍ରୁତ ବିକାଶଶୀଳ କ୍ଷେତ୍ରଗୁଡ଼ିକ ଉପରେ ଆଧାରିତ। ଏହି ଏମଓୟୁଗୁଡିକ ଉତ୍କର୍ଷ କେନ୍ଦ୍ରଗୁଡ଼ିକୁ ସହାୟତା କରିବା ସହ ଶିଳ୍ପ-ଭିତିକ ତାଲିମ, ପାଠ୍ୟକ୍ରମର ସଂସ୍କାର, ପ୍ରଶିକ୍ଷକଙ୍କ ଦକ୍ଷତା ବୃଦ୍ଧି, ଜ୍ଞାନ ଆଦାନପ୍ରଦାନ, ଆପ୍ରେଣ୍ଟିସସିପ୍ ଏବଂ ନିଯୁକ୍ତି କ୍ଷେତ୍ରରେ ମଧ୍ୟ ସହଯୋଗ କରିବ। ପ୍ରଶିକ୍ଷାର୍ଥୀମାନେ ଅତ୍ୟାଧୁନିକ ପ୍ରଯୁକ୍ତିବିଦ୍ୟା ଏବଂ ଶିଳ୍ପର ଶ୍ରେଷ୍ଠ ପ୍ରକ୍ରିୟାଗୁଡ଼ିକ ସହ ଜଡ଼ିତ ହେବାର ଅଧିକ ସୁଯୋଗ ପାଇବେ, ଯାହା ତାଲିମକୁ ବଜାରର ଆବଶ୍ୟକତା ସହ ସମନ୍ୱୟ ରଖିବାରେ ସାହାଯ୍ୟ କରିବ। ଏହି ଭାଗିଦାରୀ ବିଶେଷ ଭାବରେ ଭବିଷ୍ୟତର କୌଶଳ ଏବଂ ସ୍ଥାୟୀ ବିକାଶ ଉପରେ ଗୁରୁତ୍ୱ ଦେଉଛି। ଏହାର ଲକ୍ଷ୍ୟ ହେଉଛି, ନୂତନ ଭାବେ ସୃଷ୍ଟି ହେଉଥିବା ଚାକିରି ପାଇଁ ଯୁବବର୍ଗଙ୍କୁ ପ୍ରସ୍ତୁତ କରିବା ସହ ନବସୃଜନ, ଡିଜିଟାଲ୍ ରୂପାନ୍ତରଣ ଏବଂ ସବୁଜ ବିକାଶକୁ ଆଗେଇ ନେବା। ଏହି ସହଯୋଗିତା ବୈଷୟିକ ଶିକ୍ଷା ଏବଂ କୁଶଳୀ ନିଯୁକ୍ତି କ୍ଷେତ୍ରରେ ମହିଳା ଓ ବଂଚିତ ବର୍ଗଙ୍କ ପାଇଁ ମଧ୍ୟ ସୁଯୋଗ ବଢାଇବ। ଏହି ସହଯୋଗୀ ପ୍ରତିଷ୍ଠାନଗୁଡ଼ିକ ହେଉଛନ୍ତି: ୧ଏମ୧ବି ଫାଉଣ୍ଡେସନ୍, କାଲଡେରିସ୍ (ଫ୍ରାନ୍ସ), ସିଆଇଇଏଲ୍ ଏଚ୍ଆର ସର୍ଭିସେସ୍ ଲିମିଟେଡ୍, କ୍ଲସ୍ ଇଣ୍ଡିଆ (ଜର୍ମାନୀ), ଡେଲଫି-ଟିଭିଏସ୍ ଟେକ୍ନୋଲୋଜିସ୍ ଲିମିଟେଡ୍, ଏଫ୍୫ ଇଣ୍ଡିଆ (ଆମେରିକା), ଗୋଦ୍ରେଜ୍ କନ୍ଜ୍ୟୁମର ପ୍ରୋଡକ୍ଟସ ଲିମିଟେଡ୍, ହେଟିଚ୍ ପୋଦାର ଉଡ୍ ୱର୍କିଂ ଇନ୍ଷ୍ଟିଚ୍ୟୁଟ୍, ଆଇଫରେଷ୍ଟ , ମହିନ୍ଦ୍ରା ହଲିଡେଜ୍ ଆଣ୍ଡ ରିସୋର୍ଟସ ଇଣ୍ଡିଆ ପ୍ରାଇଭେଟ୍ ଲିମିଟେଡ୍, ଓଏଏସଏମଇ , ସେମାଂଟିକ୍ସ, ଶିକ୍ଷା ଓ ଅନୁସନ୍ଧାନ ବିଶ୍ୱବିଦ୍ୟାଳୟ,ଟିଏଚକେ ଇଣ୍ଡିଆ (ଜାପାନ) ଏବଂ ଉତ୍କଳ ବିଶ୍ୱବିଦ୍ୟାଳୟ। କାର୍ଯ୍ୟକ୍ରମରେ ବିଭାଗୀୟ ମନ୍ତ୍ରୀଙ୍କ ସହ ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗର କମିଶନର ତଥା ଶାସନ ସଚିବ ଭୂପେନ୍ଦ୍ର ସିଂହ ପୁନିଆ, ବୈଷୟିକ ଶିକ୍ଷା ଓ ତାଲିମ ନିର୍ଦ୍ଦେଶକ ଚକ୍ରବର୍ତୀ ସିଂହ ରାଠୋର, ୱାର୍ଲ୍ଡ ସ୍କିଲ ସେଂଟରର ସିଇଓ ରଶ୍ମି ରଞ୍ଜନ ମହାପାତ୍ର ଏବଂ ଶିଳ୍ପ ଜଗତର ପ୍ରମୁଖ ନେତୃବୃନ୍ଦ ଉପସ୍ଥିତ ଥିଲେ।



## ୱାର୍ଲ୍ଡ ସ୍କିଲ ସେଣ୍ଟରରେ ପ୍ରତିଷ୍ଠା ହେବ ସୋଲାର ସେଂଟର ଅଫ୍ ଏକ୍ସଲେନ୍ସ

**ଭୁବନେଶ୍ୱର,୧୨।୧୦ (ମହାଭାରତ):** ଓଡ଼ିଶାର ଯୁବପିଢ଼ିଙ୍କୁ ସବୁଜ ଶକ୍ତି ଓ ସୌର ପ୍ରଯୁକ୍ତିବିଦ୍ୟା କ୍ଷେତ୍ରରେ ଦକ୍ଷ କରିବା ପାଇଁ ଭୁବନେଶ୍ୱର ମଂଚେଶ୍ୱରସ୍ଥିତ ୱାର୍ଲ୍ଡ ସ୍କିଲ ସେଂଟର ଠାରେ ଏକ 'ଗ୍ରୀନ୍ ଏନର୍ଜି (ସୋଲାର) ସେଂଟର ଅଫ୍ ଏକ୍ସଲେନ୍ସ' ପ୍ରତିଷ୍ଠା କରାଯାଉଛି। ଓଡ଼ିଶା ହାଇଡ୍ରୋ ପାୱାର କୋର୍ପୋରେସନ୍ ର କର୍ପୋରେଟ୍ ସାମାଜିକ ଉତରଦାୟିତ୍ୱ ପାଣ୍ଠିରୁ ପ୍ରାୟ ୧.୪୮ କୋଟି ଟଙ୍କା ବିନିଯୋଗରେ ଏହା କାର୍ଯ୍ୟକାରୀ ହେବ। ଉପ-ମୁଖ୍ୟମନ୍ତ୍ରୀ ତଥା ଶକ୍ତି ମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ଏବଂ ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁଙ୍କ ଉପସ୍ଥିତିରେ ଏହି ସହଭାଗିତା ନେଇ ବୁଝାମଣା ପତ୍ର ସ୍ୱାକ୍ଷରିତ ହୋଇଛି। କୌଶଳ ଭବନରେ ପ୍ରାୟ ୩,୦୦ରେ ବର୍ଗଫୁଟ ପରିମିତ ସ୍ଥାନରେ ନିର୍ମିତ ହେବାକୁ ଥିବା ଏହି ଆଧୁନିକ କେନ୍ଦ୍ରରେ ରୁଫଟପ୍, ଫ୍ଲୋଟିଂ ସୋଲାର ଏବଂ ସୋଲାର-ଟ୍ରାକର ଭଳି ବ୍ୟବହାରିକ ଡେମୋନଷ୍ଟ୍ରେସନ ୟୁନିଟ୍ ସହ ପିଏଲସି, ସ୍କାଡା, ଆଇଓଟି, ରିମୋଟ ମନିଟରିଂ ଓ ଏନର୍ଜି ମ୍ୟାନେଜମେଂଟ ଭଳି ଉନ୍ନତ ପ୍ରଯୁକ୍ତିବିଦ୍ୟାରେ ପ୍ରଶିକ୍ଷଣ ଦିଆଯିବ। ପ୍ରତିବର୍ଷ ପ୍ରାୟ ୩୦୦ ଯୁବକଯୁବତୀଙ୍କୁ ସୋଲାର ଟେକ୍ନିସିଆନ୍, ଅପରେସନ ଓ ମେଣ୍ଟେନାନ୍ସ ଟେକ୍ନିସିଆନ୍, ସାଇଟ୍ ସୁପରଭାଇଜର ଏବଂ ଏନର୍ଜି ଅଡିଟର ଭଳି ଉଚ୍ଚ ଚାହିଦା ଥିବା ପଦବୀ ପାଇଁ ପ୍ରଶିକ୍ଷିତ କରାଯିବ। ଏହି କାର୍ଯ୍ୟକ୍ରମ ସମଗ୍ର ଓଡ଼ିଶାର ଯୁବପିଢ଼ିଙ୍କ ପାଇଁ ଉନ୍ମୁକ୍ତ ରହିବା ସହ ମହିଳାମାନଙ୍କ ଭାଗୀଦାରି ବୃଦ୍ଧି ଏବଂ ସ୍ଥାନୀୟ ଉଦ୍ୟମିତାକୁ ପ୍ରୋତ୍ସାହିତ କରିବ। ଏହି ସମାରୋହରେ ଉପ-ମୁଖ୍ୟମନ୍ତ୍ରୀ ଶ୍ରୀ ସିଂହଦେଓ ୱାର୍ଲ୍ଡ ସ୍କିଲ ସେଣ୍ଟରର ବ୍ୟାପକ ସମ୍ପ୍ରସାରଣ ଘୋଷଣା କରିଛନ୍ତି। ବିଶ୍ୱସ୍ତରୀୟ ତାଲିମର ସୁଯୋଗ ବୃଦ୍ଧି ପାଇଁ ବିଶ୍ୱ ଦକ୍ଷତା କେନ୍ଦ୍ର ଦ୍ୱାରା ପୂର୍ବରୁ ଦିଆଯାଉଥିବା ସମ୍ପୂର୍ଣ୍ଣ ପ୍ରାୟୋଜିତ ଛାତ୍ର ସଂଖ୍ୟା ୬୦ ରୁ ୧୦୦କୁ ବୃଦ୍ଧି କରିବା ନେଇ ଘୋଷଣା କରିଛନ୍ତି ଏବଂ ଆଗାମୀ ଦିନରେ ବ୍ରହ୍ମପୁର ଓ ସମ୍ବଲପୁରଠାରେ ନୂତନ ଶାଖା ସ୍ଥାପନ ପାଇଁ ପ୍ରସ୍ତାବ ଦେଇଛନ୍ତି। ଏଥିପାଇଁ ଆବଶ୍ୟକ ସହାୟତା ଶକ୍ତି ବିଭାଗ ପକ୍ଷରୁ ଯୋଗାଇ ଦିଆଯିବ। ମନ୍ତ୍ରୀ ଶ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ଏହି କେନ୍ଦ୍ରକୁ ଓଡ଼ିଶାର ଯୁବପିଢ଼ିଙ୍କ ପାଇଁ ଏକ ରୂପାନ୍ତରଣକାରୀ ପଦକ୍ଷେପ ଭାବେ ଅଭିହିତ କରିଛନ୍ତି, ଯାହା ସ୍ୱଚ୍ଛ ଶକ୍ତି ଓ ସ୍ଥାୟୀ ନିଯୁକ୍ତି କ୍ଷେତ୍ରରେ ଓଡ଼ିଶାକୁ ଆଗେଇ ନେବ।



## ଇଣ୍ଡିଆ ମୋବାଇଲ୍ କଂଗ୍ରେସ ଉଦଘାଟିତ

**ଭୁବନେଶ୍ୱର,୧୨।୧୦ (ମହାଭାରତ):** ଇଣ୍ଡିଆ ମୋବାଇଲ୍ କଂଗ୍ରେସ (ଆଇଏମସି) ୨୦୨୬ର ଦଶମ ସଂସ୍କରଣ ଏକ ଐତିହାସିକ ଉଦଘାଟନୀ ଅଧିବେଶନରେ ବିଶ୍ୱ ଶିଳ୍ପପତି, ନୀତି ନିର୍ଦ୍ଧାରକ, ଟେଲିକମ୍ ଅପରେଟର ଏବଂ ଶିକ୍ଷାବିତ୍ ଏକତ୍ରିତ ହୋଇ ଫୋରମର ପରିଭାଷିତ ବିଷୟବସ୍ତୁ 'ସୀମା ବିନା ସ୍କେଲ' କୁ ଆଗକୁ ବଢାଇବାକୁ ଚେଷ୍ଟା କରାଯାଇଥିଲା। ଏହି ଦିନ ୬ଜି ଟେଷ୍ଟବେଡ୍, ଡାଇରେକ୍ଟ-ଟୁ-ଡିଭାଇସ୍ ସାଟେଲାଇଟ୍ ସଂଯୋଗ ଏବଂ ଏଆଇ-ଦେଶୀ ଡିଜିଟାଲ୍ ଭିର୍ତିଭୂମିର ମୁଦ୍ରାକରଣ ଉପରେ ରଣନୀତିକ ଆଲୋଚନାକୁ ଗଭୀର କରିଥିଲା, ଯାହା ଫୋରମ୍ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟକ୍ରମ ଦିବସ ପାଇଁ ମଂଚ ସ୍ଥିର କରିଥିଲା । ଇଣ୍ଡିଆ ମୋବାଇଲ କଂଗ୍ରେସ (ଆଇଏମସି) ୨୦୨୬ର ଦଶମ ସଂସ୍କରଣକୁ ଆଜି ମାନ୍ୟବର ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ ଆନୁପଚାରିକ ଭାବେ ଉଦଘାଟନ କରିଛନ୍ତି । ମାନବ ସମାଜର ସେବା ପାଇଁ ପ୍ରଯୁକ୍ତିବିଦ୍ୟା, ଗବେଷଣା, ଶିଳ୍ପ, ପୁଞ୍ଜି ବିନିଯୋଗ ଏବଂ ଚିନ୍ତାଧାରାକୁ ଏକତ୍ରିତ କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିବାରୁ ସେ ଆଇଏମସିକୁ ପ୍ରଶଂସା କରିଛନ୍ତି । ଟେକ୍ନୋଲୋଜି କେବଳ ବିଶ୍ୱାସ ମାଧ୍ୟମରେ ମାପ କରେ ବୋଲି ଗୁରୁତ୍ୱାରୋପ କରି ପ୍ରଧାନମନ୍ତ୍ରୀ ପ୍ରଯୁକ୍ତିବିଦ୍ୟା ଉପଭୋକ୍ତାରୁ ବିଶ୍ୱ ସୃଷ୍ଟିକର୍ତା ପର୍ଯ୍ୟନ୍ତ ଭାରତର ଦ୍ରୁତ ବିକାଶ ଉପରେ ଆଲୋକପାତ କରିଥିଲେ । ଆଇଏମସିର ସିଇଓ ପି ରାମକ୍ରିଷ୍ଣା କହିଛନ୍ତି, '୧୦ ତମ ଇଣ୍ଡିଆ ମୋବାଇଲ୍ କଂଗ୍ରେସରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଅଭିଭାଷଣ ଟେକ୍ନୋଲୋଜି ପାଇଁ ଏକ ପ୍ରଦର୍ଶନ ବ୍ୟତୀତ ଆଇଏମସି ବିବର୍ତନକୁ ନିଶ୍ଚିତ କରିଛି। ଆଇଏମସି ଭାରତର ଡିଜିଟାଲ୍ ଅଭିବୃଦ୍ଧିର ଦର୍ପଣ ଭାବରେ କାର୍ଯ୍ୟ କରିଛି ବୋଲି ତାଙ୍କର ପର୍ଯ୍ୟବେକ୍ଷଣ ସୂଚିତ କରେ ଯେ ଦେଶର ଡିଜିଟାଲ୍ ସଶକ୍ତ ରାଷ୍ଟ୍ରରେ ରୂପାନ୍ତରିତ ହେବା ସହିତ ପ୍ଲାଟଫର୍ମ କିପରି ବିକଶିତ ହୋଇଛି।

## ଲାଞ୍ଚ ନେଇ ରାଜସ୍ୱ ନିରୀକ୍ଷକ ଗିରଫ

**ଭୁବନେଶ୍ୱର,୧୨।୧୦ (ମହାଭାରତ):** ଭୁବନେଶ୍ୱର ୟୁନିଟ୍ -୬ସ୍ଥିତ କେଶରୀ ନଗର ଆରଆଇ ସର୍କଲ୍ର ରାଜସ୍ୱ ନିରୀକ୍ଷକ (ଆରଆଇ) ନିରଞ୍ଜନ ସିଂହଙ୍କୁ ୫ ହଜାର ଟଙ୍କା ଲାଞ୍ଚ ନେଉଥିବା ବେଳେ ଓଡ଼ିଶା ଭିଜିଲାନ୍ସ ସୋମବାର ଧରିଛି। ଆଇନଗତ ଉତ୍ତରାଧିକାରୀ ପ୍ରମାଣପତ୍ର ପ୍ରଦାନ ପାଇଁ ତଦନ୍ତ ରିପୋର୍ଟ ପ୍ରସ୍ତୁତ କରି ସମ୍ପୃକ୍ତ ଅଧିକାରୀଙ୍କ ନିକଟକୁ ପଠାଇବା ପାଇଁ ସେ ଅଭିଯୋଗକାରୀଙ୍କଠାରୁ ଏହି ଟଙ୍କା ଦାବି କରିଥିବା ଭିଜିଲାନ୍ସ ପକ୍ଷରୁ କୁହାଯାଇଛି। ଅଭିଯୋଗକାରୀ ତାଙ୍କ ମା' ଓ ସାନଭାଇଙ୍କ ମୃତ୍ୟୁ ପରେ ଆଇନଗତ ଉତ୍ତରାଧିକାରୀ ପ୍ରମାଣପତ୍ର ପାଇଁ ୯ ସେପ୍ଟେମ୍ବର ୨୦୨୬ରେ ଅନଲାଇନ୍ ଆବେଦନ କରିଥିଲେ। ଏଥିପାଇଁ ଆବଶ୍ୟକ ସମସ୍ତ ଦସ୍ତାବିଜ ମଧ୍ୟ ସେ ଦାଖଲ କରିଥିଲେ।

ଆବେଦନ କରିବା ପରେ ଅଭିଯୋଗକାରୀ ସମ୍ପୃକ୍ତ ଆରଆଇଙ୍କୁ ୩ରୁ ୪ ଥର ଭେଟି ତଦନ୍ତ ରିପୋର୍ଟକୁ ସକ୍ଷମ ଅଧିକାରୀଙ୍କ ନିକଟକୁ ପଠାଇବା ପାଇଁ ଅନୁରୋଧ କରିଥିଲେ। ତେବେ ଆରଆଇ ଜଣକ ପ୍ରକ୍ରିୟାରେ ବିଳମ୍ବ କରିବା ସହ ଅନ ଲାଇନ୍ ଆବେଦନକୁ ସମ୍ପୃକ୍ତ ଅଧିକାରୀଙ୍କ ନିକଟକୁ ପଠାଇବା ପାଇଁ ୫ ହଜାର ଟଙ୍କା ଲାଞ୍ଚ ଦାବି କରିଥିବା ଅଭିଯୋଗ ହୋଇଥିଲା। ଏଥିରେ ଅସନ୍ତୁଷ୍ଟ ହୋଇ ଅଭିଯୋଗକାରୀ ଓଡ଼ିଶା ଭିଜିଲାନ୍ସର ଦ୍ୱାରସ୍ଥ ହୋଇଥିଲେ। ଅଭିଯୋଗର ଯାଞ୍ଚ ପରେ ଭିଜିଲାନ୍ସ ଟିମ୍ ସୋମବାର ଜାଲ ବିଛାଇଥିଲା। ଅଭିଯୋଗକାରୀଙ୍କଠାରୁ ୫ ହଜାର ଟଙ୍କା ଲାଞ୍ଚ ଗ୍ରହଣ କରୁଥିବା ବେଳେ ନିରଞ୍ଜନ ସିଂହଙ୍କୁ ଭିଜିଲାନ୍ସ ଟିମ୍ ଧରିଥିଲା। ଟ୍ରାପ୍ ପରେ ଆୟ ବହିର୍ଭୂତ ସମ୍ପତ୍ତି ଠୁଳ କରିଥିବା ଦିଗରୁ ମଧ୍ୟ ଭିଜିଲାନ୍ସ ପକ୍ଷରୁ ନିରଞ୍ଜନ ସିଂହଙ୍କ ସହ ସମ୍ପର୍କିତ ଦୁଇଟି ସ୍ଥାନରେ ତଲାସୀ ଜାରି ରହିଛି। ଏହି ଘଟଣାରେ ଭୁବନେଶ୍ୱର ଭିଜିଲାନ୍ସ ଥାନାରେ ମାମଲା ରୁଜୁ ହୋଇଛି।

## ମିଆଁମାର ଗୋଲ୍ଡେନ ପ୍ୟାଲେସରେ ବିରାଜିବେ ମା'

**ଭୁବନେଶ୍ୱର,୧୨।୧୦ (ମହାଭାରତ):** ମା ଆସୁଛନ୍ତି, ଚଳଚ□ ହୋଇଉଠିଛି ରାଜଧାନୀ,ଚାରିଆଡେ ଖୁସିର ମାହୋଲ, ଆନନ୍ଦ ଉଲ୍ଲାସରେ ଫାଟି ପଡୁଛି ଭକ୍ତଙ୍କ ମନ। ମାଙ୍କ ଆଗମନକୁ ସମସ୍ତେ ଉତ୍କଣ୍ଠାର ସହିତ ଚାହିଁ ବସିଛନ୍ତି। ରାଜଧାନୀର ବିଭିନ୍ନ ପୂଜା କମିଟି ପକ୍ଷରୁ ଜୋରଦାର ପ୍ରସ୍ତୁତି ଜାରି ରହିଛି। କେଉଁଠି ମୂ□ ଓ ମେଢ ଗଢା ଚାଲିଛି ତ କେଉଁଠି ତୋରଣ କାର୍ଯ୍ୟ ଶେଷ ପର୍ଯ୍ୟାୟରେ ପହ□ ଗଲାଣି। ଶୈଳଶ୍ରୀବିହାର ଫେଜ ୭ ଆବାସିକ ସଂଘ ଦୁର୍ଗାପୁଜା କମିଟି ପକ୍ଷରୁ ଚଳିତବର୍ଷ ୨୧ ତମ ଦୁର୍ଗାପୂଜା ମହାଆଡମ୍ବରରେ ପାଳନ କରାଯାଉଛି। କଲୋନୀ ଭିତରେ ଚିତାକର୍ଷକ ତୋରଣ ଓ ସୁନ୍ଦର ଆଲୋକ ସାଜସଜା କରି ଦୂର ଦୂରାନ୍ତ ଦର୍ଶକଙ୍କୁ ଟାଣି ଆଣୁଥିବା ଏହି କମିଟି ପକ୍ଷରୁ ଏଥର ମିଆଁମାର ଗୋଲ୍ଡେନ ପ୍ୟାଲେସ ସଦୃଶ ତୋରଣ ନିର୍ମାଣ ହେଉଛି। ୬୫ ଫୁଟ ଉଚ୍ଚତା ଓ ୪୫ ଫୁଟ ଓସାର ବିଶିଷ୍ଟ ତୋରଣଟିକୁ କୋଲକାତାର କାରିଗରମାନେ ନିର୍ମାଣ କରୁଛନ୍ତି। ସୁକ୍ଷ୍ମ କାରୁକାର୍ଯ୍ୟରେ ନିର୍ମିତ ହେଉଥିବା ଏହି ତୋରଣ ସମସ୍ତଙ୍କୁ ଆକର୍ଷିତ କରିବ। ଗୋଲ୍ଡେନ ପ୍ୟାଲେସ ଭିତରେ ବିରାଜିବେ ମା ଦୁର୍ଗତିନାଶିନୀ। ୧୭ ଫୁଟ ମାଙ୍କ ମୃଣ୍ମୟୀ ମୂ□ ଓ ୧୯ ଫୁଟର ତାରକସୀ ମେଢ କାର୍ଯ୍ୟ ଜାରି ରହିଛି। ବାରଙ୍ଗ ଫୁଲପୋଖରୀ ଏବଂ କଟକର କାରିଗରମାନେ ଏହାକୁ ତିଆରି କରୁଛନ୍ତି। ମା ଦୁର୍ଗାଦେବୀ ଏବଂ ପାର୍ଶ୍ୱଦେବୀମାନେ ଚାନ୍ଦି ମୁକୁଟ ଓ ସୁନା ଅଳଙ୍କାର ପରିଧାନ କରିବେ। ମଣ୍ଡପକୁ ସଂଯୋଗ କରୁଥିବା ସମସ୍ତ ରାସ୍ତା ରଙ୍ଗିନ ଆଲୋକ ମାଳାରେ ସୁସଜ୍ଜିତ କରାଯିବ। ଦର୍ଶନ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଛି। ଷଷ୍ଠୀରେ ବିଲ୍ୱବରଣ ଅନୁଷ୍ଠିତ ହେବ। ସପ୍ତମୀରେ କଳସ ଯାତ୍ରା। ଏହାପରେ ମହାସପ୍ତମୀ ପୂଜା ଅନୁଷ୍ଠିତ ହୋଇ ଚକ୍ଷୁଦାନ ଦିଆଯିବ। ସେହିପରି ଅଷ୍ଟମୀ ଦିନ ସୁର୍ଯ୍ୟ ପୂଜା, ମହାଷ୍ଟମୀ ପୂଜା, ସନ୍ଧିପୂଜା, କୁଷ୍ମାଣ୍ଡବଳି ଓ ଖେଚୁଡ଼ି ଭୋଗ ଲାଗି କରାଯିବ। ନବମୀ ଦିନ ୨୧ ଜଣ କୁମାରୀ ଓ ଜଣେ କୁମାରଙ୍କୁ ନେଇ ନବକୁମାରୀ ପୂଜା ଅନୁଷ୍ଠିତ ହେବ। ଦଶମୀରେ ଅପରାଜିତା ପୂଜା, ହୋମ, ପୂର୍ଣ୍ଣାହୁତି, ଦହି ପଖାଳ ଭୋଗ, ସିନ୍ଦୁର ଖେଳ ହୋଇ ଘଟ ବିସର୍ଜନ ହେବ। ସାଂସ୍କୃତିକ କାର୍ଯ୍ୟକ୍ରମ ମଧ୍ୟରେ ଷଷ୍ଠୀ, ସପ୍ତମୀ, ଦଶମୀରେ ସ୍ଥାନୀୟ ପିଲାମାନଙ୍କୁ ନେଇ ନୃତ୍ୟ, ଗୀତ କାର୍ଯ୍ୟକ୍ରମ ରହିଛି। ଅଷ୍ଟମୀ ଓ ନବମୀରେ ମେଲୋଡି ହେବ। ଶାନ୍ତି ଶୃଙ୍ଖଳା ରକ୍ଷା କରିବା ପାଇଁ ୪୦ ଜଣ ସ୍ୱେଚ୍ଛାସେବୀ ନିୟୋଜିତ ହୋଇଛନ୍ତି। ପାରମ୍ପରିକ ବାଦ୍ୟରେ ଭସାଣି କରି କଲୋନୀ ପରିକ୍ରମା ପରେ ମାଙ୍କୁ ମାଲାଣି ଦିଆଯିବ ବୋଲି କମିଟି ପକ୍ଷରୁ କୁହାଯାଇଛି। ଚଳିତବର୍ଷ ଆମ ପୂଜା ୨୧ ବର୍ଷରେ ପଦାର୍ପଣ କରିଛି। ଆମ ପୂଜାର ବିଶେଷ ସ୍ୱତନ୍ତ୍ରତା ରହିଛି। ସମସ୍ତ ରୀତିନୀତି ଅନୁସାରେ ପୂଜାର୍ଚ୍ଚନା କରାଯିବ। ମାଙ୍କ ମୃଣ୍ମୟୀ ମୂ□ରେ ରାସାୟନିକ ରଙ୍ଗ ଓ ପୂଜା ମଣ୍ଡପରେ କୌଣସି ପ୍ଲାଷ୍ଟିକ ସାମଗ୍ରୀ ବ୍ୟବହାର କରାଯିବ ନାହିଁ। ପ୍ରତିବର୍ଷ ଭଳି ନବମୀରେ ସ୍ମରଣିକା ଶୈଳଶ୍ରୀ ଅତିଥିମାନଙ୍କ ଦ୍ୱାରା ଉନ୍ମୋଚିତ କରାଯାଇ ପ୍ରସାଦ ସହିତ ଘରେ ଘରେ ବ□ଯିବ।

ଏ ହେଉଛି ଲୋକଙ୍କ ପୂଜା। ଆବାସିକ ସଂଘ କର୍ମକ□ା, ସଦସ୍ୟ ଓ କଲୋନୀ ବାସୀଙ୍କ ସାହାର୍ଯ୍ୟ ସହଯୋଗରେ ପୂଜାକୁ ଶାନ୍ତି ଶୃଙ୍ଖଳାର ସହ ପାଳନ କରାଯିବ। ମହିଳା ପୁରୁଷ ମାନଙ୍କ ପାଇଁ ଅଲଗା ଅଲଗା ଦର୍ଶନ ବ୍ୟବସ୍ଥା କରାଯାଇଛି। ମାଙ୍କ ଦର୍ଶନ ବେଳେ ବରିଷ୍ଠ ନାଗରିକ ଓ ଭିନ୍ନକ୍ଷମଙ୍କ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା ହୋଇଛି। ସ୍ଥାନୀୟ ପୁଲିସର ସହାୟତା ନିଆଯିବ।



# ଅସାଧୁ ବ୍ୟବସାୟୀଙ୍କ ଚକ୍ରାନ୍ତ

ଅନେକ ସମୟରେ ଅତି ଧନୀ ବା ଦୁର୍ନୀତି ମାଧ୍ୟମରେ ବିପୁଳ ଅର୍ଥ ଏକାଠି କରିଥିବା ବ୍ୟକ୍ତି ଦର ବୃଦ୍ଧି ହେଉ ବୋଲି ଚାହାଁନ୍ତି। କିନ୍ତୁ ଧନୀ ଲୋକଙ୍କ କେଳ ଗରିବଙ୍କ ପାଇଁ କାଳ ହୋଇଥାଏ। ଗତ ବର୍ଷ ୟୁକ୍ରେନ ଯୁଦ୍ଧ ପରେ ଭାରତରେ ଗହମ ଏବଂ ଖାଇବା ତେଲ ଦର ଆକାଶ ଛୁଆଁ ହୋଇଥିଲା। ଯଦିଓ ଏବେ ଗ୍ଲୋବାଲ ସପ୍ଲାଇ ଚେନ ସ୍ୱାଭାବିକ ହୋଇଛି ଏବଂ ଖାଇବା ତେଲ ଦର କିଛିଟା ହ୍ରାସ ପାଇଛି କିନ୍ତୁ ତଥାପି ସ୍ଥିତି ସମ୍ପୂର୍ଣ୍ଣ ନିୟନ୍ତ୍ରଣାଧିନ ହୋଇନାହିଁ। କହିବା ବାହୁଲ୍ୟ ଯେ, ଭାରତ ଖାଇବା ତେଲ ଉତ୍ପାଦନରେ ଆତ୍ମ ନିର୍ଭରଶୀଳ ନୁହେଁ। ଏଥିପାଇଁ ବିଦେଶରୁ ଭାରତ ପ୍ରଚୁର ପରିମାଣର ସୂର୍ଯ୍ୟମୁଖୀ ତେଲ, ସୋୟା ତେଲ ଏବଂ ପାମୋଲିନ ତେଲ ଆମଦାନୀ କରିଥାଏ। ବିଶ୍ୱ ବଜାରରେ କ୍ରୁଡ଼ ଏଡିବଲ ଅଏଲର ଦର କମିଛି। ତେଣୁ ଭାରତରେ ଖାଇବା ତେଲ ଦର କମିବା ଉଚିତ। ତେବେ ଭାରତ ସରକାରଙ୍କ ବାରମ୍ବାର ତାଗିଦ ସତ୍ତ୍ୱେ ତେଲ ଉତ୍ପାଦନକାରୀ କମ୍ପାନୀ ଗୁଡ଼ିକ ଦର କମାଉ ନାହାଁନ୍ତି। ଭାରତୀୟ ବଜାର ସମ୍ପୂର୍ଣ୍ଣ ଭାବେ କିଛି ବ୍ୟବସାୟୀଙ୍କ ନିୟନ୍ତ୍ରଣରେ ରହିଛି। ସେମାନେ ଅତ୍ୟାବଶ୍ୟକ ଖାଦ୍ୟ ସାମଗ୍ରୀର ଦର ବଢ଼ାଇବାକୁ ଗୋଟିଏ ଘଣ୍ଟା ମଧ୍ୟ ନିଅନ୍ତି ନାହିଁ। କିନ୍ତୁ ଦର କମାଇବାକୁ ସବୁ ବେଳେ ପଛଘୁଞ୍ଚା ଦିଅନ୍ତି। କିଛି ଲାଭଖୋର ବ୍ୟବସାୟୀ ଏବଂ ମହଜୁଦକାରୀ ସବୁ ବେଳେ ପରିସ୍ଥିତିରୁ ଫାଇଦା ଉଠାଇବାକୁ ଚେଷ୍ଟା କରନ୍ତି। ପ୍ରତିକୂଳ ପାଣିପାଗ ଯୋଗୁ ଅନେକ ସମୟରେ ଫସଲ ହାନି ହୋଇଥାଏ ଏବଂ ଉତ୍ପାଦନ ହ୍ରାସ ପାଇଥାଏ। ଏଥିରୁ ବ୍ୟବସାୟୀମାନେ ଭରପୁର ଫାଇଦା ଉଠାନ୍ତି। ଅତୀତରେ ଆଳୁ, ପିଆଜ ଦର ଏମିତି ଆକାଶ ଛୁଆଁ ହୋଇଛି। ଏବେ ଭାରତରେ ଡାଲି ଦର ଆକାଶ ଛୁଆଁ ହୋଇଛି। ମାତ୍ର ମାସକ ଭିତରେ ହରଡ଼ ଡାଲି ଦର ୪୫ ପ୍ରତିଶତ ବୃଦ୍ଧି ପାଇଛି। ଏହାର ପ୍ରଭାବରେ ମୁଗ, ମସୁର, ବିରି ଏବଂ ବୁଟ ଡାଲି ଦର ମଧ୍ୟ ବଢ଼ିଛି। ଚଳିତ ବର୍ଷ ପ୍ରତିକୂଳ ପାଣିପାଗ ଯୋଗୁ ଡାଲି ଉତ୍ପାଦନ ହ୍ରାସ ପାଇଛି। କିନ୍ତୁ ଡାଲି ଦର ହଠାତ ଯେପରି ଭାବେ ମାତ୍ରାଧିକ ବୃଦ୍ଧି ପାଇଛି ତାହା ନିଶ୍ଚିତ ଭାବେ ଏକ ଅସ୍ୱାଭାବିକ ଘଟଣା। ଏହା ପଛରେ କିଛି ଅସାଧୁ ବ୍ୟବସାୟୀଙ୍କ ଚକ୍ରାନ୍ତ ରହିଛି। ୨୦୧୬ରେ ମଧ୍ୟ ଏଭଳି ଭାବେ ଡାଲି ଦର ବୃଦ୍ଧି ପାଇଥିଲା। ସେତେବେଳେ ଭାରତ ସରକାର ଡାଲି ଦର ନିୟନ୍ତ୍ରଣ ନିମନ୍ତେ ମିଆଁମାର ଏବଂ ଦକ୍ଷିଣ ଆଫ୍ରିକାରୁ ଡାଲି ଆମଦାନୀ କରିବାକୁ ଉଦ୍ୟମ କରିଥିଲେ। କିନ୍ତୁ ଡାଲି ବ୍ୟବସାୟୀଙ୍କ ଲବି ଏତେ ପ୍ରଭାବଶାଳି ଥିଲା ଯେ, ମିଆଁମାରରୁ ଜାହାଜରେ ଆସୁଥିବା ଡାଲି ଭାରତ ନଆସି ସିଙ୍ଗାପୁରକୁ ଚାଲିଗଲା। ଆଫ୍ରିକାରୁ ଆସୁଥିବା ଡାଲି ଭାରତରେ ପହଞ୍ଚିବାକୁ ବହୁ ବିଳମ୍ବ ହେଲା। ଏହାକୁ ଜାଣିଶୁଣି କିଛି ଦିନ ଅଟକାଇ ଦିଆଗଲା। ଫଳରେ ସାଧାରଣ ଖାଉଟୀମାନେ ଦଣ୍ଡ ଭୋଗିଲେ। ଏବେ ଠିକ ସେହି ପରିସ୍ଥିତି ସୃଷ୍ଟି ହୋଇଛି। ଏଥର ବି ଭାରତ ସରକାର ବିଦେଶରୁ ଡାଲି ଆମଦାନୀ କରି ଦର କମାଇବାକୁ ଚେଷ୍ଟା କରୁଛନ୍ତି। କିନ୍ତୁ ଏଥିରେ ଅସାଧୁ ଡାଲି ବ୍ୟବସାୟୀମାନେ ପୁନର୍ବାର ପ୍ରତିବନ୍ଧକ ସୃଷ୍ଟି କରୁଛନ୍ତି। ତେଣୁ ସରକାର ଏଭଳି ଅସାଧୁ ଡାଲି ବ୍ୟବସାୟୀଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଉଚିତ। ସାଧାରଣ ଖାଉଟୀଙ୍କ ସ୍ୱାର୍ଥ ରକ୍ଷାକୁ ଅଗ୍ରାଧିକାର ଦିଆଯିବା ଉଚିତ। କେବଳ କେନ୍ଦ୍ର ସରକାରଙ୍କୁ ଦାୟୀ କଲେ ହେବ ନାହିଁ। ରାଜ୍ୟ ସରକାରମାନେ ମଧ୍ୟ ଏଥିରେ କେନ୍ଦ୍ର ସହ ହାତ ମିଳାଇ ଦରବୃଦ୍ଧି ନିୟନ୍ତ୍ରଣ ପାଇଁ ଉଦ୍ୟମ କରିବା ଉଚିତ। ଏହା ସହିତ ସମସ୍ୟାର ସ୍ଥାୟୀ ସମାଧାନ ନିମନ୍ତେ ଡାଲି ଭଳି ଅତ୍ୟାବଶ୍ୟକ ଖାଦ୍ୟ ସାମଗ୍ରୀର ଉତ୍ପାଦନ ବୃଦ୍ଧି ନିମନ୍ତେ ଯୋଜନା କାର୍ଯ୍ୟକାରୀ କରାଯିବା ଉଚିତ। ନିକଟରେ ଭାରତ ସରକାର ବିଭିନ୍ନ ଖରିଫ ଫସଲର ଏମଏସପି ବୃଦ୍ଧି କରିଛନ୍ତି। ଏହା ନିଶ୍ଚିତ ଭାବେ ସ୍ୱାଗତଯୋଗ୍ୟ। ଏଥିରେ ଚାଷୀମାନେ କେତେ ଦୂର ଲାଭବାନ ହେବେ ଜଣାନାହିଁ, କିନ୍ତୁ ସାଧାରଣ ଖାଉଟୀମାନେ ନିଶ୍ଚିତଭାବେ ଏଥିରେ ପ୍ରଭାବିତ ହେବେ। କାରଣ ସବୁ ଖାଦ୍ୟ ସାମଗ୍ରୀର ଦର ବଢ଼ିବ।

# ପୁତିନଙ୍କ ଅପରେସନ ଆମେରିକା

**॥ ସୌମେନ୍ଦ୍ର ଜେନା ॥**

> “ କ୍ଷମତାକୁ ଆସିବା ପରେ ପୁତିନଙ୍କ ସମ୍ମୁଖରେ ଚେଚେନ୍ୟାର ଇସ୍‌ଲାମିକ ସନ୍ତ୍ରାସବାଦ ବଡ ଆହ୍ୱାନ ହୋଇ ଛିଡା ହୋଇଥିଲା । ତା ପଛରେ ଆମେରିକା ସରକାର ମଧ୍ୟପ୍ରାଚ୍ୟର ସହଯୋଗୀ ମୁସଲିମ ରାଷ୍ଟ୍ରଗୁଡିକୁ ଲଗାଇଥିଲେ । ପୃଥିବୀରେ ଇସଲାମିକ ସନ୍ତ୍ରାସର କାରଖାନା ଖୋଲି ପାକ୍ ଓ ମଧ୍ୟପ୍ରାଚ୍ୟ ମାଧ୍ୟମରେ ଆମେରିକା ଯେମିତି ଭାରତ ସମେତ ରୁଷିଆକୁ ନିୟନ୍ତ୍ରଣ କରିବାକୁ ଚେଷ୍ଟା କରିଆସିଛି ସେ ସଂପର୍କରେ ସମସ୍ତେ ପରିଚିତ । ଚେଚେନ୍ୟା ବିଦ୍ରୋହୀଙ୍କୁ ଦମନ କଲାପରେ ପୁତିନ ମଧ୍ୟପ୍ରାଚ୍ୟରେ ନିଜ ପ୍ରାଧାନ୍ୟ ବିସ୍ତାର କରି ଆମେରିକାକୁ ଚ୍ୟାଲେଞ୍ଜ ଦେଇଥିଲେ ।

ଦ୍ୱିତୀୟ ବିଶ୍ୱଯୁଦ୍ଧ ପରଠାରୁ ଆମେରିକା ଓ ସୋଭିଏତ୍ ରୁଷିଆ ମଧ୍ୟରେ ନିଜସ୍ୱ ବର୍ଚ୍ଚସ୍ୱ ପ୍ରତିଷ୍ଠା ପାଇଁ ଯେଉଁ ପ୍ରତିଦ୍ୱନ୍ଦ୍ୱିତା ଚାଲିଆସିଛି ଏବେ ତାହା ଏକ ଭିନ୍ନ ସୋପାନରେ ପହଞ୍ଚିଛି । ରୁଷିଆର ପ୍ରଭାବକୁ ୟୁରୋପରେ ସଂକୁଚିତ କରିବା ପାଇଁ ୟୁକ୍ରେନ ମାଧ୍ୟମରେ ଆମେରିକା ଯେଉଁ ଗୋଟି ଚଳାଇ ଆସିଛି ତାକୁ ଅତି କଠୋର ଭାବରେ ସାମ୍ନା କରିଆସିଛି ରୁଷିଆ । ୟୁକ୍ରେନର ସହାୟତା ପାଇଁ ନାଟୋର ସଦସ୍ୟ ରାଷ୍ଟ୍ର ସମୂହଙ୍କୁ ଆମେରିକା ଏକାଠି କରି ଅସ୍ତ୍ରଶସ୍ତ୍ର ଚାଲାଣ ଜାରି ରଖିଛି । ତେଣେ ରୁଷିଆର ରାଷ୍ଟ୍ରପତି ଭ୍ଲାଦିମିର ପୁତିନ ଆମେରିକାର ସମସ୍ତ ଚାଲକୁ ବିଫଳ କରିବା ପାଇଁ ଯେତିକି ପ୍ରୟାସ ନିଜ ଦେଶରେ କରିଛନ୍ତି ସେତିକି ଦେଶ ବାହାରେ ମଧ୍ୟ କରିଛନ୍ତି । ପୁତିନଙ୍କ କୂଟନୀତି ଯୋଗୁ ଏସିଆର ଦୁଇଟି ପ୍ରମୁଖ ରାଷ୍ଟ୍ର ଚୀନ ଓ ଭାରତ ଆମେରିକା ସପକ୍ଷରେ ପୂରାପୂରି ଯାଇନାହାନ୍ତି । ସତକଥା ହେଲା ପୁତିନଙ୍କ ଦୃଢ ମନୋବଳ ଯୋଗୁ ଆମେରିକା ଏବଂ ନାଟୋ ମେଣ୍ଟର କଟକଣା, ଅସହଯୋଗ, ଷଡଯନ୍ତ୍ର ସତ୍ତ୍ୱେ ରୁଷିଆ ଏକାକୀ ଲଢିଆସିଛି । ଆମେରିକା ଏବଂ ୟୁରୋପର ରାଷ୍ଟ୍ରଗୁଡିକ ବିଶ୍ୱମଞ୍ଚରେ ରୁଷିଆକୁ ଏକାକୀ କରିବାକୁ ସମସ୍ତ ପ୍ରକାର ପ୍ରଚେଷ୍ଟା କରିଥିଲେ ମଧ୍ୟ ପୁତିନଙ୍କୁ ସମର୍ଥନ ଦେବାପାଇଁ ଆଫ୍ରିକା ମହାଦେଶର ଅନେକ ରାଷ୍ଟ୍ର ମୁଖ୍ୟ ମସ୍କୋରେ ଉପସ୍ଥିତ ରହି ସେମାନଙ୍କ ଆଭିମୁଖ୍ୟ ସ୍ପଷ୍ଟ କରିଛନ୍ତି । ଦେଢବର୍ଷରୁ ଅଧିକ କାଳ ଧରି ୟୁକ୍ରେନ -ରୁଷିଆର ଯୁଦ୍ଧ ମଧ୍ୟରେ ରୁଷିଆର ଜନସାଧାରଣ ଏବଂ ସହଯୋଗୀ ରାଷ୍ଟ୍ରଗୁଡିକୁ ନିଜ ସପକ୍ଷରେ ରଖି ପୁତିନ ନିଜ ସଫଳ ନେତୃତ୍ୱର ପରିଚୟ ଦେଇପାରିଛନ୍ତି । ରୁଷିଆର ସୁରକ୍ଷା ପ୍ରତି ବିପଦ ସୃଷ୍ଟି କରିଥିବା ୱାଗନର ଗ୍ରୁପର ମୁଖ୍ୟ ଏବଂ ପୂର୍ବତନ ନିକଟତମ ସହଯୋଗୀ ପ୍ରିଗୋଝିନଙ୍କ ପରି ବ୍ୟକ୍ତିଙ୍କୁ ରାସ୍ତାରୁ ହଟାଇବାକୁ ସକ୍ଷମ ହୋଇଛନ୍ତି । ଆମେରିକାର ସମସ୍ତ ପ୍ରକାର ପ୍ରୟାସ ସତ୍ତ୍ୱେ ରୁଷିଆର ନେତୃତ୍ୱ ଦୁର୍ବଳ ହୋଇନାହିଁ ବରଂ ଆମେରିକା ମଧ୍ୟରେ ପୁତିନଙ୍କ ଅପରେସନ ଅଧିକ ଶକ୍ତିଶାଳୀ ହୋଇଛି । ରୁଷିଆ ବାହାରେ ଆମେରିକାର ସମ୍ମାନ ଓ ପ୍ରତିଷ୍ଠାରେ ଆଞ୍ଚ ଆସିଛି । ଯେଉଁ ଗଣତନ୍ତ୍ର କଥା କହି ଆମେରିକା ନିଜର ଆଧିପତ୍ୟ ବିସ୍ତାର ପାଇଁ ବାଟ ଫିଟାଇଥାଏ ସେହି ଗଣତନ୍ତ୍ର ପ୍ରତି ଅନ୍ୟମାନଙ୍କ ମନରେ ସନ୍ଦେହ ସୃଷ୍ଟି ହୋଇଛି । ମାଇଣ୍ଡଗେମ୍‌ରେ ଆମେରିକାକୁ ଦୁର୍ବଳ କରିବାକୁ ପୁତିନ ସଫଳ ହୋଇଛନ୍ତି ।

ସୋଭିଏତ ରୁଷିଆକୁ ଦୁର୍ବଳ କରିବାକୁ ଦ୍ୱିତୀୟ ବିଶ୍ୱଯୁଦ୍ଧ ପରଠାରୁ ଯେଉଁ ପ୍ରୟାସ ଆମେରିକା ଚଳାଇ ଆସିଥିଲା ତାହା ଚାରିଦଶନ୍ଧି ପରେ ସଫଳ ହେଲା । ସୋଭିଏତ୍ ସଂଘକୁ ଭାଙ୍ଗିବା ପାଇଁ ଆମେରିକାର ନିରନ୍ତର ପ୍ରୟାସକୁ ପୁତିନ ଦେଖିଥିଲେ । ଜର୍ମାନୀରେ ଗୁଇନ୍ଦା ଅଧିକାରୀ ଭାବେ ନିଯୁକ୍ତ ଥିଲାବେଳେ ବିକ୍ଷୋଭ ଆଳରେ ସେଠାରେ ଥିବା ସୋଭିଏତ ରୁଷିଆର କୂଟନୀତିକ କାର୍ଯ୍ୟାଳୟକୁ କିପରି ଧ୍ୱଂସ କରି ତଥ୍ୟ ଚୋରାଇବାକୁ ପ୍ରୟାସ ହୋଇଥିଲା ତାହା ସହ ସେ ପରିଚିତ ଥିଲେ । କାର୍ଯ୍ୟାଳୟ ଉପରେ ଆକ୍ରମଣ ହେବା ସମୟରେ ସେ ଗୋପନୀୟ ତଥ୍ୟଗୁଡିକର ଦଲିଲକୁ କିପରି ପୋଡି ନଷ୍ଟ କରିଥିଲେ ତାହା ଭୁଲିପାରିନାହାନ୍ତି । ସେତେବେଳେ ରୁଷିଆର ଶାସନରେ ଥିବା ସରକାରଙ୍କଠାରୁ ଯେପରି ସାହାଯ୍ୟ ପାଇବା କଥା ତାହା ସେ ନପାଇବା ଦ୍ୱାରା କିପରି ରୁଷିଆର କ୍ଷତି ହୋଇଥିଲା ତାହା ସେ ଲକ୍ଷ୍ୟ କରିଥିଲେ । ତେଣୁ ରୁଷିଆର ନେତୃତ୍ୱ ସବୁବେଳେ ସୁଦୃଢ , ସଶକ୍ତ ଏବଂ ବାରମ୍ବାର ପରିବର୍ତ୍ତନ ନ ହେବାକୁ ସେ ନିଜର ନୀତି ଭାବେ ଧରିଛନ୍ତି । ରୁଷିଆରେ ଗଣତନ୍ତ୍ର ଆସିଲା ପରେ ଯେପରି ଭୋଟରଙ୍କୁ ପ୍ରଭାବିତ କରି ସରକାର ବଦଳିବା କଥା ତାହା ହୋଇନାହିଁ । ଏପରିକି ପୁତିନ ନିଜକୁ ସର୍ବୋଚ୍ଚ ସ୍ଥାନରେ ଅଧିକ ସଶକ୍ତ କରିଛନ୍ତି । ସାମ୍ବିଧାନିକ ପରିବର୍ତ୍ତନ ମଧ୍ୟ କରିଛନ୍ତି । ୟୁରେସିଆକୁ ଦୁର୍ବଳ କରିବାକୁ ହେଉଥିବା ଉଦ୍ୟମର ସେ ବିରୋଧ କରୁଛନ୍ତି । ଆମେରିକାର ସୋସିଆଲ ମିଡିଆରେ ପ୍ରବେଶ କରି ସେଠାକାର ସରକାରଙ୍କୁ ସନ୍ଦେହରେ ପକାଇଛନ୍ତି । ୨୦୧୮ରେ ଫକ୍ସ ନିଉଜକୁ ଦେଇଥିବା ସାକ୍ଷାତକାରରେ ପୁତିନ ଯେଉଁ ମନସ୍ତାତ୍ତ୍ୱିକ ଯୁଦ୍ଧ ଚଳାଇଥିଲେ ସେଥିରେ କେତେକାଂଶରେ ସେ ସଫଳ ହୋଇଛନ୍ତି । ୨୦୧୬ରେ ଆମେରିକା ନିର୍ବାଚନରେ ଟ୍ରମ୍ପ-ହିଲାରୀ କ୍ଲିଣ୍ଟନଙ୍କ ମଧ୍ୟରେ ଲଢେଇ ହେଉଥିବା ସମୟରେ ବର୍ଣ୍ଣିସାଣ୍ଡାର୍ସ କ୍ଲିଣ୍ଟନଙ୍କୁ ହଟାଇବା ପାଇଁ କିପରି ଷଡଯନ୍ତ୍ର କରିଥିଲେ ତାହା କହି ସେ ଆମେରିକାବାସୀଙ୍କ ମନରେ ଦ୍ୱନ୍ଦ୍ୱ ଭରି ଦେଇଥିଲେ । ଆମେରିକାର ରାଜନୀତିରେ ନୀତିବିହୀନ ନେତୃତ୍ୱର ଲଢେଇକୁ ସେ ଲୋକଲୋଚନକୁ ଆଣି ଅନେକ ସନ୍ଦେହର ଜାଲ ବୁଣିଥିଲେ । ଯାହା ଫଳରେ ଟ୍ରମ୍ପ ଏବଂ କ୍ଲିଣ୍ଟନଙ୍କ ଦଳକୁ ସମର୍ଥନ କରୁଥିବା ଭୋଟରମାନଙ୍କ ମନରେ ନିର୍ବାଚନର ସ୍ୱଚ୍ଛତାକୁ କେନ୍ଦ୍ର କରି ଅନେକ ପ୍ରଶ୍ନବାଚୀ ସୃଷ୍ଟି ହୋଇଥିଲା । ସେମାନେ ତଦନ୍ତ ପାଇଁ ଦାବି କରିଥିଲେ । ଆମେରିକାର ଗଣତାନ୍ତ୍ରିକ ବ୍ୟବସ୍ଥା ମଧ୍ୟରେ ଜାଲିଆତି ହେଉଥିବା କଥା ପୁତିନ ଉଠାଇ ବିଶ୍ୱବାସୀଙ୍କ ମନରେ ଆମେରିକାର ପ୍ରତିଷ୍ଠା ପ୍ରତି ଆଞ୍ଚ ଆଣିଥିଲେ । ତେଣୁ ଆମେରିକାବାସୀଙ୍କ ମନରେ ଆମେରିକାର ବିଧି ଓ ବ୍ୟବସ୍ଥା ପ୍ରତି ସନ୍ଦେହ ସୃଷ୍ଟିକରି ଆମେରିକା କିପରି ଅନ୍ୟ ଦେଶର ଗଣତନ୍ତ୍ରର କ୍ଷତିସାଧନ କରିଆସୁଛି ତାହା ସେ ଉଲ୍ଲେଖ କରିଥିଲେ ।

କ୍ଷମତାକୁ ଆସିବା ପରେ ପୁତିନଙ୍କ ସମ୍ମୁଖରେ ଚେଚେନ୍ୟାର ଇସ୍‌ଲାମିକ ସନ୍ତ୍ରାସବାଦ ବଡ ଆହ୍ୱାନ ହୋଇ ଛିଡା ହୋଇଥିଲା । ତା ପଛରେ ଆମେରିକା ସରକାର ମଧ୍ୟପ୍ରାଚ୍ୟର ସହଯୋଗୀ ମୁସଲିମ ରାଷ୍ଟ୍ରଗୁଡିକୁ ଲଗାଇଥିଲେ । ପୃଥିବୀରେ ଇସଲାମିକ ସନ୍ତ୍ରାସର କାରଖାନା ଖୋଲି ପାକ୍ ଓ ମଧ୍ୟପ୍ରାଚ୍ୟ ମାଧ୍ୟମରେ ଆମେରିକା ଯେମିତି ଭାରତ ସମେତ ରୁଷିଆକୁ ନିୟନ୍ତ୍ରଣ କରିବାକୁ ଚେଷ୍ଟା କରିଆସିଛି ସେ ସଂପର୍କରେ ସମସ୍ତେ ପରିଚିତ । ଚେଚେନ୍ୟା ବିଦ୍ରୋହୀଙ୍କୁ ଦମନ କଲାପରେ ପୁତିନ ମଧ୍ୟପ୍ରାଚ୍ୟରେ ନିଜ ପ୍ରାଧାନ୍ୟ ବିସ୍ତାର କରି ଆମେରିକାକୁ ଚ୍ୟାଲେଞ୍ଜ ଦେଇଥିଲେ । ଆଫ୍ରିକାରେ ହସ୍ତକ୍ଷେପ କରି ନାଟୋ ଦେଶଗୁଡିକୁ ହଟାଇବା ପାଇଁ ସ୍ଥାନୀୟ ରାଜନେତା ଏବଂ ସେନାର ନେତୃତ୍ୱକୁ ବୁଝାଇବାରେ ସକ୍ଷମ ହୋଇଥିଲେ । ଯେଉଁଥିପାଇଁ ଏକଦା ଶହଶହ ବର୍ଷ ଧରି ଆଫ୍ରିକାକୁ ଉପନିବେଶ କରିଥିବା ୟୁରୋପୀୟ ରାଷ୍ଟ୍ରଗୁଡିକ ପ୍ରତି ଆଫ୍ରିକାର ଜନମାନସରେ ଏବେ ପ୍ରବଳ ଘୃଣା ଭାବ ଦେଖାଦେଇଛି । ଗୋଟିକ ପରେ ଗୋଟିଏ ଦେଶରେ ନାଟୋ ସମର୍ଥିତ ଗୋଷ୍ଠୀ ଦୁର୍ବଳ ହେବାରେ ଲାଗିଛନ୍ତି । ନିକଟରେ ନାଇଜରରୁ ଫ୍ରାନ୍ସ ସେନାବାହିନୀ ନିଜ ଛାଉଣୀ ଛାଡିବାକୁ ବାଧ ହୋଇଛନ୍ତି । ସତୁରୀ ବର୍ଷ ଧରି ସେଠାରେ ଫ୍ରାନ୍ସର ସେନା ସ୍ଥାୟୀ ଭାବେ ରହିଆସିଥିଲେ । ବିଗତ ଦିନରେ ଅନେକ ଆଫ୍ରିକୀୟ ରାଷ୍ଟ୍ରରେ ଆମେରିକା-ନାଟୋ ସମର୍ଥକ ସରକାରଗୁଡିକୁ କ୍ଷମତାରୁ ହଟାଇବା ପଛରେ ପୁତିନଙ୍କ ବୁଦ୍ଧି ଯେ କାର୍ଯ୍ୟ କରିଛି ତାହା ସ୍ୱୀକାର କରିବାକୁ ହେବ । ୨୦୦୪ ପରଠାରୁ ଆଫ୍ରିକାର ଆର୍ଥିକ ଓ ବାଣିଜ୍ୟିକ କ୍ଷେତ୍ରରେ ଚୀନ ନିଜର ଆଧିପତ୍ୟକୁ ବୃଦ୍ଧିକରିବାକୁ ସକ୍ଷମ ହେଲାବେଳେ ରୁଷିଆ ସାମରିକ ଏବଂ କୂଟନୀତିକ କ୍ଷେତ୍ରରେ ଅଧିକ ସୁଦୃଢ ହୋଇଛି । ମାଇଣ୍ଡଗେମ୍‌ରେ ପୁତିନ ଆଗୁଆ ରହି ଆଫ୍ରିକାବାସୀଙ୍କୁ ୟୁରୋପ-ଆମେରିକା ବିରୋଧୀ କରି ଛିଡା କରିବାକୁ ସକ୍ଷମ ହୋଇଛନ୍ତି ।

ସମ୍ମୁଖ ଯୁଦ୍ଧରେ ରୁଷିଆ ପାଇଁ କେବଳ ପରମାଣୁ ଯୁଦ୍ଧ ବାଦ ଦେଲେ ପାରମ୍ପାରିକ ଯୁଦ୍ଧରେ ଆମେରିକାର ସମ୍ମୁଖୀନ ହେବା ସହଜ ହେବନାହିଁ, ଏକଥା ପୁତିନଙ୍କୁ ଜଣାଅଛି । ତେଣୁ ସେ ସାଇବର ସେନା ବାହିନୀକୁ ଶକ୍ତିଶାଳୀ କରି ଆମେରିକା ଓ ନାଟୋ ଗୋଷ୍ଠୀକୁ ବାରମ୍ବାର ଆକ୍ରମଣ କରି ଆସିଛନ୍ତି । ୨୦୨୦ ନିର୍ବାଚନ କାଳରେ ଆମେରିକାରେ ଟ୍ରମ୍ପ ବିଜୟୀ ହେବା ଜଣାପଡୁଥିଲା ବେଳେ ବାଇଡେନ ବିଜୟୀ ହେବା ସମସ୍ତଙ୍କୁ ଚକିତ କରିଥିଲା ଏବଂ ଆମେରିକାବାସୀ ଭୋଟରଙ୍କ ମନରେ ପୁତିନ ମାଇଣ୍ଡଗେମ୍ କ୍ଷେତ୍ରରେ ଆଗରେ ରହିବା ଜଣାପଡିଥିଲା । ପୁତିନ ନିଜେ କେଜିବିର ଜଣେ ଅଧିକାରୀ ଭାବେ ଅତୀତରେ କାର୍ଯ୍ୟ କରିଥିବା ଦୃଷ୍ଟିରୁ କ୍ଷମତାକୁ ଆସିବାପରେ ଗୁଇନ୍ଦା ବ୍ୟବସ୍ଥାକୁ ଶକ୍ତିଶାଳୀ କରିଛନ୍ତି । ଆମେରିକାର ଗଣମାଧ୍ୟମ ଗୁଡିକରେ ରୁଷିଆ ସମର୍ଥିତ ଲୋକଙ୍କୁ ପ୍ରବେଶ କରାଇ ପୁତିନ ଭୟ ସଞ୍ଚାର କରିବାକୁ ସକ୍ଷମ ହୋଇଛନ୍ତି । ୟୁକ୍ରେନ ଯୁଦ୍ଧବେଳେ ଜନବସତିଗୁଡିକ ଉପରେ ଭୀଷଣ ଆକ୍ରମଣକରି ପ୍ରବଳ କ୍ଷୟକ୍ଷତି ସହ ଅଞ୍ଚଳକୁ ଧ୍ୱସ୍ତବିଧ୍ୱସ୍ତ କରିବାର ଭୟଙ୍କର ଫଟୋ ସବୁ ଆମେରିକାର ଗଣମାଧ୍ୟମରେ ପ୍ରକାଶ କରାଇ ଆମେରିକାବାସୀଙ୍କ ମନରେ ସେଠାକାର ସରକାରଙ୍କ ପ୍ରତି ଘୃଣାଭାବ ସୃଷ୍ଟି କରିବାରେ ପୁତିନ ସକ୍ଷମ ହୋଇଥିଲେ । ଆମେରିକା ଏବଂ ୟୁରୋପର ଲୋକେ ଭୟାଳୁ ଏବଂ ରକ୍ତପାତ ଦେଖିଲେ ଛାନିଆଁ ହେବା ସମସ୍ତେ ଜାଣିଛନ୍ତି । ତେଣୁ ପୁତିନ ଯୁଦ୍ଧକାଳରେ ସେଭଳି ଦୃଶ୍ୟ ସୃଷ୍ଟିକରି ଆମେରିକାବାସୀଙ୍କ ମନରେ ଭୟ ସୃଷ୍ଟି କରିଛନ୍ତି । ସୋଭିଏତ ରୁଷିଆକୁ ଆମେରିକା ରାଜନୀତିକ ଷଡଯନ୍ତ୍ର ମାଧ୍ୟମରେ ବିଭାଜିତ କରିବାକୁ ସକ୍ଷମ ହୋଇଥିଲା ବେଳେ ପୁତିନ ସମାନ ଢଙ୍ଗରେ ଆମେରିକାକୁ ଆମେରିକାବାସୀଙ୍କ ଦ୍ୱାରା ବିଭାଜିତ କରିବାକୁ ପ୍ରୟାସ ଚଳାଇଛନ୍ତି । (ବ୍ଲାକ ଲାଇଫମ୍ୟାଟର୍ସ ଆନ୍ଦୋଳନରେ ଯେପରି ଇସଲାମିକ ଏବଂ କମ୍ୟୁନିଷ୍ଟ ଗୋଷ୍ଠୀ ଆମେରିକାରେ ତାଣ୍ଡବ ସୃଷ୍ଟି କରିଥିଲେ ତା ପଛରେ କେଜିବିର ଭୂମିକା ରହିଥିବା ସଂକ୍ରାନ୍ତରେ ବହୁଖବର ପ୍ରକାଶ ପାଇଥିଲା । ଏଥିରୁ ଆମେରିକାକୁ ଆମେରିକା ମଧ୍ୟରେ ଦୁର୍ବଳ କରିବାକୁ ପୁତିନଙ୍କ ଅପରେସନ ସକ୍ଷମ ବୋଲି କୁହାଯାଇପାରେ ।

# ଷ୍ଟିୱାର୍ଟ ବିଜ୍ଞାନ ମହାବିଦ୍ୟାଳୟ : ବିଜ୍ଞାନ ଶିକ୍ଷାର ଉତ୍ସ

**॥ ଡକ୍ଟର ଶ୍ରୀମତୀ ଦୀପା ନାଗ୍ ॥**

ଓଡ଼ିଶାର ଅନ୍ୟତମ ମର୍ଯ୍ୟାଦାପୂର୍ଣ୍ଣ ଓ ସର୍ବପୁରାତନ ବିଜ୍ଞାନ ମହାବିଦ୍ୟାଳୟ ଭାବେ କଟକର ଷ୍ଟିୱାର୍ଟ ବିଜ୍ଞାନ ମହାବିଦ୍ୟାଳୟ ପ୍ରତିଷ୍ଠିତ। ଓଡ଼ିଶାରେ ବିଜ୍ଞାନର ପ୍ରଚାର ପ୍ରସାର ଦିଗରେ ଏହି ଶିକ୍ଷାନୁଷ୍ଠାନର ଗୁରୁତ୍ୱପୂର୍ଣ୍ଣ ଓ ପ୍ରେରଣାପ୍ରଦ ଅବଦାନ ରହିଛି। ଓଡ଼ିଶା ରାଜ୍ୟରେ ଗୁଣାତ୍ମକ ବିଜ୍ଞାନ ଶିକ୍ଷାର ପ୍ରସାର ନିମନ୍ତେ ରୌପ୍ୟ ନଗରୀ କଟକର କେନ୍ଦ୍ରସ୍ଥଳୀରେ ୧୯୪୪ ମସିହାରେ ଷ୍ଟିୱାର୍ଟ ବିଜ୍ଞାନ ମହାବିଦ୍ୟାଳୟର ସ୍ଥାପନା କରାଯାଇଥିଲା। ଏହା ଏକ ଖ୍ରୀଷ୍ଟିଆନ ଲଘୁ ସଂପ୍ରଦାୟ ଅନୁଷ୍ଠାନ। ଓଡ଼ିଶା ସରକାରଙ୍କର ଅନୁଦାନ ପ୍ରାପ୍ତ ଏବଂ କଟକ ଡାୟୋସିସ୍ ଦ୍ୱାରା ପରିଚାଳିତ ଏହି ମହାବିଦ୍ୟାଳୟଟି ଭାରତ ବର୍ଷର ସ୍ୱାଧୀନତା ପୂର୍ବରୁ ଆଜି ପର୍ଯ୍ୟନ୍ତ ଉଚ୍ଚକୋଟୀର ଶିକ୍ଷାଦାନ କରିବା ସହିତ ଉତ୍ତମ ନାଗରିକ ମାନଙ୍କୁ ଗଠନ କରିବାରେ ଏକ ଅଗ୍ରଣୀ ଭୂମିକା ଗ୍ରହଣ କରିଛି।

ଏହି ମହାବିଦ୍ୟାଳୟରେ ଯୁକ୍ତତିନ ପାଠ୍ୟକ୍ରମରେ ବିଜ୍ଞାନର ସାତୋଟି ବିଭାଗରେ ସମ୍ମାନରେ ଶିକ୍ଷାଦାନ କରାଯାଉଛି। ସେହି ବିଷୟ ଗୁଡ଼ିକ ହେଲା ପଦାର୍ଥ ବିଜ୍ଞାନ, ରସାୟନ ବିଜ୍ଞାନ, ଗଣିତ, ଉଦ୍ଭିଦ ବିଜ୍ଞାନ, ଜୀବ ବିଜ୍ଞାନ, ଭୂତତ୍ତ୍ୱ ଏବଂ କମ୍ପ୍ୟୁଟର ବିଜ୍ଞାନ। ପ୍ରତ୍ୟେକ ବିଭାଗରେ ଯୋଗ୍ୟ ଏବଂ ଅଭିଜ୍ଞ ଶିକ୍ଷକ ଓ ଡେମୋନଷ୍ଟ୍ରେଟରମାନେ ଛାତ୍ରଛାତ୍ରୀ ମାନଙ୍କୁ ଥିଓରି ଏବଂ ପ୍ରାକ୍ଟିକାଲ ଶ୍ରେଣୀରେ ଯତ୍ନର ସହିତ ଶିକ୍ଷାଦାନ କରନ୍ତି। ପାଠପଢ଼ାଇବା ସହିତ ପିଲାମାନଙ୍କର ସୁଚରିତ୍ର ଗଠନ ଦିଗରେ ମଧ୍ୟ ଧ୍ୟାନ ଦିଆଯାଏ। ମହାବିଦ୍ୟାଳୟର ବିଜ୍ଞାନଗାର ଗୁଡ଼ିକ ଖବୁ ଉଚ୍ଚକୋଟୀର। ଯୁକ୍ତତିନି ପାଠ୍ୟକ୍ରମ ନିମନ୍ତେ ଉଦ୍ଦିଷ୍ଟ ସମସ୍ତ ଉପକରଣ ଏବଂ ରାସାୟନିକ ଯଥେଷ୍ଟ ପରିମାଣରେ ଉପଲବ୍ଧ। ଉତ୍କଳ ବିଶ୍ୱବିଦ୍ୟାଳୟରେ ଅନୁଷ୍ଠିତ ପରୀକ୍ଷା ମାନଙ୍କରେ ଏହି ମହାବିଦ୍ୟାଳୟର ଛାତ୍ରଛାତ୍ରୀ ମାନଙ୍କର କୃତୀତ୍ୱରେ ଶିକ୍ଷାର ମାନ ପ୍ରତିଫଳିତ ହେଉଛି। ପ୍ରାୟ ପ୍ରତ୍ୟେକ ବର୍ଷ ବିଭିନ୍ନ ବିଭାଗରେ ଛାତ୍ରଛାତ୍ରୀମାନେ ପ୍ରଥମ ସ୍ଥାନ ତଥା ଶ୍ରେଷ୍ଠ ସ୍ନାତକ ହେବାର ଗୌରବ ଅର୍ଜନ କରୁଛନ୍ତି। ଏହାର ଯୁକ୍ତଦୁଇ ଶିକ୍ଷାଦାନ ମଧ୍ୟ ଖୁବ ଉଚ୍ଚକୋଟୀର। ଏହି ଅନୁଷ୍ଠାନରୁ ଶିକ୍ଷା ଗ୍ରହଣ କରିବା ପରେ ଛାତ୍ରଛାତ୍ରୀମାନେ



ବିଭିନ୍ନ ପ୍ରବେଶିକା ପରୀକ୍ଷାରେ ସଫଳତାର ସହ ଉତ୍ତୀର୍ଣ୍ଣ ହେଉଛନ୍ତି। ପରବର୍ତ୍ତୀ ସମୟରେ ବିଭିନ୍ନ ଉଚ୍ଚ ପଦପଦବୀରେ ସେମାନେ ଅଧିଷ୍ଠିତ। ପାଠପଢ଼ା ସହିତ ଏହି ମହାବିଦ୍ୟାଳୟର ପିଲାମାନେ ଏନସିସି, ଏନଏସଏସ ଏବଂ ୱାଇଆରସିର ବିଭିନ୍ନ କାର୍ଯ୍ୟକ୍ରମରେ ଅଂଶ ଗ୍ରହଣ କରି ରାଜ୍ୟ ତଥା ଜାତୀୟ ସ୍ତରରେ ସମ୍ମାନିତ ହୋଇଛନ୍ତି। ସଂଗୀତ, ନୃତ୍ୟ, ଯୋଗ, କୁଇଜ, ବକ୍ତୃତା ଇତ୍ୟାଦି ପ୍ରତିଯୋଗିତାରେ ମଧ୍ୟ ଛାତ୍ରଛାତ୍ରୀ ମାନଙ୍କୁ ଉଲ୍ଲେଖନୀୟ ସଫଳତା ମିଳିଛି। ଏହି ସମସ୍ତ କାର୍ଯ୍ୟକ୍ରମ ନିମନ୍ତେ ଛାତ୍ରଛାତ୍ରୀଙ୍କୁ ଅବଗତ ଏବଂ ଉତ୍ସାହିତ କରିବାରେ ଶିକ୍ଷକ, ଶିକ୍ଷୟିତ୍ରୀ ମାନଙ୍କର ଭୂମିକା ଖୁବ ଗୁରୁତ୍ୱପୂର୍ଣ୍ଣ। ଏହି କୃତୀତ୍ୱପୂର୍ଣ୍ଣ ବିଜ୍ଞାନମହାବିଦ୍ୟାଳୟରୁ ଅନେକ ପ୍ରତିଭାବାନ ମେଧାବୀ ଛାତ୍ରଛାତ୍ରୀ ଉତ୍ତୀର୍ଣ୍ଣ ହୋଇ ଆଜି ସମାଜର ବିଭିନ୍ନ କ୍ଷେତ୍ରରେ ପ୍ରତିଷ୍ଠିତ ଯାହାକି ସେମାନେ ଏହି ବିଦ୍ୟାଳୟର ଜଣେ ଜଣେ ପ୍ରତିଭା ଗୌରବ ବିମଣ୍ଡିତ ଆସନରେ ଆଜି ଅଧିଷ୍ଠିତ। ଆଜି ଏହି ବିଦ୍ୟାଳୟ ତାର ୭୯ତମ ବାର୍ଷିକ ଉତ୍ସବ ପାଳନ କରୁଛି। ଏ କ୍ଷେତ୍ରରେ ହଜାର ବର୍ଷର ପରିଚୟ ସମୃଦ୍ଧିରେ ପ୍ରତିଷ୍ଠିତ କଟକ ସହରର ପ୍ରତିଟି କଟକିଆଙ୍କ ସହଯୋଗ ଓ ଭୂମିକା ରହିଛି। ଆଜି ଆମେ ଅତ୍ୟନ୍ତ ଗୌରବାମହ ମନେକରୁଛୁ ଯେ ଏହି ବିଦ୍ୟାଳୟ ତାର ସୁନାମ ପ୍ରତିଷ୍ଠା କରିବାରେ ଓ ବଜାୟ ରଖିବାରେ ସଫଳ ହୋଇଛି। କେବଳ ପାଠପଢ଼ା ନୁହେଁ ଏହି ବିଦ୍ୟାଳୟର ଛାତ୍ରଛାତ୍ରୀମାନେ ବିଜ୍ଞାନର ଅନ୍ୟତମ ଉତ୍କୃଷ୍ଟ ଓ ଉତ୍କର୍ଷ ଗବେଷଣା ସହ କ୍ରୀଡ଼ା ଓ ସାଂସ୍କୃତିକ ଓ ବୌଦ୍ଧିକର ବିଭିନ୍ନ ଦିଗରେ ପ୍ରତିଷ୍ଠିତ ହୋଇ ଏହି ମହାବିଦ୍ୟାଳୟର ସୁନାମ ବଢ଼ାଇଛନ୍ତି। ଅନେକ ବିଜ୍ଞାନ ଶିକ୍ଷାବିତ, ବୈଜ୍ଞାନିକ, ଡାକ୍ତର, ଇଞ୍ଜିନିୟରଙ୍କ ଠାରୁ କ୍ରୀଡ଼ାବିତ, ସୁଲେଖକଙ୍କ ଠାରୁ ସାମ୍ବାଦିକ, ମହାକାଶବିଜ୍ଞାନୀଙ୍କ ଠାରୁ ବିଜ୍ଞାନର ସମସ୍ତ ସୋପାନରେ ସେମାନେ ଯେଉଁ ଶିଖରରେ ପହଞ୍ଚି ଏହି ମହାବିଦ୍ୟାଳୟର ଗୌରବ ବଢ଼ାଇଛନ୍ତି ତାହା ଅତ୍ୟନ୍ତ ପ୍ରଶଂସନୀୟ ଓ ଏହି ମହାବିଦ୍ୟାଳୟର ସୁନାମ ବଢ଼ାଇବା ପାଇଁ ଯଥେଷ୍ଟ। ଏହି ଶିକ୍ଷାନୁଷ୍ଠାନର ଗୌରବ ବଢ଼ାଇବାରେ ମହାବିଦ୍ୟାଳୟର ମାର୍ଗଦର୍ଶନ ମଣ୍ଡଳୀ, ପ୍ରତିଷ୍ଠାତା ମଣ୍ଡଳୀ ଓ କମିଟି ମଣ୍ଡଳୀର ସହଯୋଗ, ଉଦ୍ୟମ, ନିଷ୍ଠା ଯଥେଷ୍ଟ। ଚକ, ଡଷ୍ଟର, କଳାପଟ୍ଟା ଯୁଗରୁ ବିଜ୍ଞାନ ଶିକ୍ଷାଦାନ ଆରମ୍ଭ କରି ଆଜି ସ୍ମାର୍ଟ ବୋର୍ଡ଼, ପ୍ରୋଜେକ୍ଟର ଓ କମ୍ପ୍ୟୁଟର ମାଧ୍ୟମରେ ଶିକ୍ଷାଦାନ କରି କୃତୀ ଛାତ୍ରଛାତ୍ରୀ ସୃଷ୍ଟି କରିବାର ଯାତ୍ରାକୁ ଆଜିବି ଏହି ମହାବିଦ୍ୟାଳୟ ବଜାଏ ରଖିଛି, ଆଗକୁ ମଧ୍ୟ ରଖିବ।

ଅଧ୍ୟକ୍ଷା, ଷ୍ଟିୱାର୍ଟ ବିଜ୍ଞାନ ମହାବିଦ୍ୟାଳୟ, ମଧୁସୂଦନ ରୋଡ଼, କଟକ, ଦୂରଭାଷ : ୯୪୩୮୩୬୫୭୦୨

# ସତପାତ୍ର

**॥ ନିରୂପମା ଭୂୟାଁ ॥**

ବମ୍ବେରୁ ଜଣେ ଧାର୍ମିକ ସେଠ ତୀର୍ଥରେ ଆସି ହରିଦ୍ୱାରରେ ପହଞ୍ଚିଲେ। ଶୀତ ଋତୁ ଆସିବା ଆଗରୁ ସେଠାକାର ସାଧୁସନ୍ଥ ମାନଙ୍କୁ ଗୋଟିଏ ଗୋଟିଏ କମ୍ବଳ ଦେବା ଲାଗି ସେ ୨୦୦ ଖଣ୍ଡ କମ୍ବଳ ସାଥିରେ ଆଣିଥିଲେ। ହରିଦ୍ୱାରର ଜଣେ ବଡ଼ ସାଧୁଙ୍କ ସହ ତାଙ୍କର ସଦଭାବ ଥିଲା ଓ ସେ ହରିଦ୍ୱାର ରହଣି ବେଳେ ତାଙ୍କରି ଆଶ୍ରମରେ ରହିବା ପାଇଁ ସ୍ଥିର କଲେ। ଆଣିଥିବା କମ୍ବଳ ଗୁଡ଼ିକର କଥା ମଧ୍ୟ ସେ ସାଧୁଙ୍କୁ କହିଲେ। ସେ କଥା ଶୁଣି ସାଧୁ କହିଲେ - ଠିକ ଅଛି, କମ୍ବଳ ଏଠି ଥାଉ, ଉପଯୁକ୍ତ ସମୟରେ ଉପଯୁକ୍ତ ଲୋକ ହାତରେ ଏ କମ୍ବଳ ଗୁଡ଼ିକ ଦିଆଯିବ। ସବୁ ଦିନ ଭଳି ସନ୍ଧ୍ୟାରେ ସାଧୁଙ୍କ ଆଶ୍ରମରେ ସତସଙ୍ଗ ସଭା ହେଲା। ଅନେକ ସାଧୁ ସନ୍ଥ ଓ ଯାତ୍ରୀମାନେ ମିଶି ରାମଧନ କଲେ। କେତେକ ମହାପୁରୁଷ ପ୍ରବଚନ ଦେଲେ ଓ ଶେଷରେ ସଭା ସାଙ୍ଗ କରାଗଲା। ଏହି ସମୟରେ ବମ୍ବେର ଧାର୍ମିକ ଲୋକଟି ସାଧୁଙ୍କୁ କମ୍ବଳ ବାଣ୍ଟିବା କଥା ମନେ ପକାଇ ଦେଲେ। ସାଧୁ କହିଲେ, ‘ଅପେକ୍ଷା କର, ସମୟ ହୋଇନାହିଁ।’

ଧାର୍ମିକ ଲୋକ ଜଣକ ଭାବିଲେ ସଭାରେ ଏତେ ସାଧୁସନ୍ଥ ଉପସ୍ଥିତ ଥିଲେ, ସେଠାରେ କମ୍ବଳ ବାଣ୍ଟିଥିଲେ ଭଲ ହୋଇଥାନ୍ତା, କିନ୍ତୁ ଏ ସାଧୁ ମୋତେ କାହିଁକି ବାରଣ କଲେ, ମନେ ମନେ ସେ ଅନେକ କଥା ଭାବୁଥାନ୍ତି। ରାତ୍ରୀ ଭୋଜନ ତଥା ଭଜନ କୀର୍ତ୍ତନର ସମୟ ହେଲା। ଏଥିରେ ଯୋଗ ଦେବାକୁ ସାଧୁ ସନ୍ଥ ଓ ମହାତ୍ମାମାନେ ଅନେକ ସଂଖ୍ୟାରେ ଆସିଲେ ଏବଂ ରାତି ଦଶଟା ବେଳକୁ ସମସ୍ତେ ନିଜ ନିଜ ସ୍ଥାନକୁ ଫେରି ଗଲେ। ଧାର୍ମିକ ଲୋକ ଜଣକ ଏ ଥରକ ପୁଣି କମ୍ବଳ ବାଣ୍ଟିବା କଥା ସାଧୁଙ୍କୁ ମନେ ପକାଇ ଦେଲେ - ଏ ଥରକ ବି ସାଧୁ ପୁଣି କହିଲେ - ‘ଉପଯୁକ୍ତ ଲୋକ ଓ ଉପଯୁକ୍ତ ସମୟ ଏ ନୁହେଁ, ଆଉ ଟିକେ ଅପେକ୍ଷା କର।’ ଏହାପରେ ସାଧୁ ନିଜ ଶୋଇବା କୁଟୀରକୁ ଗଲେ ଓ ଧାର୍ମିକ ଲୋକଟି ତାଙ୍କ ରହିବା ଜାଗାକୁ ଗଲେ।

ଧାର୍ମିକ ଲୋକ ଜଣକ ଭାବୁଥାନ୍ତି ଯେ ଏ ସାଧୁ ଏଭଳି ବିଳମ୍ବ କରିବାର କାରଣ କ’ଣ ହୋଇପାରେ। ବିଛଣାରେ ପଡ଼ି ରହି ଥିଲେ ମଧ୍ୟ ତାଙ୍କୁ ନିଦ ଆସୁନଥାଏ। ରାତି ଅଧ ବେଳକୁ ସାଧୁ ଆସି ଧାର୍ମିକ ଲୋକଟିକୁ ଡାକିଲେ। ‘ଓ ସେଠ, ଚାହିଁଛ ନା ଶୋଇଲଣି। ଚାଲ ତୁମ କମ୍ବଳ ବାଣ୍ଟିବା।’ ସାଧୁଙ୍କ କଥା ଶୁଣି ସେଠ ବାହାରକୁ ଆସି କହିଲେ, ‘ମହାରାଜ, ଏ ରାତି ଅଧରେ ଦାନ ନେବାକୁ ଲୋକ କୋଉଠୁ ମିଳିବେ? ସାଧୁ କହିଲେ, ‘ସତପାତ୍ର ପାଇବାର ଉପଯୁକ୍ତ ସମୟ ବର୍ତ୍ତମାନ।’ ଆସ, କହି ଯେତେ କମ୍ବଳ ନିଜେ ଧରିପାରିଲେ ତାକୁ କାନ୍ଧରେ ନେଇ ଚାଲିଲେ। ସେଠ ମଧ୍ୟ ସାଧୁଙ୍କୁ ଦେଖି ଆହୁରି କିଛି କମ୍ବଳ ନିଜେ ଧରି ସାଧୁଙ୍କ ପଛେ ପଛେ ଚାଲିଲେ। ଚାଲି ଚାଲି ସେମାନେ ପହଞ୍ଚିଲେ ଗଙ୍ଗା ତୀରରେ। କେହି କେହି ଥଣ୍ଡାରେ ଥରୁଥିବା ଅବସ୍ଥାରେ, କେହି କେହି ଅନ୍ଧରାତ୍ର ଯୋଗୁଁ ଶୋଇ ପଡ଼ିଥିବା ଅବସ୍ଥାରେ, ସାଧୁ ପ୍ରତ୍ୟେକଙ୍କୁ ଖଣ୍ଡେ ଲେଖାଏଁ କମ୍ବଳ ଘୋଡ଼ାଇ ଦେଇ ଗଲେ। ବୁଲି ବୁଲି ସେମାନେ ଦୁଇ ଶହ ଯାକ କମ୍ବଳ ବାଣ୍ଟିଲେ। ସାଧୁଙ୍କ ଉନ୍ନତ ବିଚାର ଧାର୍ମିକ ସେଠଙ୍କ ମନରେ ଅପୂର୍ବ ଆନନ୍ଦ ସଞ୍ଚାର କଲା। ବର୍ତ୍ତମାନ ସେ ବୁଝିଲେ ଯେ ତାଙ୍କ ଦାନ ଉପଯୁକ୍ତ ଲୋକଙ୍କୁ ମିଳିଲା। ପ୍ରକୃତରେ ସେମାନେ ଥିଲେ ସତପାତ୍ର। ଦେଖେଇ ହୋଇ ଦାନ କରିବା ଅପେକ୍ଷା ଏ ଦାନ ହଜାର ଗୁଣ ଶ୍ରେୟସ୍କର।

ଜିଲ୍ଲା ସଂଯୋଜିକା (ଶିକ୍ଷା) ଶ୍ରୀ ସତ୍ୟସାଇ ସେବା ସଙ୍ଗଠନ, କେନ୍ଦ୍ରାପଡ଼ା ଜିଲ୍ଲା, ପଲାଇ ବାଲିଚନ୍ଦ୍ରପୁର, ଯାଜପୁର, ଦୂରଭାଷ : ୯୯୩୭୪୭୦୯୮୦



# ରାଇଜ କଥା

ଆଖି ଦେଖୁଥା କାନ ଶୁଣୁଥା
ପ୍ରତିଟି ଖବରରେ ଟଳୁଛି ମଥା





## ବାଲିଚନ୍ଦ୍ରପୁରର ପ୍ରସିଦ୍ଧ ଗଜଲକ୍ଷ୍ମୀ ପୂଜା ପାଇଁ ପ୍ରସ୍ତୁତି ବୈଠକ




ବାଲିଚନ୍ଦ୍ରପୁର, (ମହାଭାରତ): ବାଲିଚନ୍ଦ୍ରପୁର ତଥା ଆଖପାଖ ଅଂଚଳରେ ଗଜଲକ୍ଷ୍ମୀ ପୂଜା ଏକ ପ୍ରସିଦ୍ଧ ପୂଜା ଭାବେ ଅନୁଷ୍ଠିତ ହୋଇଥାଏ। ବିଶେଷ ଭାବେ ଗଜଲକ୍ଷ୍ମୀ ପୂଜା ପାଇଁ ବାଲିଚନ୍ଦ୍ରପୁର ବଜାର ଉତ୍ସବମୁଖର ହୋଇଉଠେ। ଏହି ବର୍ଷ ଅନ୍ୟାନ୍ୟ ବଜାରକୁ ଛାଡ଼ି ବାଲିଚନ୍ଦ୍ରପୁର ବଜାରରେ ୧୨ ଗୋଟି ମା'ଗଜଲକ୍ଷ୍ମୀଙ୍କ ମୃଣ୍ମୟମୂର୍ତ୍ତି ପୂଜା ପାଇବେ। ଏହି ପୂଜା ଆସନ୍ତା ୨୫ ତାରିଖରୁ ଆରମ୍ଭ ହୋଇ ୪ ତାରିଖରେ ବିର୍ଷଜନ ହୋଇ ପରଦିନ ଭଷାଣିଯାତ୍ରା ହେବ ବୋଲି ଜଣାପଡ଼ିଛି। ବାଲିଚନ୍ଦ୍ରପୁର ବଜାରର ଶ୍ୟାମସୁନ୍ଦର ବଜାର କମିଟିସ୍ଥିତ ଲକ୍ଷ୍ମୀମଣ୍ଡପ ପରିସରରେ ସମସ୍ତ ପୂଜା କମିଟିର କାର୍ଯ୍ୟକର୍ତ୍ତାଙ୍କୁ ନେଇ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଶ୍ୟାମସୁନ୍ଦର ବଜାର କମିଟିର ସଭାପତି ପ୍ରଦୀପ୍ତ କୁମାର ପୃଷ୍ଟିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ପ୍ରକାଶ ଚନ୍ଦ୍ର ସାମଲ, ସମିତି ସଭ୍ୟ କୁଳମଣି ବାରିକ, ପ୍ରବାସ କୁମାର ଦାଶ, ଗୌରାଙ୍ଗ ଚନ୍ଦ୍ର ସାହୁ, କାର୍ତ୍ତିକ ଚନ୍ଦ୍ର ସାହୁ, ସୁବାଷ ଚନ୍ଦ୍ର ସାହୁ, ନିତ୍ୟାନନ୍ଦ ମଲ୍ଲିକ, ଅଶିତ୍ କୁମାର ବିଶ୍ୱାଳ, କାର୍ତ୍ତିକ ଚନ୍ଦ୍ର ସେଠୀ, ବାପି ଜେନା, ଅଜୟ କୁମାର ସେନାପତି, ବଟକୃଷ୍ଣ ଜେନା, ଦାମୋଦର ସେନ୍, ସୁଦର୍ଶନ ସେଠୀ ପ୍ରମୁଖ ଯୋଗଦେଇ ଆଲୋଚନାରେ ଭାଗନେଇଥିଲେ। ଏହି ପୂଜାରେ ରଙ୍ଗିନ ଆଲୋକମାଳାରେ ପୂଜା ମଣ୍ଡପ ଗୁଡ଼ିକ ସଜା ହେବା ସହ ମିନାବଜାର, ବିଭିନ୍ନ କମିଟିର ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥାଏ। ଏହି ପୂଜା ଦେଖିବା ପାଇଁ ବାଲିଚନ୍ଦ୍ରପୁର ତଥା ଆଖପାଖ ଅଂଚଳର ଲକ୍ଷ୍ୟାଧିକ ଶ୍ରଦ୍ଧାଳୁ ଯୋଗଦେଇଥାନ୍ତି। ପୂଜା ଆରମ୍ଭରୁ ଶେଷ ପର୍ଯ୍ୟନ୍ତ ଶାନ୍ତି ଶୃଙ୍ଖଳା ବଜାଇ ରଖିବା ପାଇଁ ସ୍ଥାନୀୟ ପୋଲିସ ପ୍ରଶାସନ ସହ ଆଲୋଚନା କରାଯିବା ପାଇଁ ସମସ୍ତଙ୍କ ମଧ୍ୟରେ ମତପ୍ରକାଶ ପାଇଥିଲା। ବିଭିନ୍ନ ପୂଜା ମଣ୍ଡପର କର୍ମକର୍ତ୍ତା ମାନେ ଏକତ୍ରୀତ ହୋଇ ପରସ୍ପର ମଧ୍ୟରେ ସମନ୍ୱୟ ରଖି ସାଂସ୍କୃତିକ କାର୍ଯ୍ୟକ୍ରମ କରାଯିବା ଓ ଭଷାଣି କାର୍ଯ୍ୟକ୍ରମ କରାଯିବ ବୋଲି ଆଲୋଚନା ହୋଇଥିଲା।

## ଦଶ ଦଫା ଦାବି ନେଇ ଅଙ୍ଗନବାଡ଼ି କର୍ମୀ ଓ ସହାୟିକା ମାନଙ୍କ ସମସ୍ୟାକୁ ନେଇ ଗଜପତି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ ଓ ପ୍ରତିବାଦ




ଗଜପତି, (ମହାଭାରତ) ; ଗଜପତି ଜିଲ୍ଲା ସଦର ମହକୁମା ପାରଳାଖେମୁଣ୍ଡି ସ୍ଥିତ ଜଗନ୍ନାଥ ମନ୍ଦିର ନିକଟରୁ ଅଲ ଓଡ଼ିଶା ଅଙ୍ଗନବାଡି ଲେଡିଜ ୱାର୍କରସ୍ ଆସୋସିଏସନ ପକ୍ଷରୁ ଅଙ୍ଗନବାଡି କର୍ମୀ ଓ ସହାୟିକା ମାନେ ଏକ ବିରାଟ ରାଲି କରି ବିଭିନ୍ନ ନାରା ବାଜି ଦେଇ ଗଜପତି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ ଓ ପ୍ରତିବାଦ କରିଛନ୍ତି।ଭାରତୀୟ ମଜଦୁର ସଂଘ ସହ ଅନୁବନ୍ଧିତ ଅଲ୍ ଓଡ଼ିଶା ଅଙ୍ଗନବାଡ଼ି ଲେଡିଜ୍ ୱାର୍କର୍ସ ଆସୋସିଏସନର ଗଜପତି ଜିଲ୍ଲା ଶାଖା ପକ୍ଷରୁ ଆୟୋଜିତ ଏହି ବିକ୍ଷୋଭରେ ଜିଲ୍ଲାର ବିଭିନ୍ନ ବ୍ଲକ୍ ?ରୁ କର୍ମୀ ଓ ସହାୟିକା ଯୋଗଦେଇ ଥିଲେ।ଆନ୍ଦୋଳନ କାରୀଙ୍କ ପ୍ରମୁଖ ଦାବି ମଧ୍ୟରେ ରହିଛି ସରକାରୀ କର୍ମଚାରୀର ମାନ୍ୟତା, ମାସିକ ପାରିଶ୍ରମିକ ବୃଦ୍ଧି, ଛଟେଇ ନିଷ୍ପତ୍ତି ପ୍ରତ୍ୟାହାର, ବକେୟା ଅର୍ଥ ପ୍ରଦାନ, ପଦୋନ୍ନତି ସୁଯୋଗ ଏବଂ ମାତୃତ୍ୱ ଓ ଅବସରକାଳୀନ ସହାୟତା ପ୍ରଦାନ। ଏହି ଅବସରରେ ଜିଲ୍ଲାପାଳଙ୍କ ଜରିଆରେ ସମ୍ପୃକ୍ତ ବିଭାଗୀୟ ମନ୍ତ୍ରୀଙ୍କ ନିକଟକୁ ୧୦ ଦଫା ଦାବି ସମ୍ବଳିତ ସ୍ମାରକପତ୍ର ପ୍ରଦାନ କରାଯାଇଥିଲା।

## କଳା ଡିଗ୍ରୀ କଲେଜରେ ଛାତ୍ରସଂସ୍‌ଦ ନିର୍ବାଚନକୁ ନେଇ ଉତେଜନା- ଅଣ ଛାତ୍ର ହସ୍ତକ୍ଷେପ ନେଇ ଅଭିଯୋଗ, ରାସ୍ତା ରୋକ




ଦେବଗଡ, (ମହାଭାରତ) : ବାର କୋଟ ବ୍ଲକ କଳା ଡିଗ୍ରୀ କଲେଜରେ ଛାତ୍ର ସଂସଦ ନିର୍ବାଚନକୁ ନେଇ ଉତ୍ତେଜନା,ଅଣଛାତ୍ରଙ୍କ ହସ୍ତକ୍ଷେପ ଅଭିଯୋଗ, ଏବିଭିପି ଛାତ୍ରଛାତ୍ରୀ ମାନେ ଦିଘ୍ ଅଧ ଘଣ୍ଟା ଧରି ୪୯ ନୁମ୍ବେ ର ଜାତିୟ ରାଜ ଅବରୋଧ କରିଥିଲେ। ଛାତ୍ର ସଂସଦ ନିର୍ବାଚନକୁ ନେଇ ଦେବଗଡ଼ ଜିଲ୍ଲା ବାରକୋଟ ବ୍ଲକ ଅନ୍ତର୍ଗତ କଳା ପଞ୍ଚାୟତ ଡି ?ଗ୍ରୀ କଲେଜରେ ଉତ୍ତେଜନା ଦେଖାଦେଇଛି । ନିର୍ବାଚନ ପ୍ରଚାର ସମୟରେ ଅଣଛାତ୍ରଙ୍କ ହସ୍ତକ୍ଷେପକୁ ନେଇ ଏବିଭିପି ଏବଂ ବିଜୁ ଛାତ୍ର ଜନତା ଦଳ (ବିସିଜେଡି) ମଧ୍ୟରେ ପାଟିତୁଣ୍ଡ ଅଭିଯୋଗ । କଲେଜରେ ଛାତ୍ର ସଂସଦ ନିର୍ବାଚନ ପାଇଁ ପ୍ରଚାର ଚାଲିଥିବା ବେଳେ କିଛି ଅଣଛାତ୍ର ଆସି ପ୍ରଚାର କରୁଥିବା ଅଭିଯୋଗକୁ ନେଇ ଦୁଇ ଛାତ୍ର ସଂଗଠନ ମଧ୍ୟରେ ବିବାଦ ଉପୁଜିଥିଲା । ଏନେଇ ଏବିଭିପି ପକ୍ଷରୁ କଲେଜ କର୍ତ୍ତୃପକ୍ଷଙ୍କୁ ଜଣାଯାଇଥିଲେ ମଧ୍ୟ ଅଭିଯୋଗର ସମାଧାନ ନହେବାରୁ ଅସନ୍ତୋଷ ବଢ଼ିଥିବା କୁହାଯାଉଛି । ଏହାର ପ୍ରତିବାଦରେ ଏବିଭିପିର ଛାତ୍ରଛାତ୍ରୀ ମାନେ ୪୯ ନମ୍ବର ଜାତୀୟ ରାଜପଥକୁ କିଛି ସମୟ ପାଇଁ ଅବରୋଧ କରିଥିଲେ । ଫଳରେ ଘଟଣାସ୍ଥଳରେ ଉତ୍ତେଜନା ପରିସ୍ଥିତି ଦେଖାଦେଇଥିଲା । ଖବର ପାଇ ବାରକୋଟ ପୋଲିସ ଓ ତହସିଲଦାର ଘଟଣାସ୍ଥଳରେ ପହଞ୍ଚି ଆନ୍ଦୋଳନରତ ଛାତ୍ରଛାତ୍ରୀଙ୍କୁ ବୁଝାସୁଝା କରିଥିଲେ । ପ୍ରଶାସନର ହସ୍ତକ୍ଷେପ ପରେ ରାସ୍ତାରୋକ ହଟିଥିବା ଜଣାପଡ଼ିଛି । ଅନ୍ୟପକ୍ଷରେ, ଉଭୟ ଛାତ୍ର ସଂଗଠନ ମଧ୍ୟରେ ଉତ୍ତେଜନା ଦୂର କରିବା ଏବଂ ଶାନ୍ତି ବଜାୟ ରଖିବା ଉଦ୍ଦେଶ୍ୟରେ ଦୁଇ ଦଳ ର ଛାତ୍ର ଛାତ୍ରୀ ,ମାଜିଷ୍ଟ୍ରେଟ ପାୱାର ରେ ଥିବା ତହସିଲଦାର, ସସ ମ ବାରକୋଟ ଥାନା, ଏବଂ କଲେଜ କର୍ତ୍ତୃପକ୍ଷ ଙ୍କୁ ନେଇ ଏକ ଶାନ୍ତି ବୈଠକ ହୋଇଯାଇଛି,ବର୍ତ୍ତମାନ୍ କଲେଜ ରେ ଶାନ୍ତି ବଜାୟ ଅଛି।

## ବୃନ୍ଦାବନ ସୁବୁଦ୍ଧି ମହାବିଦ୍ୟାଳୟ ଛାତ୍ର ସଂସଦ ନିର୍ବାଚନ: ଜମୁଛି ପ୍ରଚାର

ଦଶପଲ୍ଲା, ୧୨/୧୦ (ମହାଭାରତ): ଦଶପଲ୍ଲାସ୍ଥିତ ପ୍ରସିଦ୍ଧ ବୃନ୍ଦାବନ ସୁବୁଦ୍ଧି ମହାବିଦ୍ୟାଳୟରେ ଛାତ୍ର ସଂସଦ ନିର୍ବାଚନ ମାହୋଲ ବେଶ୍ ସରଗରମ ହୋଇଉଠିଛି। ନିର୍ବାଚନ ତାରିଖ ଯେତିକି ନିକଟତର ହେଉଛି, ପ୍ରାର୍ଥୀ ଓ ସେମାନଙ୍କ ସମର୍ଥକମାନେ ନିଜ ନିଜ ସ୍ଥିତି ମଜଭୁତ କରିବା ପାଇଁ ପ୍ରଚାରକୁ ସେତିକି ଜୋରଦାର କରୁଛନ୍ତି। କ୍ୟାମ୍ପସ ପରିସର ଠାରୁ ଆରମ୍ଭ କରି ଗାଁ-ଗଣ୍ଡା ଓ ସହର ପର୍ଯ୍ୟନ୍ତ ଏହି ପ୍ରଚାର ଅଭିଯାନ ବ୍ୟାପିଥିବା ଦେଖିବାକୁ ମିଳୁଛି। ଚଳିତ ଥର ମହାବିଦ୍ୟାଳୟର ସଭାପତି, ଉପସଭାପତି ଏବଂ ସାଧାରଣ ସମ୍ପାଦକ ଭଳି ତିନୋଟି ପ୍ରମୁଖ ପଦବୀ ପାଇଁ ଦ୍ୱିମୁଖୀ ତଥା କଡ଼ା ମୁକାବିଲା ହେଉଛି। ସଭାପତି ପଦବୀ ନିମନ୍ତେ ଏବିଭିପି ପ୍ରାର୍ଥୀ ବ୍ରଜ କୁମାର




ସାହୁ ଏବଂ ଅପରପକ୍ଷେ ସୌଭାଗ୍ୟ ବେହେରାଙ୍କ ମଧ୍ୟରେ ତୀବ୍ର ପ୍ରତିଦ୍ୱନ୍ଦ୍ୱିତା ଚାଲିଛି। ସେହିପରି ଉପସଭାପତି ପଦ ପାଇଁ ସୌଭାଗ୍ୟ ରଞ୍ଜନ ବେହେରା ଓ ଅଂଶୁମାନ ବଡ଼େଜନା ମୁହାଁମୁହିଁ ହୋଇଥିବା ବେଳେ ସାଧାରଣ ସମ୍ପାଦକ ପଦବୀ ପାଇଁ ରଶ୍ମିତା କୁମାରୀ ସାହୁ ଏବଂ ସୌମ୍ୟରଞ୍ଜନ ସ୍ୱାଇଁ ପରସ୍ପର ବିରୋଧରେ ଅବତୀର୍ଣ୍ଣ ହୋଇଛନ୍ତି। ପ୍ରାର୍ଥୀମାନେ ନିଜ ସମର୍ଥକଙ୍କ ସହ ଶୋଭାଯାତ୍ରା, ପୋଷ୍ଟର ବ୍ୟାନର ଏବଂ ଡୋର୍-ଟୁ-ଡୋର୍ କ୍ୟାମ୍ପେନ କରି ଭୋଟରଙ୍କ ମନ ଜିଣିବାକୁ ଚେଷ୍ଟା ଜାରି ରଖିଛନ୍ତି। କଲେଜ ରାଜନୀତି କେବଳ ଛାତ୍ରଛାତ୍ରୀଙ୍କ ଭିତରେ ସୀମିତ ନ ରହି ସ୍ଥାନୀୟ ରାଜନୈତିକ ମହଲରେ ମଧ୍ୟ ଚର୍ଚ୍ଚାର ବିଷୟ ପାଲଟିଛି। ରାଜନୈତିକ ଦଳ ଓ ନେତାମାନେ ଏହି ନିର୍ବାଚନ ଫଳାଫଳ ଉପରେ ତୀକ୍ଷ୍ଣ ନଜର ରଖିଛନ୍ତି। ଶାସକ ଗୋଷ୍ଠୀ ଏହି ବାଜିମାତ କରୁଛି ନା ବିରୋଧୀ ପକ୍ଷ ବିଜୟୀ ହେଉଛି, ତାହା ଭୋଟ ଗଣତି ପରେ ହିଁ ସ୍ପଷ୍ଟ ହେବ।

## ପାରାଦୀପରେ ଆଇରନ୍ ଟ୍ରକ୍ ଡ୍ରାଇଭରଙ୍କ ଧାରଣା



ପାରାଦୀପ, (ମହାଭାରତ): ପାରାଦୀପରେ ଆଇରନ୍ ଟ୍ରକ୍ ଡ୍ରାଇଭରଙ୍କ ଦୁର୍ଦ୍ଦଶା। ଲୁହାପଥର ଖଲାସ ପାଇଁ ଆସି ଦୀର୍ଘ ୧୦ ଦିନ ଧରି ରାସ୍ତା ଉପରେ ଅଟକି ରହିଛି ଶହ ଶହ ଟ୍ରକ୍। ଏପରିକି ପାରାଦୀପଠାରୁ କେନ୍ଦ୍ରାପଡ଼ା ଜିଲ୍ଲାର ମାର୍ଶାଘାଇ ପର୍ଯ୍ୟନ୍ତ ହଜାରରୁ ଉର୍ଦ୍ଧ୍ୱ ଟ୍ରକ୍ ଅଟକି ରହିଥିବା ଅଭିଯୋଗ ହୋଇଛି।

## ପୀଠ ପରିଷଦ ର ଆଦିତ୍ୟ ଓ ଆନନ୍ଦ ବାହିନୀ ପକ୍ଷରୁ ୪ର୍ଥ ତମ ସ୍ୱନକ୍ଷତ୍ର ମହୋତ୍ସବ ପାଳିତ




ପାରାଦୀପ, (ମହାଭାରତ) : ପୀଠ ପରିଷଦ ଅନ୍ତର୍ଗତ ଆଦିତ୍ୟ ବାହିନୀ ଓ ଆନନ୍ଦ ବାହିନୀ ଜଗତସିଂହପୁର ଜିଲ୍ଲାର, ପାରାଦୀପ ଶାଖା ପକ୍ଷରୁ ୪ର୍ଥ ତମ ସ୍ୱନକ୍ଷତ୍ର ମହୋତ୍ସବ ପାଳନ ଅକ୍ଟୋବର ୧୦ ତାରିଖ ଶନିବାର ମହାଳୟା ଅମାବାସ୍ୟା ଦିନ ପାଳିତ ହୋଇଯାଇଛି । ଏହି ଅମୃତମୟ କାର୍ଯ୍ୟକ୍ରମରେ ପାରାଦୀପ ଶାଖା ସଂଯୋଜକ ଶ୍ରୀକୁମାର ରାଜଗୁରୁ ମହାପାତ୍ରଙ୍କ ନେତୃତ୍ୱରେ ପାରାଦୀପ ସ୍ଥିତ ବାବା ଶ୍ରୀଶ୍ରୀ କପିଳମୁନୀ ଆଶ୍ରମର ସଭା ଗୃହରେ ମଞ୍ଚାସୀନ ମୁଖ୍ୟ ଅତିଥି ଇଂ. ବିପିନ ବିହାରୀ ପାଣିଗ୍ରାହୀ, ଭୂତପୂର୍ବ ମୁଖ୍ୟ ବିଦ୍ୟୁତ୍ ଏବଂ ଯାନ୍ତ୍ରିକ ଅଧିକାରୀ, ପାରାଦ୍ୱୀପ ପତ୍ତନ ପ୍ରାଧିକରଣ, ସମ୍ମାନିତ ଅତିଥି ଇଂ. ସୁଶୀଳ କୁମାର ନାହକ, ମୁଖ୍ୟ ବିଦ୍ୟୁତ୍ ଏବଂ ଯାନ୍ତ୍ରିକ ଅଧିକାରୀ , ପାରାଦ୍ୱୀପ ପତ୍ତନ ପ୍ରାଧିକରଣ, ମୁଖ୍ୟ ବ୍ୟକ୍ତା ପଣ୍ଡିତ ମାତୃ ପ୍ରସାଦ ମିଶ୍ର, ଓଡ଼ିଶା ପ୍ରଦେଶ ଅଧ୍ୟକ୍ଷ, ଗୋବର୍ଦ୍ଧନ ମଠ, ପୁରୀ, ବିଶିଷ୍ଟ ଅତିଥି ଭାବେ କୁମାର ସତ୍ୟଜିତ ବେଜ, ପ୍ରତାପ ଭାରତୀ, ପ୍ରଦେଶ ସହ ସଚିବ ଅଜୟ କୁମାର ନାୟକ, ବାହୁବଳେନ୍ଦ୍ର ମଲ୍ଲିକ,ଓଡ଼ିଶା ପ୍ରଦେଶ ପୂର୍ବ ବିଭାଗର ସମ୍ପର୍କ ସଚିବ ରଜନୀକାନ୍ତ ଦାଶ ପ୍ରମୁଖ ଯୋଗ ଦେଇଥିଲେ । ଜଗତସିଂହପୁର ଜିଲ୍ଲାର କ୍ଷେତ୍ରୀୟ ସଂପାଦକ ବାବା ତାପସ ରଞ୍ଜନ ପତି ମଞ୍ଚ ପରିଚାଳନା କରିଥିଲେ । ପୂର୍ବରୁ ବିଭିନ୍ନ ବିଦ୍ୟାଳୟର ଛାତ୍ରଛାତ୍ରୀ ମାନଙ୍କ ମଧ୍ୟରେ ଅନୁଷ୍ଠିତ ପ୍ରବନ୍ଧ ଓ ଚିତ୍ରାଙ୍କନ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିବା ପିଲା ମାନଙ୍କୁ ପୁରସ୍କୃତ କରାଯାଇଥିଲା । ଭଜନ କାର୍ଯ୍ୟକ୍ରମ ସହିତ ଅନ୍ୟାନ୍ୟ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା । ଶେଷରେ ଉପସ୍ଥିତ ସମସ୍ତଙ୍କୁ ପୁରୀ ମହାପ୍ରସାଦ ବିତରଣ କରା ଯାଇଥିଲା । ଏହି କାର୍ଯ୍ୟକ୍ରମର ସୁପରିଚାଳନା ପାଇଁ ଆଦିତ୍ୟ ବାହିନୀର ସମସ୍ତ କର୍ମକର୍ତ୍ତା ଓ ସଭ୍ୟ ମାନେ ସହଯୋଗ କରିଥିଲେ ।

## ୩୦ ଲକ୍ଷ ଟଙ୍କାରେ ନିର୍ମିତ ସୁଭଦ୍ରା ଶକ୍ତି କେନ୍ଦ୍ର ଗୃହ ଅବ୍ୟବହୃତ !




ରାଇଘର,(ମହାଭାରତ) : ସରକାର ଲୋକଙ୍କ ସୁବିଧା ଓ ଉନ୍ନତି ପାଇଁ ବିଭିନ୍ନ ଯୋଜନା ମାଧ୍ୟମରେ ଲକ୍ଷ ଲକ୍ଷ ଟଙ୍କା ବ୍ୟୟ କରି ସରକାରୀ ଗୃହ ନିର୍ମାଣ କରୁଛନ୍ତି। ଉଦ୍ଦେଶ୍ୟ ହେଉଛି ସାଧାରଣ ଲୋକେ ଏହାର ସୁବିଧା ପାଇବା ସହ ନିଜ ଅଞ୍ଚଳରେ ବିଭିନ୍ନ ସରକାରୀ ସେବା ପାଇପାରିବେ। କିନ୍ତୁ ନିର୍ମାଣ କାମ ସରିବା ପରେ ଯଦି ସେହି ଗୃହ ଲୋକଙ୍କ କୌଣସି କାମରେ ନ ଆସେ, ତେବେ ଏଭଳି ନିର୍ମାଣର ଉଦ୍ଦେଶ୍ୟ କ'ଣ ? ଏଭଳି ଏକ ପ୍ରଶ୍ନ ଏବେ ଉଠିଛି ନବରଙ୍ଗପୁର ଜିଲ୍ଲା ରାଇଘର ବ୍ଲକ ଅନ୍ତର୍ଗତ ଗୋନା ପଞ୍ଚାୟତର ଗୋନା ଗ୍ରାମ ଠାରେ ଲୋକଙ୍କ ସୁବିଧା ପାଇଁ ପ୍ରାୟ ୩୦ ଲକ୍ଷ ଟଙ୍କା ବ୍ୟୟରେ ଏକ ସୁଭଦ୍ରା ଶକ୍ତି କେନ୍ଦ୍ର ଗୃହ ନିର୍ମାଣ କରାଯାଇଛି। ଗୃହ ନିର୍ମାଣ କାମ ଶେଷ ହେବାର ପ୍ରାୟ ଛଅ ମାସ ବିତିଯାଇଥିଲେ ମଧ୍ୟ ଏହା ଏଯାଏଁ ଲୋକଙ୍କ କାମରେ ଲାଗିପାରିନାହିଁ ବୋଲି ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଲକ୍ଷ ଲକ୍ଷ ଟଙ୍କା ବ୍ୟୟରେ ନିର୍ମିତ ଏହି ଗୃହ ବ୍ୟବହାର ନ ହୋଇ ପଡ଼ିରହିବା ଘଟଣାକୁ ନେଇ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ଗ୍ରାମବାସୀଙ୍କ କହିବା ଅନୁଯାୟୀ, ଯେଉଁ ଉଦ୍ଦେଶ୍ୟରେ ଏହି ସୁଭଦ୍ରା ଶକ୍ତି କେନ୍ଦ୍ର ଗୃହ ନିର୍ମାଣ କରାଯାଇଛି, ତାହାର ସୁବିଧା ଲୋକେ ଏଯାଏଁ ପାଇପାରୁନାହାନ୍ତି। ଗୃହ ନିର୍ମାଣ ସମ୍ପୂର୍ଣ୍ଣ ହେବା ସତ୍ତ୍ୱେ ଏହାକୁ କାହିଁକି କାର୍ଯ୍ୟକ୍ଷମ କରାଯାଉନାହିଁ, ଏହାକୁ ନେଇ ପ୍ରଶ୍ନ ଉଠାଇଛନ୍ତି ଗ୍ରାମ ବାସୀ। ଯଦି ଗୃହଟି ନିର୍ମାଣ ହେବା ପରେ ମଧ୍ୟ ଲୋକଙ୍କ କାମରେ ନ ଆସିବ, ତେବେ ଏଥିପାଇଁ ଏତେ ଟଙ୍କା ବ୍ୟୟ କରାଗଲା କାହିଁକି ବୋଲି ଗ୍ରାମବାସୀ ପ୍ରଶ୍ନ କରିଛନ୍ତି।ସରକାରୀ ଅର୍ଥ ହେଉଛି ଜନସାଧାରଣଙ୍କ ଅର୍ଥ। ତେଣୁ ଜନସାଧାରଣଙ୍କ ସୁବିଧା ପାଇଁ ନିର୍ମିତ ଯେକୌଣସି ସରକାରୀ ଗୃହ ନିର୍ଦ୍ଧାରିତ ସମୟରେ କାର୍ଯ୍ୟକ୍ଷମ ହେବା ଆବଶ୍ୟକ। ନଚେତ୍ ନିର୍ମାଣର ମୂଳ ଉଦ୍ଦେଶ୍ୟ ବ୍ୟର୍ଥ ହେବା ସହ ଜନସାଧାରଣଙ୍କ ଅର୍ଥର ସଦୁପଯୋଗ ନେଇ ମଧ୍ୟ ପ୍ରଶ୍ନ ଉଠିବା ସ୍ୱାଭାବିକ।ଏବେ ପ୍ରଶ୍ନ ଉଠୁଛି, ଗୋନା ପଞ୍ଚାୟତରେ ନିର୍ମିତ ଏହି ସୁଭଦ୍ରା ଶକ୍ତି କେନ୍ଦ୍ର ଗୃହକୁ କାର୍ଯ୍ୟକ୍ଷମ କରିବାରେ ବିଳମ୍ବ ହେଉଛି କାହିଁକି ? ଗୃହଟିକୁ ଲୋକଙ୍କ ବ୍ୟବହାର ପାଇଁ ହସ୍ତାନ୍ତର କରାଯାଇନାହିଁ କି, ନା ଏହାର କାର୍ଯ୍ୟକ୍ଷମ ହେବାରେ ଅନ୍ୟ କୌଣସି ସମସ୍ୟା ରହିଛି ? ଏହାର ପ୍ରକୃତ କାରଣ ସାମ୍ନାକୁ ଆସିବା ଆବଶ୍ୟକ।ଏଣୁ ସମ୍ପୃକ୍ତ ବିଭାଗ ଓ ପ୍ରଶାସନ ଏହି ଘଟଣାକୁ ଗୁରୁତ୍ୱର ସହ ନେଇ ତୁରନ୍ତ ତଦନ୍ତ କରିବା ସହ ଗୃହଟିକୁ କାର୍ଯ୍ୟକ୍ଷମ କରିବା ଦିଗରେ ଆବଶ୍ୟକ ପଦକ୍ଷେପ ନେବାକୁ ଗୋନା ଗ୍ରାମବାସୀ ଦାବି କରିଛନ୍ତି। ନଚେତ୍ ପ୍ରାୟ ୩୦ ଲକ୍ଷ ଟଙ୍କା ବ୍ୟୟରେ ନିର୍ମିତ ଏହି ସରକାରୀ ଗୃହ ଲୋକଙ୍କ ସେବାରେ ଲାଗିବା ପରିବର୍ତ୍ତେ ଅବ୍ୟବହୃତ ହୋଇ ପଡ଼ିରହିବା ଏକ ବଡ଼ ପ୍ରଶ୍ନବାଚୀ ହୋଇ ରହିବ ନାଁ ଲୋକଙ୍କ ଟଙ୍କାରେ ନିର୍ମିତ ଗୃହ ଲୋକଙ୍କ କାମରେ କେବେ ଆସିବ ତାହା ଦେଖିବାକୁ ବାକି ରହିଲା।

## ସାତକୋଶିଆ ଘାଟିରେ ଧାନ ବୋଝେଇ ଟ୍ରକ୍ ଓଲଟିଲା, ଡ୍ରାଇଭର ଗୁରୁତର

କରଞ୍ଜିଆ,(ମହାଭାରତ) ମୟୂରଭଞ୍ଜ ଜିଲ୍ଲା ମହୁଲଡିହା ଥାନା ଅନ୍ତର୍ଗତ ୫୩ ନମ୍ବର ରାଜ୍ୟ ରାଜପଥର ଠାକୁରମୁଣ୍ଡା-ଆନନ୍ଦପୁର ରାସ୍ତାର ସାତକୋଶିଆ ଘାଟିରେ ସୋମବାର ରାତି ପ୍ରାୟ ୮ଟା ୩୦ ମିନିଟ୍ ସମୟରେ ଏକ ଧାନ ବୋଝେଇ ଟ୍ରକ୍ ଓଲଟି ପଡ଼ିଛି। ଏହି ଦୁର୍ଘଟଣାରେ ଟ୍ରକ୍ ?ର ଡ୍ରାଇଭର ଗୁରୁତର ଆହତ ହୋଇଥିବା ଜଣାପଡ଼ିଛି। ଘାଟିର ବିପଜ୍ଜନକ ବାଙ୍କରେ ବାରମ୍ବାର ଏଭଳି ଦୁର୍ଘଟଣା ଘଟୁଥିବାରୁ ଏହାର ସ୍ଥାୟୀ ପ୍ରତିକାର ପାଇଁ ସ୍ଥାନୀୟ ଅଞ୍ଚଳରେ ଦାବି ଉଠିଛି। ସୂଚନା ଅନୁଯାୟୀ, ଓଡ଼ି ୩୩ ଇ ୭୧୮୮ ନମ୍ବର ବିଶିଷ୍ଟ ଏକ ଟ୍ରକ୍ ଧାନ ବୋଝେଇ କରି ଠାକୁରମୁଣ୍ଡା ପଟୁ ଯାଉଥିବା ବେଳେ ସାତକୋଶିଆ ଘାଟିର ବାଙ୍କ ନିକଟରେ ଭାରସାମ୍ୟ ହରାଇଥିଲା। ଫଳରେ ଟ୍ରକ୍ ?ଟି ରାସ୍ତା ଉପରେ ଓଲଟି ପଡ଼ିଥିଲା। ଏହି ଦୁର୍ଘଟଣାରେ ଡ୍ରାଇଭର ଗୁରୁତର ଆହତ ହୋଇଥିବା ଖବର ମିଳିଛି। ସାତକୋଶିଆ ଘାଟି ଠାକୁରମୁଣ୍ଡା-ଆନନ୍ଦପୁର ରାସ୍ତାର ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ ହୋଇଥିବାରୁ ଏହି ରାସ୍ତା ଦେଇ ପ୍ରତିଦିନ ବହୁ ଯାନବାହନ ଯାତାୟାତ କରିଥାଏ। ଘାଟିର ବିଭିନ୍ନ ବାଙ୍କରେ ଗାଡ଼ିଗୁଡ଼ିକ ଭାରସାମ୍ୟ ହରାଇ ଦୁର୍ଘଟଣାର ଶିକାର ହେଉଥିବା ଦେଖା ଦେଇଛି। ବିଶେଷକରି ଭାରୀଯାନ ଚଳାଚଳ ସମୟରେ ଏହି ବାଙ୍କଗୁଡ଼ିକରେ ଅଧିକ ସତର୍କତା ଆବଶ୍ୟକ ହେଉଛି।ସ୍ଥାନୀୟ ଅଞ୍ଚଳରେ ବାରମ୍ବାର ଦୁର୍ଘଟଣା ଘଟୁଥିଲେ ମଧ୍ୟ ଏହାର ନିରାକରଣ ପାଇଁ ସରକାରଙ୍କ ପକ୍ଷରୁ ଆବଶ୍ୟକ ପଦକ୍ଷେପ ନିଆଯାଉନଥିବା ନେଇ ଅସନ୍ତୋଷ ପ୍ରକାଶ ପାଉଛି। ଘାଟିର ବିପଜ୍ଜନକ ବାଙ୍କଗୁଡ଼ିକରେ ସତର୍କତା ସୂଚକ ଫଳକ ସ୍ଥାପନ, ରାସ୍ତାର ସୁରକ୍ଷା ବ୍ୟବସ୍ଥାର ଉନ୍ନତିକରଣ ଏବଂ ଆବଶ୍ୟକ ଦୁର୍ଘଟଣା ନିରୋଧୀ ପଦକ୍ଷେପ ଗ୍ରହଣ କରିବାକୁ ଅଞ୍ଚଳବାସୀ ଦାବି କରୁଛନ୍ତି।

## କନକ ଦୁର୍ଗା ମହୋତ୍ସବ ଉଦଯାପିତ

ବାଲିପାଟଣା :( ମହାଭାରତ) ଚତୁର୍ଥ ମା କନକ ଦୁର୍ଗା ମହୋତ୍ସଚ ର ଉଦଯାପିତ ହୋଇଯାଇଛି। ତୁରିନ୍ତିରା ପଂଚାୟତ ଅନ୍ତର୍ଗତ ବାଗଲପୁର ଗ୍ରାମ ରେ ଆଜି ସନ୍ଧ୍ୟା ରେ ୪ର୍ଥ ମା କନକ ଦୁର୍ଗା ମହୋତ୍ସବ ଉଦଯାପିତ ହୋଇଛି। ଉଦଘାଟନ କାର୍ଯ୍ୟକ୍ରମ ରେ ଅତିଥିଭାବେ ଗତ ଲୋକସଭା ପ୍ରାର୍ଥୀ ଥିବା ଯୁବ ନେତା ମନ୍ମଥ ରାଉତରାୟ, ଚଳଚିତ୍ର ଅଭିନେତା ଇଂଜିନିୟର ଚନ୍ଦନ କର, ହାସ୍ୟ ଅଭିନେତା ଜ୍ଞାନ ବାରିକ, ସମାଜସେବୀ ମିର ଅହମଦ ଅଲି, ଶିକ୍ଷାବିତ ନାରାୟଣ ବେହେରା ଓ ପ୍ରେସ କ୍ଲବ ସଭାପତି ଦିଲ୍ଲୀପ କୁମାର ଓଝା ପ୍ରମୁଖ ଯୋଗଦେଇ ଉଦଘାଟନ କରିଥିଲେ ଓ ଉଦଯାପନୀ ଉତ୍ସବରେ ମୂଖ୍ୟ ଅଥିଥି ଭାବେ ସୁରେଶ କୁମାର ପଣ୍ଡା,,ସମ୍ମାନିତ ଅତିଥି ଭାବେ ବିଦୁ ଭୁଷଣ ପଟ୍ଟନାୟକ,ରଞ୍ଜନ ମହାପାତ୍ର ,ଭଗବାନ ସାହୁ ଓ ଅନ୍ୟ ଅତିଥି ମାନେ ଯୋଗଦେଇ ମହୋତ୍ସବ କୁ ଉଦଯାପିତ କରିଥିଲେ। କାର୍ଯ୍ୟକ୍ରମ ଦ୍ୱାରା ସଂସ୍କୃତି ର ବିକାଶ ସହିତ ବ୍ୟସ୍ତ ବହୁଳ ଜୀବନକୁ ହାଲକା କରିବାକୁ ଖୋରାକ ମିଳିଥାଏ, ଏହା ସହିତ ମା ଙ୍କ ପାଇଁ ଗ୍ରାମର ବିକାଶ ସହିତ ଖ୍ୟାତି ବୃଦ୍ଧି ପାଇବ ବୋଲି କହିଥିଲେ। ପ୍ରାରମ୍ଭ ରେ ଆଦର୍ଶ ୟୁଥ ଫାଉଣ୍ଡେସନ ଟ୍ରଷ୍ଟ ର ଅଧକ୍ଷ ପ୍ରଳୟ ଦାସ ସ୍ୱାଗତ ଭାଷଣ ଓ ଆଶୁତୋଷ ଚୌଧୁରୀ କାର୍ଯ୍ୟକ୍ରମ କୁ ଉପସ୍ଥାପନା କରିଥିଲେ।କାର୍ଯ୍ୟକ୍ରମ ରେ ବିଭିନ୍ନ କ୍ଷେତ୍ର ରେ ପ୍ରତିଷ୍ଠା ଲାଭ କରିଥିବା ବାସୁଦେବ ସ୍ୱାଇଁ, ଶୁଭ ଲକ୍ଷ୍ମୀ ମିଶ୍ର, ମିତାଲି ପ୍ରହରାଜ, ବୁଦ୍ଧନାଥ ସାହୁ, ଦୀପକ ଭୂୟାଁ, ସୁରେଶ ବେହେରା ,ଶିଶୁ ପ୍ରତିଭା ପ୍ରୀତି ପ୍ରଜ୍ଞା ଭୋଳ ଙ୍କ ସହିତ ବହୁ ସଂଗଠନ କୁ ସମ୍ବର୍ଦ୍ଧିତ କରାଯାଇଥିଲା। ରଞ୍ଜନ ମହାପାତ୍ର ଧନ୍ୟବାଦ ପ୍ରଦାନ କରିବା ପରେ ରଙ୍ଗାରଙ୍ଗ ନୃତ୍ୟ ଗୀତ ର ଆସର ଦର୍ଶକ ଙ୍କୁ ବିମୋହିତ କରିଥିଲା।

## ବୌଦ୍ଧ ଜିଲ୍ଲା ଷ୍ଟାଡିୟମରେ ନିଯୁକ୍ତି ପାଇଁ ଶାରୀରିକ ପରୀକ୍ଷା

**ବୌଦ୍ଧ:**ବୌଦ୍ଧ ଜିଲ୍ଲା ଷ୍ଟାଡିୟମଠାରେ ଆଜି ୨୨ଟି ଫରେଷ୍ଟ ଗାର୍ଡ, ୧୮ଟି ଫରେଷ୍ଟର ଏବଂ ୨୦ଟି ଅବକାରୀ କନଷ୍ଟେବଲ ପଦବୀ ପାଇଁ ଶାରୀରିକ ମାନଦଣ୍ଡ ମାପ ଏବଂ ଶାରୀରିକ ଦକ୍ଷତା ପରୀକ୍ଷା ଅନୁଷ୍ଠିତ ହେଉଛି। ଏହି ପରୀକ୍ଷା ପ୍ରକ୍ରିୟାର ତଦାରଖ କରିବା ସହ କାର୍ଯ୍ୟକ୍ରମର ସୁପରିଚାଳନା ପାଇଁ ଅତିରିକ୍ତ ଜିଲ୍ଲାପାଳ ଅନିରୁଦ୍ଧ ପ୍ରଧାନ, ଉପଜିଲ୍ଲାପାଳ ବିନୟ କୁମାର ଭୋଇ, ଜିଲ୍ଲା କ୍ରୀଡ଼ା ଅଧିକାରୀ ଜ୍ୟୋତିରଞ୍ଜନ ଭୂଏ, ଡେପୁଟି କଲେକ୍ଟର ପରିପୂର୍ଣ୍ଣା ଦେବୀ, ଡିଏଫଓ ରାଜେନ୍ଦ୍ର ଗୋଛାୟତ, ଅବକାରୀ ଅଧୀକ୍ଷକ ଶ୍ରୀମତୀ ଶାନ୍ତି ମାରାଣ୍ଡି ଏବଂ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ବିଦ୍ୟାପତି ପଣ୍ଡା ଉପସ୍ଥିତ ରହିଥିଲେ। ଏହି ପରୀକ୍ଷାର ସୁପରିଚାଳନା ନିମନ୍ତେ ସ୍ୱାସ୍ଥ୍ୟ ବିଭାଗ, ପୋଲିସ ବାହିନୀ, ଅବକାରୀ ବିଭାଗ ଏବଂ ବନ ବିଭାଗର ଅଧିକାରୀ ଓ କର୍ମଚାରୀମାନେ ସକ୍ରିୟ ସହଯୋଗ କରିଥିଲେ। ଯୋଗ୍ୟ ପ୍ରାର୍ଥୀ ଚୟନ ପ୍ରକ୍ରିୟାକୁ ପାରଦର୍ଶୀ,ସୁଚାରୁ, ଶୃଙ୍ଖଳିତ ଓ ସୁବ୍ୟବସ୍ଥିତ ଭାବେ ସମ୍ପନ୍ନ କରିବା ପାଇଁ ଜିଲ୍ଲାପାଳ ବିଭୂତି ଭୂଷଣ ନାୟକ ନିଜେ ଷ୍ଟାଡିୟମ୍ ରେ ଉପସ୍ଥିତ ରହି ଚୟନ ପ୍ରକ୍ରିୟା ନିରୀକ୍ଷଣ କରିଥିଲେ।

## ଜିଲ୍ଲାପାଳଙ୍କ ମିଳିତ ଜନ ଅଭିଯୋଗ ଶୁଣାଣି



ଗଜପତି(ମହାଭାରତ): ଗଜପତି ଜିଲ୍ଲା ଆ.ଉଦୟଗିରି ପଞ୍ଚାୟତ ସମିତି କାର୍ଯ୍ୟାଳୟ ସମ୍ମିଳନୀ କକ୍ଷଠାରେ ଗ୍ରାମମୁଖୀ ପ୍ରଶାସନ ଅଧୀନରେ ମିଳିତ ଜନ ଅଭିଯୋଗ ଶୁଣାଣି ଶିବିର ଆଜି ଅନୁଷ୍ଠିତ ହୋଇଯାଇଛି। ଏହି ଅଭିଯୋଗ ଶୁଣାଣିରେ ଗଜପତି ଜିଲ୍ଲାପାଳ ଶ୍ରୀଯୁକ୍ତ ଅକ୍ଷୟ ସୁନୀଲ ଅଗ୍ରୱାଲ, ଉପଖଣ୍ଡ ଆରକ୍ଷୀ ଅଧୀକ୍ଷକ ଶ୍ରୀ ରାକେଶ କୁମାର ସାହୁ, ଉପଜିଲ୍ଲାପାଳ ପାରଳାଖେମୁଣ୍ଡି ସୁଶ୍ରୀ ଭାଗବତ ସାମଲ କଲ୍ୟାଣରାଓ, ପ୍ରକଳ୍ପ ପ୍ରଶାସକ ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା ପାରଳାଖେମୁଣ୍ଡି ଶ୍ରୀ ଅଂଶୁମାନ ମହାପାତ୍ର ଯୋଗଦେଇ ଜନସାଧାରଣଙ୍କ ବିଭିନ୍ନ ଅଭିଯୋଗ ଶୁଣିଥିଲେ।ଉକ୍ତ ଶିବିରରେ ମୋଟ ୨୭ ଟି ଅଭିଯୋଗପତ୍ର ଗ୍ରହଣ କରାଯାଇଥିଲା। ସେଥିମଧ୍ୟରୁ ୧୬ଟି ବ୍ୟକ୍ତିଗତ ଏବଂ ୧୧ଟି ଗ୍ରାମଭିତ୍ତିକ ସମସ୍ୟା ସମ୍ପର୍କିତ ଅଭିଯୋଗ ରହିଥିଲା। ସେଥିମଧ୍ୟରୁ ଦୁଇ ଜଣଙ୍କୁ ମୁଖ୍ୟ ମନ୍ତ୍ରୀ ରିଲିଫ୍ ପାଣ୍ଠିରୁ ୨୦ହଜାର ଟଙ୍କା ଆର୍ଥିକ ସହାୟତା ରାଶି ପ୍ରଦାନ କରାଯାଇଛି। ଅନ୍ୟ ସମସ୍ତ ଅଭିଯୋଗର ତ୍ୱରିତ ସମାଧାନ ନିମନ୍ତେ ସମ୍ପୃକ୍ତ ବିଭାଗୀୟ ଅଧିକାରୀମାନଙ୍କୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ। ଉକ୍ତ ଶିବିରରେ ସାମାଜିକ ସୁରକ୍ଷା, ଜମି ପଟ୍ଟା, ମନରେଗା, ଗୃହ ନିର୍ମାଣ, ରାସନ କାର୍ଡ, ଶିକ୍ଷା, ଜଳସେଚନ, ରାସ୍ତା, ସ୍ୱାସ୍ଥ୍ୟ ଆଦି ବିଭିନ୍ନ ସମସ୍ୟା ସମ୍ପର୍କରେ ଜନସାଧାରଣ ଅଭିଯୋଗ ଆସିଥିଲା। ଏହି ମିଳିତ ଜନ ଅଭିଯୋଗ ଶୁଣାଣି ଶିବିରରେ ଆର.ଉଦୟଗିରି ପଞ୍ଚାୟତ ସମିତି ଅଧ୍ୟକ୍ଷ ଶ୍ରୀଯୁକ୍ତ ଲକ୍ଷ୍ମୀନାରାୟଣ ଶବର,ଗୋଷ୍ଠୀ ଉନ୍ନୟନ ଅଧିକାରୀ ଶ୍ରୀ ଲାରୀମେନ୍ ଖସେଲ୍,ତହସିଲଦାର ଶ୍ରୀ ଜ୍ୟୋତି ମୟ ଦାଶଙ୍କ ସମେତ ସମସ୍ତ ଜିଲ୍ଲାସ୍ତରୀୟ ଅଧିକାରୀ ଓ ସ୍ଥାନୀୟ ଜନପ୍ରତିନିଧିମାନେ ଉପସ୍ଥିତ ଥିଲେ।

## ୩ ମାସ ହେଲା ମିଳୁନି ଭତ୍ତା: ବିଡ଼ିଓ ଅଫିସ୍ ଆଗରେ ଧାରଣାରେ ବସିଲେ ବୃଦ୍ଧବୃଦ୍ଧା



ଦଶପଲ୍ଲା, (ମହାଭାରତ):ଦୀର୍ଘ ତିନି ମାସ ଧରି ସାମାଜିକ ସୁରକ୍ଷା ବାର୍ଦ୍ଧକ୍ୟ ଭତ୍ତା ନମିଳିବାରୁ ଶେଷରେ ପ୍ରଶାସନର ଦ୍ୱାରସ୍ଥ ହୋଇଛନ୍ତି ଅସହାୟ ବୃଦ୍ଧବୃଦ୍ଧା। ସରକାରୀ ଯୋଜନାରୁ ବଞ୍ଚିତ ହୋଇ ଅତି ଦୁର୍ଦ୍ଦିନରେ କାଳାତିପାତ କରୁଥିବା ଏହି ବୟୋଜ୍ୟେଷ୍ଠ ହିତାଧିକାରୀମାନେ ପ୍ରତିବାଦ ଜଣାଇ ଦଶପଲ୍ଲା ବ୍ଲକ କାର୍ଯ୍ୟାଳୟ ପରିସରରେ ବିଡ଼ିଓଙ୍କ ଅଫିସ୍ ସମ୍ମୁଖରେ ଧାରଣାରେ ବସିରହିଛନ୍ତି। ମିଳିଥିବା ସୂଚନା ଅନୁଯାୟୀ, ଗତ ତିନି ମାସ ହେବ ଭତ୍ତା ଟଙ୍କା ନମିଳିବାରୁ ଏହି ବୃଦ୍ଧବୃଦ୍ଧାମାନେ ନିଜର ଦୈନନ୍ଦିନ ଖର୍ଚ୍ଚ ଏବଂ ଔଷଧପତ୍ର କିଣିବାରେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏ ସମ୍ପର୍କରେ ସ୍ଥାନୀୟ ପ୍ରଶାସନିକ ସ୍ତରରେ ବାରମ୍ବାର ଗୁହାରି କରାଯାଇଥିଲେ ମଧ୍ୟ କୌଣସି ସୁଫଳ ମିଳିନଥିଲା। ଫଳରେ ବାଧ ହୋଇ ବାଡ଼ି ଧରି, କଷ୍ଟେମଷ୍ଟେ ଚାଲି ଚାଲି ସେମାନେ ଦଶପଲ୍ଲା ବ୍ଲକ କାର୍ଯ୍ୟାଳୟରେ ପହଞ୍ଚି ବିଡ଼ିଓଙ୍କ ଅଫିସ୍ ଆଗରେ ତଳେ ବସି ରହିଥିଲେ। ଏହି ସମସ୍ୟାର ତୁରନ୍ତ ସମାଧାନ କରି ବକେୟା ଥିବା ୩ ମାସର ଭତ୍ତା ରାଶି ପ୍ରଦାନ କରିବାକୁ ହିତାଧିକାରୀମାନେ ପ୍ରଶାସନ ନିକଟରେ ଦାବି କରିଛନ୍ତି। ଯଦି ଶୀଘ୍ର ଭତ୍ତା ଟଙ୍କା ପ୍ରଦାନ କରାନଯାଏ, ତେବେ ଆଗାମୀ ଦିନରେ ଏହି ଆନ୍ଦୋଳନକୁ ଆହୁରି ଜୋରଦାର କରାଯିବ ବୋଲି ସେମାନେ ଚେତାବନୀ ଦେଇଛନ୍ତି। ଏହି ଘଟଣାକୁ ନେଇ ସ୍ଥାନୀୟ ଅଞ୍ଚଳରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି।

## କ୍ଲଷ୍ଟର ସ୍ତରୀୟ ସୁରଭି କାର୍ଯ୍ୟକ୍ରମ ଅନୁଷ୍ଠିତ

ନୂଆଗାଁ (ମହାଭାରତ ) : ନୟାଗଡ଼ ଜିଲ୍ଲା ନୂଆଗାଁ ଗୋଷ୍ଠୀ ଶିକ୍ଷା କାର୍ଯ୍ୟାଳୟ ଅଧୀନରେ ଥିବା ରାମେଶ୍ୱର ନୋଡାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, କନ୍ଧଖାଲମଡ଼ା ପ୍ରାଥମିକ ବିଦ୍ୟାଳୟ, ଡମତୁଲ ପ୍ରାଥମିକ ବିଦ୍ୟାଳୟ,ଦୁରୁଙ୍ଗି ପ୍ରାଥମିକ ବିଦ୍ୟାଳୟ, ଜାକେଡ଼ା ଆଶ୍ରମ ବିଦ୍ୟାଳୟ,ବାଡ଼ିବାରୀ ସେବାଶ୍ରମ ବିଦ୍ୟାଳୟ,ଲୁଣି ପ୍ରାଥମିକ ବିଦ୍ୟାଳୟ ଓ ଚଡକମରା ପ୍ରାଥମିକ ବିଦ୍ୟାଳୟ କୁ ନେଇ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଶିମିଳିସାହିରେ କ୍ଲଷ୍ଟର ସ୍ତରୀୟ ଶିଶୁ ମହୋତ୍ସବ ସୁରଭି -୨୦୨୬ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି।ଏହି କାର୍ଯ୍ୟକ୍ରମ ସିଆରସିସି ପ୍ରସନ୍ନ ବେହେରାଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଥିଲା।ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ରଘୁନାଥ ମଲ୍ଲିକ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ବିରଞ୍ଚି ଜାନି,ସରପଞ୍ଚ ପ୍ରତିନିଧି ବୁଲୁ ମଳିକ, ନାଏବ ସରପଞ୍ଚ ପ୍ରହଲ୍ଲାଦ ମଳିକ,ଯୁବ ସାମ୍ବାଦିକ ଦିଲ୍ଲୀପ କୁମାର ଜାନି,ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ସଂସାରୀ ଜାନି ପ୍ରମୁଖ ଯୋଗଦେଇ ସୁରଭି କାର୍ଯ୍ୟକ୍ରମ ଆୟୋଜନ ଉଦ୍ଦେଶ୍ୟରେ ବିସ୍ତୃତଭାବେ ଛାତ୍ରଛାତ୍ରୀଙ୍କୁ ବୁଝାଇଥିଲେ।



ଏହି କାର୍ଯ୍ୟକ୍ରମରେ ଗୀତ, ନୃତ୍ୟ, ବକ୍ତୃତା, ଚିତ୍ରାଙ୍କନ ଆଦି ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା।କୃତି ଛାତ୍ରଛାତ୍ରୀଙ୍କୁ ଅତିଥି ମାନେ ସାର୍ଟିଫିକେଟ ସହ ଟ୍ରଫି ପ୍ରଦାନ କରିଥିଲେ।ଫଳରେ ଛାତ୍ରଛାତ୍ରୀ ଙ୍କ ମଧ୍ୟରେ ଉତ୍ସାହ ଦେଖିବାକୁ ମିଳିଥିଲା।ଉକ୍ତ କାର୍ଯ୍ୟକ୍ରମକୁ ସମସ୍ତ ବିଦ୍ୟାଳୟର ସମସ୍ତ ଶିକ୍ଷକ ଓ ଶିକ୍ଷୟତ୍ରୀ ମାନେ ସହଯୋଗ କରିଥିଲେ।ଏଥି ସହିତ ନୂଆଗାଁ ଗୋଷ୍ଠୀ ଶିକ୍ଷା କାର୍ଯ୍ୟାଳୟ ଅଧୀନରେ ଥିବା ୬ଟି କ୍ଲଷ୍ଟରରେ ଏହି ଶିଶୁ ସୁରଭି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିବା ସିଆରସିସି ପ୍ରସନ୍ନ ବେହେରା ସୂଚନା ଦେଇଥିଲେ।

## ବ୍ଲକସ୍ତରୀୟ ବ୍ରାହ୍ମଣ ମହାସଂଘର ନୂତନ କର୍ମକର୍ତ୍ତା ଚୟନ

**କେନ୍ଦ୍ରାପଡ଼ା,:**

କେନ୍ଦ୍ରାପଡ଼ା ଜିଲ୍ଲା ବ୍ରାହ୍ମଣ ମହାସଂଘ ଏବଂ ରାଜକନିକା ବ୍ଲକ ବ୍ରାହ୍ମଣ ମହାସଂଘର ମିଳିତ ଆନୁକୂଲ୍ୟରେ ଏକ ବ୍ଲକସ୍ତରୀୟ ବ୍ରାହ୍ମଣ ମହାସଂଘର ବୈଠକ ରାଜକନିକା ବ୍ଲକ ଦେଉଳିସାହି ଜଗନ୍ନାଥ ମନ୍ଦିର ପ୍ରାଙ୍ଗଣରେ ପଣ୍ଡିତ ପ୍ରବୀର କୁମାର ପଣ୍ଡାଙ୍କ ଆବାହକତ୍ୱରେ ଅନୁଷ୍ଠିତ ହୋଇଯାଇଛି। ବରିଷ୍ଠ ସଭ୍ୟ କପିଳ ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ବୈଠକରେ ନୂତନ କମିଟି ଚୟନ କରାଯାଇଥିଲା। ସଭାପତି ଭାବେ ଦଶରଥ ପଣ୍ଡା, ଉପସଭାପତି ଅସିତ୍ କୁମାର ପଣ୍ଡା, ସମ୍ପାଦକ ସୁବ୍ରତ କୁମାର ପତି, ସହସମ୍ପାଦକ ଐଶ୍ୱର୍ଯ୍ୟ କୁମାର ରଥ, କୋଷାଧକ୍ଷ ଭାବେ ମନୋଜ କୁମାର ଶତପଥି ଏବଂ ସଂଗଠନ ସମ୍ପାଦକ ଭାବେ ଦିଲ୍ଲିପ କୁମାର ଦାଶଙ୍କୁ ମନୋନୀତ କରାଯାଇଛି। ଉକ୍ତ ବୈଠକରେ ଜିଲ୍ଲା ସଭାପତି ମାନସଭୂଷଣ ପଣ୍ଡିତ ହୃଷୀକେଶ ରଥ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବାବେଳେ ସମ୍ମାନୀତ ଅତିଥି ଭାବେ ଜିଲ୍ଲା ସମ୍ପାଦକ ପଣ୍ଡିତ ହରେକୃଷ୍ଣ ପତି, ମୁଖ୍ୟବକ୍ତା ଭାବେ ପଣ୍ଡିତ କ୍ଷୀରୋଦ କୁମାର ପଣ୍ଡା, ବିଶିଷ୍ଟଅତିଥି ଭାବେ ପଣ୍ଡିତ ତପନ କୁମାର ଦାଶ ଓ ଜିଲ୍ଲା ଉପଦେଷ୍ଟା ଲକ୍ଷ୍ମୀଧର ଦୀକ୍ଷିତ ସମ୍ମାନୀତ ଅତିଥି ଭାବେ ଯୋଗ ଦେଇଥିଲେ। ବ୍ରାହ୍ମଣ ସମାଜର ପରମ୍ପରା, ଧର୍ମୀୟ ଓ ସାମାଜିକ କର୍ତ୍ତବ୍ୟକୁ ପାଳନ କରି ସମାଜରେ ନିଜର ଗୁରୁତ୍ୱ ଓ ମର୍ଯ୍ୟାଦା ବଜାଇ ରଖିବାକୁ ଅତିଥିମାନେ ପରାମର୍ଶ ଦେଇଥିଲେ। ବ୍ଲକ ସଭାପତି କପିଳ ମିଶ୍ରଙ୍କ ସମେତ ଓଳାଭର ମହାବିଦ୍ୟାଳୟର ପ୍ରାକ୍ତନ ଅଧକ୍ଷ ସୁରେଶ ଚନ୍ଦ୍ର ମିଶ୍ର, ବିଶିଷ୍ଟକବି ଦୟାନିଧି ଦାଶ ପ୍ରମୁଖ ବ୍ରାହ୍ମଣ ସମାଜର ବିଭିନ୍ନ ସମସ୍ୟା ଉପରେ ମତ ରଖିଥିଲେ। ଅସିତ୍ କୁମାର ପଣ୍ଡା ଧନ୍ୟବାଦାର୍ପଣ କରିଥିଲେ।

## ଇସ୍ପାତ୍ ସାହିତ୍ୟ ସଂସଦର ୫୬ ତମ ବାର୍ଷିକ ଉତ୍ସବ

## ପରିବର୍ତ୍ତିତ ସମାଜକୁ ସୁଧାରିବାରେ ସାହିତ୍ୟର ଭୂମିକା ଗୁରୁତ୍ୱପୂର୍ଣ୍ଣ

**ରାଉରକେଲା:**

ଇସ୍ପାତ୍ ସାହିତ୍ୟ ସଂସଦର ୫୬ତମ ଦ୍ୱିଦିବସୀୟ ବାର୍ଷିକ ଉତ୍ସବ ସଭାପତି ନୃସିଂହ ଚରଣ ବିଶ୍ୱାଳଙ୍କ ସଭାପତିତ୍ୱରେ ସେକ୍ଟର ସାତ ସ୍ଥିତ କାର୍ଯ୍ୟାଳୟ ଠାରେ ମହା ସମାରୋହରେ ପାଳିତ ହୋଇଯାଇଛି। ପ୍ରଥମ ଦିବସର ପ୍ରଥମ ପର୍ଯ୍ୟାୟରେ ସମ୍ବଲପୁର ଉପଜିଲ୍ଲାପାଳ ରାଜେନ୍ଦ୍ର ପ୍ରକାଶ ଯୋଗ ଦେଇଥିବାବେଳେ ଫକୀର ମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟର ଓଡିଆ ଭାଷା ସାହିତ୍ୟ ବିଭାଗର ସହକାରୀ ପ୍ରଧ୍ୟାପକ ଡ ଅଭୟ କୁମାର ରାଉତ ଯୋଗଦେଇ 'ପରିବର୍ତ୍ତିତ ସମାଜରେ ସାହିତ୍ୟର ଭୂମିକା' ସମ୍ପର୍କରେ ଆଲୋଚନା କରିଥିଲେ। କ୍ୱି ମଞ୍ଜୁଳା କୁମାରୀ ରଥ ଙ୍କ ମଞ୍ଚ ପରିଚାଳନାରେ ଅନୁଷ୍ଠିତ ଏହି ସଭାରେ ସାଧାରଣ ସମ୍ପାଦକ ମନୋଜ କୁମାର ନନ୍ଦ ଓ କାର୍ଯ୍ୟକାରୀ ସଭାପତି ପ୍ରତାପ କୁମାର ପଣ୍ଡା, ଉପସଭାପତି ରଶ୍ମିବାଳା ରାଉତରାୟ ବକ୍ତବ୍ୟ ରଖିଥିଲେ। ଶିବ କଳା ନିକେତନ ତରଫରୁ ନୃତ୍ୟ ପରିବେଷଣ କରାଯାଇ ଥିଲା। ଉନ୍ମୋଚିତ ହୋଇଥିବା ରଶ୍ମିବାଳା ରାଉତରାୟଙ୍କ 'ଗଳ୍ପରେ ବିଜ୍ଞାନ' ପୁସ୍ତକର ସମୀକ୍ଷା ଅଧ୍ୟାପକ ଉମାକାନ୍ତ ପ୍ରଧାନ କରିଥିବାବେଳେ ପଣ୍ଡିତ ହରିହର ବେହେରାଙ୍କ ପୁସ୍ତକ ' ଶ୍ରୀକୃଷ୍ଣ ରସାମୃତ ଓ 'ଭଜନ ସୁଧା' ର ସମୀକ୍ଷା କରିଥିଲେ କବି ବିଜୟିନୀ ଜେନା। ଦ୍ୱିତୀୟ ପର୍ଯ୍ୟାୟ କବିତା ପାଠ ଉତ୍ସବରେ ଅଧ୍ୟକ୍ଷତା କରିଥିଲେ ଚିତ୍ତରଂଜନ ବ୍ରହ୍ମା। ମମତା ଜେନା ଓ ଗୀତାରାଣୀ ବେହେରାଙ୍କ ସଂଯୋଜନାରେ



ଅନୁଷ୍ଠିତ ଏହି କବିତା ପାଠ କାର୍ଯ୍ୟକ୍ରମ ରେ ଡାକ୍ତର ଗିତାଞ୍ଜଳୀ ପତ୍ରୀ ମୁଖ୍ୟଅତିଥି ଭାବରେ ଯୋଗଦାନ କରିଥିଲେ। ପ୍ରଥମ ଦିନ ଡ଼ ଅଭୟ କୁମାର ରାଉତ, ଇଂ ଅଶୋକ କୁମାର ପଟ୍ଟନାୟକ, ନର୍ମଦା ନାୟକ, ସୁବ୍ରତ କୁମାର ରଥ, ଅଜୟ କୁମାର ମହାନ୍ତି,ରବୀନ୍ଦ୍ର ନାଥ ମିଶ୍ରଙ୍କୁ ସ୍ମୃତି ସାରସ୍ୱତ ସମ୍ମାନ ପ୍ରଦାନ କରାଯାଇଥିଲା। ଦ୍ୱିତୀୟ ଦିନରେ ମୂଖ୍ୟ ଅତିଥି ଭାବରେ ରଘୁନାଥପାଲ୍ଲି ବିଧାୟକ ଦୁର୍ଗା ଚରଣ ତନ୍ତୀ ଏବଂ ଦ୍ୱିତୀୟଭଞ୍ଜ ସାହିତ୍ୟ ଗବେଷକ ଅଧ୍ୟାପକ ଉମାକାନ୍ତ ପ୍ରଧାନ ମୁଖ୍ୟବକ୍ତା ଭାବରେ ଯୋଗଦାନ କରିଥିଲେ।'ବାର୍ତ୍ତମାନିକ ପରିସ୍ଥିତିରେ ଆମେ ଓ ଆମ ସାହିତ୍ୟ' ଶୀର୍ଷକ ଆଲୋଚନାରେ ପରିବର୍ତ୍ତିତ ପରିସ୍ଥିତିରେ ସହିତ୍ୟହିଁ ସମାଜକୁ ସୁଧାରିବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥାଏ ବୋଲି ମତ ପ୍ରକାଶ ପାଇଥିଲା। ସୁସ୍ମିତା ମହାପାତ୍ର ମଞ୍ଚ ପରିଚାଳନା କରିଥିବା ବେଳେ ସଭାପତି ନୃସିଂହ ଚରଣ ବିଶ୍ୱାଳ ସ୍ୱାଗତ ସମ୍ଭାଷଣ ପ୍ରଦାନ କରିଥିଲେ ଏବଂ ସଧାରଣ ସମ୍ପାଦକ ଶ୍ରୀ ନନ୍ଦ ବାର୍ଷିକ ବିବରଣୀ ପାଠ କରିଥିଲେ। ଅତିଥି ମାନଙ୍କ ଦ୍ୱାରା ସଂସଦର ମୁଖପତ୍ର ସ୍ତବକ ଲୋକାର୍ପିତ ହୋଇଥିଲା। ଅଧ୍ୟାପକ ଉମାକାନ୍ତ ପ୍ରଧାନ, ଶ୍ରୀମତୀ ଉର୍ବଶୀ ଦାଶ ଏବଂ ରମାକାନ୍ତ ସୂତାରଙ୍କୁ ବ୍ୟାସକବି ପୁରସ୍କାର ପ୍ରଦାନ କରାଯାଇଥିବା ବେଳେ ଶର୍ମିଷ୍ଠା କବି ଶତପଥି,ଡ଼ ମନୋଜ କୁମାର ପଣ୍ଡା, ଅଧ୍ୟାପକ ଅଖିଳ ବିଶ୍ୱାଳ, ଲୋପାମୁଦ୍ରା ମିଶ୍ର ଓ ବସନ୍ତ କୁମାର ନାଥ ଙ୍କୁ ସ୍ମୃତି ସାରସ୍ୱତ ସମ୍ମାନ ପ୍ରଦାନ କରାଯାଇଥିଲା।ଦ୍ୱିତୀୟ ପର୍ଯ୍ୟାୟ କବିତା ପାଠ କାର୍ଯ୍ୟକ୍ରମ ରେ କବି ସୁଶାନ୍ତ କୁମାର ନାୟକ ଅଧ୍ୟକ୍ଷତା କରିଥିଲେ। ରଶ୍ମିବାଳା ରାଉତରାୟ ମୂଖ୍ୟ ଅତିଥି ଭାବରେ ଯୋଗଦେଇଥିବା ଏହି କବିତା ପାଠ କାର୍ଯ୍ୟକ୍ରମରେ ଡଲି ରାଣୀ ବ୍ରହ୍ମା, ଉର୍ବଶୀ ଦାଶ ଓ ଗୌତମ ଦାସ ସଂଯୋଜନା କରିଥିଲେ। ବିଭିନ୍ନ ପର୍ଯ୍ୟାୟରେ ଉପେନ୍ଦ୍ର ବସ୍ତିଆ, ସବିତା ବସ୍ତିଆ, ଅଭିରାମ ପ୍ରଧାନ ଓ ଅର୍ଚ୍ଚନା ପାତ୍ର ଧନ୍ୟବାଦ୍ ଅର୍ପଣ କରିଥିଲେ। ପ୍ରତ୍ୟେକ ପର୍ଯ୍ୟାୟରେ ଜ୍ୟୋତିର୍ମୟ ଆଚାର୍ଯ୍ୟଙ୍କ ଶ୍ଳୋକ ପାଠ ତାଳେ ତାଳେ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ଶ୍ରୀଜଗନ୍ନାଥଙ୍କ ମୂର୍ତ୍ତିରେ ପୁଷ୍ପ ମାଲ୍ୟ ଅର୍ପଣ କରଯାଇଥିଲା। ଏହି ରାଜ୍ୟସ୍ତରୀୟ ଉତ୍ସବରେ ବହୁ କବି ଲେଖକ ଓ ବୁଦ୍ଧିଜୀବୀ ଉପସ୍ଥିତ ଥିଲେ।

## ଜିଲ୍ଲା ବୋଇତବନ୍ଦାଣ ସମିତିର ପ୍ରସ୍ତୁତି ବୈଠକ



**କେନ୍ଦ୍ରାପଡ଼ା,**ଜିଲ୍ଲା ବୋଇତବନ୍ଦାଣ ସମିତି, କେନ୍ଦ୍ରାପଡାର ଦ୍ୱିତୀୟ ପ୍ରସ୍ତୁତି ବୈଠକ ମହିପାଳସ୍ଥିତ ଶ୍ରୀ ଶ୍ରୀ ବାୟାବାବାଙ୍କ ଆଶ୍ରମ ପରିସରରେ ସ୍ଥାୟି ମୁଖ୍ୟ ଉପଦେଷ୍ଟା ପ୍ରଦୀପ କୁମାର ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ନଭେମ୍ବର ୧୫ତାରିଖ ରବିବାର ବିଗତ ବର୍ଷମାନଙ୍କ ଭଳି ଚଳିତ ବର୍ଷ ପୂର୍ବ ନିର୍ଦ୍ଧାରିତ ତୁଳସୀ ମହିଳା ମହାବିଦ୍ୟାଳୟ ପରିସରରେ ସ୍କୁଲ ଓ କଲେଜ ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ସମିତିର ବିଭିନ୍ନ ବିଭାଗରେ ପ୍ରତିଯୋଗିତାମାନ ଅନୁଷ୍ଠିତ ହେବ। ଉକ୍ତ କାର୍ଯ୍ୟକ୍ରମକୁ ସୁଚାରୁରୂପେ ପରିଚାଳନା କରିବା ପାଇଁ କାର୍ଯ୍ୟକାରୀ ସଭାପତି ରବିନାରାୟଣ ମହାନ୍ତିଙ୍କ ନେତୃତ୍ୱରେ ଏକ କମିଟି ଗଠନ କରାଯାଇ ଶ୍ରୀ ମହାନ୍ତିଙ୍କ ଉପରେ ସମସ୍ତ ଦାୟିତ୍ୱ ନ୍ୟସ୍ତ କରାଗଲା। ନଭେମ୍ବର ୨୪ତାରିଖ ବାର୍ଷିକ ଉତ୍ସବ ପାଇଁ ସମିତିର ସଭାପତି ଚିନ୍ମୟ ପ୍ରସାଦ ବେହୁରାଙ୍କ ନେତୃତ୍ୱରେ ଏକ ଉଚ୍ଚସ୍ତରୀୟ କମିଟି ଗଠନ କରାଯାଇ ଉତ୍ସବର ସଫଳତା ପାଇଁ ଦାୟିତ୍ୱ ନ୍ୟସ୍ତ କରାଗଲା। ଉତ୍ସବ ଦିନ ପ୍ରତ୍ୟୁଷରେ ଜଜାଙ୍ଗ ଜେନା ପୋଖରୀରେ ବୋଇତ ବନ୍ଦାଣର ସଫଳତା ପାଇଁ ସଭ୍ୟ ସରୋଜକାନ୍ତ ସାହୁ, ରାଜେନ୍ଦ୍ର ମହାପାତ୍ର, ଲୋହିତ ମହାନ୍ତି ଓ ଶ୍ରୀଧର ମହାନ୍ତିଙ୍କ ଉପରେ ଦାୟୀତ୍ୱ ନ୍ୟସ୍ତ କରାଗଲା। ଏସମସ୍ତ କାର୍ଯ୍ୟକୁ ତଦାରଖ କରି ସଫଳ କରିବା ପାଇଁ ସମ୍ପାଦକ ଗୋଲଖ ପଢିଆରୀଙ୍କ ଉପରେ ଦାୟିତ୍ୱ ନ୍ୟସ୍ତ କରାଗଲା। ବୈଠକରେ ନିରଞ୍ଜନ ବେହେରା, ବୈଷ୍ଣବ ଚରଣ ପ୍ରଧାନ, ଚିତ୍ତ ରଞ୍ଜନ ଦାସ, ମୁକ୍ତାର ଖାଁ, ସ୍ୱପ୍ନାରାଣୀ ସିଂ, ବଳରାମ ଦାସ, ହିମାଂଶୁ ଦାସ, ମନୋଜ ଦାସ, ମୀର ମୁର୍ଶିଦ, କମଳାକାନ୍ତ ବେହେରା, ଦେବେନ୍ଦ୍ର ମହାନ୍ତି, ଲକ୍ଷ୍ମୀକାନ୍ତ ନାୟକ, ଶରତ ଚନ୍ଦ୍ର ଧଳ, ପ୍ରଫୁଲ୍ଲ ଦାସ, ଭାଗିରଥି ଜେନା, ପ୍ରଫୁଲ୍ଲ କୁମାର ସାହୁ, ଅବନ୍ତୀ ବେହେରା, ଡ. ଚୈତନ୍ୟ ଚରଣ ପରିଡା, ରଣଧିର ଜେନା, ବଂଶୀଧର ମହାନ୍ତି, ମନୋରଞ୍ଜନ ତ୍ରିପାଠୀ ପ୍ରମୁଖ କର୍ମକର୍ତ୍ତା, ସଭ୍ୟ/ସଭ୍ୟାମାନେ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ସମିତିର ନୂତନ ସଦସ୍ୟ ଭାବେ ଶିକ୍ଷାବିତ୍ ବିଧାନ ସାମଲ, ସଞ୍ଜୀୟ ମଥାନ, ସରିତା ସ୍ୱାଇଁ ଓ ଅଶୋକମୋହନ ଜେନାଙ୍କୁ ଗ୍ରହଣ କରାଗଲା। ଏହି କାର୍ଯ୍ୟକ୍ରମରେ ପୂର୍ବତନ ସଭାପତି ଡା. ସୁଧିର କୁମାର ବ୍ରହ୍ମା ଓ ଉପଦେଷ୍ଟା ହିମାଂଶୁ ଭୁଷଣ କର(ହାପି) ଆଭାସୀ ମାଧ୍ୟମରେ ଯୋଗଦେଇଥିଲେ।

## ଆସନ୍ତା ୨୧ରେ ଇସ୍ପାତ ନଗର କମିଟିର ଖଡ୍ଗ ଶୋଭାଯାତ୍ରା

**ରାଉରକେଲା,:**ସେକ୍ଟର ୩ ସ୍ଥିତ ନିଖିଳ ଉତ୍କଳ ଖଣ୍ଡାୟତ କ୍ଷତ୍ରିୟ ମହାସଭା ଇସ୍ପାତ ନଗର କମିଟିର ଖଡ୍ଗ ଶୋଭାଯାତ୍ରା ନେଇ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଖଡ୍ଗ ଭବନ ପରିସରରେ ଅନୁଷ୍ଠିତ ଏହି ବୈଠକରେ ଉପଦେଷ୍ଟା ହରିହର ରାଉତରାୟଙ୍କ ସଭାପତିତ୍ୱ ଓ ସାଧାରଣ ସମ୍ପାଦକ ଶଶଧର ପାତ୍ରଙ୍କ ଆବାହକତ୍ୱରେ ସାଧାରଣ ପରିଷଦ ବୈଠକ ଅନୁଷ୍ଠିତ ହୋଇଥିଲା । ଏହି ବୈଠକରେ ଆଗାମୀ ଦଶହରା ପର୍ବ ପାଳନ, ବାର ହାତ ଖଣ୍ଡା ପୂଜା, ଖଡ୍ଗ ଶୋଭାଯାତ୍ରା ଓ ଅନ୍ୟାନ୍ୟ ବିଷୟରେ ଆଲୋଚନା କରାଯାଇଥିଲା। ଉପସ୍ଥିତ ସଭ୍ୟମାନେ ଓ ରାଣୀ ଶୁଇଦେଇ ମହିଳା ଶାଖାର ସଭ୍ୟାମାନେ ସହଯୋଗ କରିବା ପାଇଁ ପ୍ରତିଶ୍ରୁତି ଦେଇଥିଲେ। ବୈଠକରେ ନିଷ୍ପତ୍ତି ଅନୁଯାୟୀ ସମସ୍ତଙ୍କୁ ୨୧ ତାରିଖ ଦିନ ସକାଳ ୧୦ଟା ପୂର୍ବରୁ ମହାସଭାରେ ଉପସ୍ଥିତ ରହି ପଞ୍ଜିକରଣ, ଶୋଭାଯାତ୍ରା ପ୍ରସ୍ତୁତି ଓ ପୂଜା ଦାୟିତ୍ୱ ନିର୍ବାହ କରିବାକୁ ସାଧାରଣ ସମ୍ପାଦକ ଶ୍ରୀ ପାତ୍ର ଅନୁରୋଧ କରିଥିଲେ। ଠିକ୍ ୧୧ଟା ସମୟରେ ଶୋଭାଯାତ୍ରା ମହାସଭା ଭବନରୁ ବାହାରି ବିଜୁବାବୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରି ସେକ୍ଟର ୨ ବଜାର ଅଞ୍ଚଳ ମଧ୍ୟ ଦେଇ ସେକ୍ଟର ୧ ଦୂର୍ଗା ପୂଜା ମଣ୍ଡପ ହୋଇ ରାଉରକେଲା କ୍ଲବ ବାଟେ ରିଂ ରୋଡ କୁ ବାହାରିବ ଓ ପୁଣି ସେକ୍ଟର ୬ କେନ୍ଦ୍ରୀୟ ବିଦ୍ୟାଳୟ, ସେକ୍ଟର ୬ ହାଇସ୍କୁଲ ରାସ୍ତାରେ ସୁରୁଚି ବଜାର ଓ ମଧୁବନ ରାସ୍ତାରେ ମହାସଭାକୁ ଫେରିବ। ଶେଷରେ ସମସ୍ତେ ଏକତ୍ରିତ ହୋଇ ମଧ୍ୟାହ୍ନ ଭୋଜନ କରି ପ୍ରସ୍ଥାନ କରିବେ। ଏହାକୁ ଶୃଙ୍ଖଳିତ ଭାବେ ପରିଚାଳିତ କରିବା ପାଇଁ ୪ଟି ସବ କମିଟି ଗଠନ କରାଯାଇଛି। ଅନ୍ୟ ମାନଙ୍କ ମଧ୍ୟରେ ମଞ୍ଚାସୀନଙ୍କ ମଧ୍ୟରେ ସର୍ବଶ୍ରୀ କାର୍ଯ୍ୟକାରୀ ସଭାପତି ଉପେନ୍ଦ୍ର ନାୟକ, ଉପଦେଷ୍ଟା ସୁରେନ୍ଦ୍ର ରାଉତ, ବାବାଜୀ ସ୍ୱାଇଁ, ନାରାୟଣ ସାମଲ ମଞ୍ଚାସୀନ ଥିଲାବେଳେ ସର୍ବଶ୍ରୀ ଅକ୍ଷୟ ଦାସ, ଅକ୍ଷୟ ଜେନା, ଅର୍ଜୁନ ଭୁୟାଁ, ତନୁ ପ୍ରଧାନ, ରଞ୍ଜନ କୁମାର ବିଶ୍ୱାଳ ପ୍ରମୁଖ ସୁଚିନ୍ତିତ ମତାମତ ରଖିଥିଲେ। କାର୍ଯ୍ୟକ୍ରମ ପରିଚାଳନା ରେ ଗଙ୍ଗାଧର ନାୟକ,ସ୍ୱପ୍ନାରାଣୀ ଭଞ୍ଜଦେଓ ପ୍ରମୁଖ ଙ୍କ ସମେତ ବହୁ ସଦସ୍ୟ ସଦସ୍ୟା ଉପସ୍ଥିତ ରହି ସହଯୋଗ କରିଥିଲେ।

## ଜରାୟୁ ଓ ମୁଖ କର୍କଟ ସଚେତନତା ଶିବିର ଅନୁଷ୍ଠିତ

କାକଟପୁର (ମହାଭାରତ) :କାକଟପୁର ନେତ୍ରାନନ୍ଦ ସାହୁ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରିସରରେ ଆୟୋଜିତ ହୋଇଯାଇଛି ଜରାୟୁ ଓ ମୁଖ କର୍କଟ ରୋଗ ସଚେତନତା ଶିବିର, ପ୍ରତ୍ୟେକ ବର୍ଷ ରାଜ୍ୟ ତଥା ଭାରତ ସ୍ୱାସ୍ଥ୍ୟ ବିଭାଗ ରିପୋର୍ଟ ଅନୁସାରେ ଶତକଡା ୭୦ ପ୍ରତିଶତ ଲୋକ ଙ୍କ ଜୀବନ କର୍କଟ ରୋଗ ରେ ଯାଉଛି ଆଉ ତା ଭିତରେ ଜରାୟୁ ଓ ମୁଖ୍ କର୍କଟ ରୋଗ ଅନ୍ୟତମ,ପାନ ଗୁଟୁଖା ଗୁଡାକୁ ଧୁମ୍ରପାନ ଭଳି ନିଶା ମୁଖ କର୍କଟ ମୁଖ୍ୟ ମାର୍ଗ ସାଜିଥିବା ବେଳେଅନେକ ମହିଳା ଙ୍କ ଜରାୟୁ କର୍କଟ ମଧ୍ୟ ସ୍ୱତନ୍ତ୍ର ଅଧ୍ୟାୟ କର୍କଟ ଇତିହାସ ରେ ଯୋଡି ହୋଇଛି, ସରକାର ଙ୍କ ତରଫରୁ ଅନେକ ସଚେତନତା କରିବା ସତେ ସମାଜ ରେ ବ୍ୟକ୍ତିବିଶେଷ ଙ୍କ ମଧ୍ୟରେ କୌଣସି ପରିବର୍ତ୍ତନ ଦୃଶ୍ୟ ମାନ ହେଉନାହିଁ, ଏହି ପରିପ୍ରେକ୍ଷୀରେ କାକଟପୁର ନେତ୍ରାନନ୍ଦ ସାହୁ ମହିଳା କଲେଜ ପରିସରରେ କଲେଜ ଯୁବ ରେଡକ୍ରସ ତରଫରୁ ଓ ଭୁବନେଶ୍ୱର ଆଞ୍ଜେଲା ରୋଟାରି କ୍ଲବ ଆନୁକୂଲ୍ୟରେ ରେ ଏକ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି, ଏହି ଶିବିର ରେ ମହିଳା ମହାବିଦ୍ୟାଳୟ ଅଧକ୍ଷ ଡ଼ଃ ସଂଗ୍ରାମ ଛାଟୋଇ, ମହାବିଦ୍ୟାଳୟ ଯୁବ ରେଡକ୍ରସ ପରାମର୍ଶଦାତା ପ୍ରଫେସର ଅମୀୟବାଳା ପରିଡା, ଆରସିବି ଆଞ୍ଜେଲା ରୋଟାରିଆନ ତୃପ୍ତିରେଖା ଭଞ୍ଜଦେଓ, ସମ୍ପାଦିକା ପ୍ରଜ୍ଞା ମଧୁମିତା, ସ୍ତ୍ରୀ ରୋଗ ବିଶେଷଜ୍ଞ ଡ଼ଃ ସମୀକ୍ଷା ନନ୍ଦ ଯୋଗ ଦେଇ ରେଡକ୍ରସ ମାଧ୍ୟମ ରେ ଗ୍ରାମାଞ୍ଚଳ ରେ ଲୋକ ମାନଙ୍କୁ ସଚେତନତା କରିବାକୁ ପରାମର୍ଶ ପ୍ରଦାନ କରିଥିଲେ।

### ଏସ୍ଆଇଆରକୁ ନେଇ ବିଧାନସଭା ପକ୍ଷରୁ ପଦକ୍ଷେପ

# ଜ୍ଞାନେଶ କୁମାରଙ୍କୁ ହଟାଇବାକୁ ପାରିତ ହେଲା ସଂକଳ୍ପ

**ନୂଆଦିଲ୍ଲୀ,୧୨।୧୦:** ଦେଶର ପ୍ରଥମ ରାଜ୍ୟ ଭାବେ କେରଳମ ବିଧାନସଭାରେ ମୁଖ୍ୟ ନିର୍ବାଚନ କମିଶନର ଜ୍ଞାନେଶ କୁମାରଙ୍କୁ ତାଙ୍କ ପଦରୁ ହଟାଇବା ପାଇଁ ଗୋଟିଏ ସଂକଳ୍ପ ପାରିତ ହୋଇଛି। ଭୋଟର ତାଲିକାର ସ୍ୱତନ୍ତ୍ର ସଘନ ସଂଶୋଧନ ବା ଏସ୍ଆଇଆରକୁ ନେଇ ବିବାଦ ଭିତରେ କେରଳମ ବିଧାନସଭା ପକ୍ଷରୁ ଏପରି ପଦକ୍ଷେପ ନିଆଯାଇଛି। ଦେଶର ପ୍ରଥମ ରାଜ୍ୟ ଭାବେ କେରଳମ ଏପରି ପଦକ୍ଷେପ ନେଇ ଇତିହାସ ରଚିଥିବା ମୁଖ୍ୟମନ୍ତ୍ରୀ ଭିଡି ସତୀଶନ କହିଛନ୍ତି। ସେ ହିଁ ଜ୍ଞାନେଶ କୁମାରଙ୍କୁ ମୁଖ୍ୟ ନିର୍ବାଚନ କମିଶନର ପଦରୁ ହଟାଇବାକୁ ବିଧାନସଭାରେ ପ୍ରସ୍ତାବ ଆଗତ କରିଥିଲେ। ଆଉ କଂଗ୍ରେସ ନେତୃତ୍ୱାଧୀନ ୟୁଡିଏଫ ସହ ବିରୋଧୀ ବାମଦଳ ଏହାକୁ ସମର୍ଥନ କରିଥିଲା। ଏହାପରେ ଏହି ପ୍ରସ୍ତାବ ବିଧାନସଭାରେ ପାରିତ ହୋଇଛି। ମୁଖ୍ୟମନ୍ତ୍ରୀ ସତୀଶନ କହିଛନ୍ତି, "ଭୋଟ ଦେବାର ଅଧିକାର ଆମ ଗଣତନ୍ତ୍ରର ମୂଳଦୁଆ। ଆମ ଦେଶର ଲୋକଙ୍କ ଅଧିକାରୀଙ୍କୁ ଦୁର୍ବଳ କରିବାର ଅନୁମତି କୌଣସି ସଂସ୍ଥାର ନାହିଁ। ଆମ ଆଭିମୁଖ୍ୟ ପୂରା ସ୍ପଷ୍ଟ। ଭୋଟ ଦେବାର ଅଧିକାର ସୁରକ୍ଷିତ ରହିବା ଦରକାର। ସମ୍ବିଧାନ ଲାଗୁ ହେବା ଉଚିତ। ଗଣତନ୍ତ୍ର କାଏମ ରହୁ। କେରଳମ ସବୁବେଳେ ମୁକ୍ତ ଓ ସ୍ୱଚ୍ଛ ନିର୍ବାଚନ ସପକ୍ଷରେ ରହିଛି। କେରମଳ ଏବେ ଇତିହାସ ରଚିଛି। ପ୍ରଥମଥର ପାଇଁ କେରଳମ ବିଧାନସଭା ପକ୍ଷରୁ ମୁଖ୍ୟ ନିର୍ବାଚନ କମିଶନରଙ୍କୁ ହଟାଇବା ପାଇଁ ସଂକଳ୍ପ ପାରିତ ହୋଇଛି। ଆମ ନିର୍ବାଚନ ପ୍ରକ୍ରିୟାର ଅଖଣ୍ଡତାରେ କୌଣସି ପ୍ରକାରର ବୁଝାମଣା କରାଯାଇ ପାରିବ ନାହିଁ।" ଏହାପୂର୍ବରୁ ବିଧାନସଭାରେ ଜ୍ଞାନେଶ କୁମାର ବିରୋଧୀ ସଂକଳ୍ପ ପ୍ରସ୍ତାବ ଆଗତ କରି ମୁଖ୍ୟମନ୍ତ୍ରୀ କହିଥିଲେ ଯେ ଭୋଟର ତାଲିକାରୁ ଅନେକ ଲୋକଙ୍କୁ ହଟାଇ ଦିଆଯିବାର ଲକ୍ଷଲକ୍ଷ ଅଭିଯୋଗ ରହିଛି। ଏହା ଗଣତାନ୍ତ୍ରିକ ମୂଲ୍ୟବୋଧର ସ୍ପଷ୍ଟ ଉଲ୍ଲଙ୍ଘନ। ଭୋଟର ତାଲିକାର ସଂଶୋଧନ, ଯୋଗ୍ୟ ଭୋଟରଙ୍କୁ ହତାଦର ଓ ନିର୍ବାଚନ କମିଶନଙ୍କ ନିରପେକ୍ଷତାକୁ ନେଇ ଉଠିଥିବା ଚିନ୍ତାକୁ ଆଦୌ ଅଣଦେଖା କରାଯାଇ ପାରିବ ନାହିଁ ବୋଲି ସେ କହିଥିଲେ। ସଂକଳ୍ପରେ ଏସ୍ଆଇଆରକୁ ନେଇ ହୋଇଥିବା ଅନିୟମତତାର ଯାଞ୍ଚ କରିବା ସହ ସମସ୍ତ ଯୋଗ୍ୟ ଭୋଟରଙ୍କୁ ତାଲିକାରେ ସାମିଲ କରିବା ପାଇଁ ଦାବି କରାଯାଇଛି। ଏଥିସହ ସିଇସିଙ୍କୁ ହଟାଇବାକୁ ପ୍ରକ୍ରିୟା ଆରମ୍ଭ କରିବାକୁ ମଧ୍ୟ ସଂକଳ୍ପ ଜରିଆରେ କେରଳମ ବିଧାନସଭା କହିଛି। ନିର୍ବାଚନ କମିଶନ ଚୟନ ପାଇଁ ଗଠନ କମିଟିରେ ସଂଶୋଧନ କରିବା ସହ ବିରୋଧୀ ଦଳ ନେତାଙ୍କ ସହ ପ୍ରଧାନ ବିଚାରପତି ସାମିଲ କରିବାକୁ ମଧ୍ୟ ସଂକଳ୍ପରେ ପରାମର୍ଶ ଦିଆଯାଇଛି।




## ଯନ୍ତରମନ୍ତରରେ ଆନ୍ଦୋଳନ ମନା

ଦେଶର ରାଜଧାନୀ ଦିଲ୍ଲୀରେ ଥିବା ଯନ୍ତରମନ୍ତରରେ ଆଉ କେହି ଆନ୍ଦୋଳନ କରିପାରିବେ ନାହିଁ। ଯନ୍ତରମନ୍ତର ଆଉ ଧାର୍ଯ୍ୟ ବିକ୍ଷୋଭ ସ୍ଥଳ ନୁହେଁ। ଏଠାରେ କୌଣସି ବ୍ୟକ୍ତି କିମ୍ବା ସଂଗଠନ ଆଉ ବିକ୍ଷୋଭ କିମ୍ବା ଧାରଣା ଦେଇ ପାରିବେ ନାହିଁ। ଆଜି ଦିଲ୍ଲୀ ପୁଲିସ୍ ? ଏନେଇ ଗୋଟିଏ ବିଜ୍ଞପ୍ତି ଜାରି କରିଛି। ଯନ୍ତରମନ୍ତରକୁ ମିଳିଥିବା ଧାର୍ଯ୍ୟ ବିକ୍ଷୋଭ ସ୍ଥଳର ମାନ୍ୟତା ପ୍ରତ୍ୟାହାର କରି ନିଆଯାଇଛି। ଯନ୍ତରମନ୍ତର ଠାରୁ ଧାର୍ଯ୍ୟ ବିକ୍ଷୋଭ ସ୍ଥଳର ମାନ୍ୟତା ପ୍ରତ୍ୟାହାର କରାଯାଇଥିବା ବେଳେ ଏବେ ଆନ୍ଦୋଳନ ପାଇଁ ଦିଲ୍ଲୀର ଆଉ ୩ଟି ବିକଳ୍ପ ସ୍ଥାନ ଚିହ୍ନଟ କରାଯାଇଛି। ଯନ୍ତରମନ୍ତରରେ ବିରୋଧୀ ଇଣ୍ଡିଆ ବ୍ଲକ ଓ କକ୍ରୋଚ ଜନତା ପାର୍ଟି ଆନ୍ଦୋଳନ କରିବାକୁ ଚାହୁଁଥିବା ବେଳେ ପୁଲିସ ସହ ମୁହାଁମୁହିଁ ସ୍ଥିତି ଦେଖାଯାଇଥିଲା। ଏହାକୁ ନେଇ ବିବାଦ ଲାଗି ରହିଥିବା ବେଳେ ଏବେ ଏଭଳି ଖବର ସାମ୍ନାକୁ ଆସିଛି। ପୁଲିସ୍ ଜାରି କରିଥିବା ବିଜ୍ଞପ୍ତି ଅନୁସାରେ, ପୂର୍ବ ଦିଲ୍ଲୀରେ ଥିବା ରାମଲୀଲା ଗ୍ରାଉଣ୍ଡ, ବୁରାରୀ ଗ୍ରାଉଣ୍ଡ ଓ ସିବିଡି ଗ୍ରାଉଣ୍ଡକୁ ନୂଆ ବିକ୍ଷୋଭ ସ୍ଥଳ ଭାବେ ଚିହ୍ନଟ କରାଯାଇଛି। ଦିଲ୍ଲୀ ପୁଲିସ୍ କମିଶନର ଅନୁରାଗ କୁମାରଙ୍କ ଦସ୍ତଖତ ଏଥିରେ ରହିଛି। ୨୦୨୨ ଏପ୍ରିଲ ୨୮ରେ ଯନ୍ତରମନ୍ତରକୁ ଧାର୍ଯ୍ୟ ବିକ୍ଷୋଭ ସ୍ଥଳ ଭାବେ ଚିହ୍ନଟ କରାଯାଇଥିଲା। କିନ୍ତୁ ଏବେ ଜାରି ବିଜ୍ଞପ୍ତି ପରେ ପୂର୍ବ ନିର୍ଦ୍ଦେଶ ବଦଳି ଯାଇଛି। ପୁଲିସ୍‌ର କହିବା କଥା ଯେ ନୂଆ କରି ଚିହ୍ନଟ ହୋଇଥିବା ୩ ବିକ୍ଷୋଭ ସ୍ଥଳରେ ଆନ୍ଦୋଳନ ପାଇଁ ପରବର୍ତ୍ତୀ ସମୟରେ ସଂଶୋଧିତ ଏସ୍ଓପି ଜାରି କରାଯିବ। ସେହିପରି ଗୃହ ମନ୍ତ୍ରାଳୟ ଦ୍ୱାରା ଗଠିତ କମିଟିର ସୁପାରିସ୍ ପରେ ପୁଲିସ୍ ଯନ୍ତରମନ୍ତରକୁ ମିଳିଥିବା ଧାରଣା ସ୍ଥଳ ମାନ୍ୟତା ପ୍ରତ୍ୟାହାର କରିଛି।

### ଫର୍ମ-୬ ପରିବର୍ତ୍ତନକୁ ନେଇ ସୁପ୍ରିମକୋର୍ଟଙ୍କ ସ୍ପଷ୍ଟୋକ୍ତି

# ନା ଅନୁମତି ଦେଇଛୁ, ନା ନାମଞ୍ଜୁର କରିଛୁ





**ନୂଆଦିଲ୍ଲୀ, ୧୨।୧୦:** ବିହାର ଝଓଜ ଓ ଭୋଟର ତାଲିକାକୁ ନେଇ ଜାରି ଘଟଣା ଏବେ ଏକ ନୂଆ ସ୍ତରରେ ପହଞ୍ଚି ସାରିଛି । ଫର୍ମ-୬ କୁ ନେଇ ସୃଷ୍ଟି ହୋଇଥିବା ବିବାଦ ମଧ୍ୟରେ ସୁପ୍ରିମକୋର୍ଟ ନିଜର ପକ୍ଷକୁ ପୂରା ସ୍ପଷ୍ଟ କରି ଦେଇଛନ୍ତି । ପ୍ରଧାନ ବିଚାରପତି (ଡଔଓ) ସୂର୍ଯ୍ୟକାନ୍ତ ଏବଂ ବିଚାରପତି ଜୟମାଲ୍ୟ ବାଗଚୀଙ୍କ ବେଞ୍ଚ ସ୍ପଷ୍ଟ ଭାବେ କହିଛନ୍ତି ଯେ, ଆମେ ନୂଆ ଫର୍ମ-୬ କୁ କୌଣସି ଗ୍ରୀନ୍ ସିଗନାଲ୍ ଦେଇ ନାହୁଁ କି ଏହାକୁ ପ୍ରତ୍ୟାଖ୍ୟାନ କରିନାହୁଁ । ବିଚାରପତି ବାଗଚୀ ମନେପକାଇ ଦେଇ ଥିଲେ ଯେ, ଯେତେବେଳେ ବିହାର ଏସଆଇଆର୍ ନିଷ୍ପତ୍ତି ଆସିଥିଲା, ସେତେବେଳେ ଏହି ନୂଆ ଫର୍ମଟି ରହି ନଥିଲା । ଅନ୍ୟପଟେ, ସିଜେଆଇ ସୂର୍ଯ୍ୟକାନ୍ତ ମିଡିଆ ଓ ଓକିଲମାନଙ୍କୁ ସ୍ପଷ୍ଟ ଚେତାବନୀ ଦେଇଛନ୍ତି ଯେ ଚଟପଟି ଖବର ତିଆରି କରିବା ପାଇଁ କୋର୍ଟଙ୍କ ଶବ୍ଦ ସହିତ ଖେଳିବା ବନ୍ଦ କରନ୍ତୁ । ଏହି ମଧ୍ୟରେ, ମୁଖ୍ୟ ନିର୍ବାଚନ କମିଶନର (ଉରଉ) ଜ୍ଞାନେଶ କୁମାରଙ୍କୁ ପକ୍ଷଭୁକ୍ତ କରି କୋର୍ଟରେ ଏକ ନୂଆ ଜନସ୍ୱାର୍ଥ ମାମଲା (ଚଓଖ) ମଧ୍ୟ ଦାଖଲ କରାଯାଇଛି, ଯାହାକି ଇସିଆଇ (ଋଓଓ)ଙ୍କ ଦାବି ଉପରେ କଡ଼ା ପ୍ରଶ୍ନବାଚୀ ସୃଷ୍ଟି କରିଛି । ଶୁଣାଣି ବେଳେ ଚିଫ୍ ଜଷ୍ଟିସ୍ ସୂର୍ଯ୍ୟକାନ୍ତ ଏବଂ ଜଷ୍ଟିସ୍ ଜୟମାଲ୍ୟ ବାଗଚୀ ଏହି ପ୍ରସଙ୍ଗରେ ସ୍ପଷ୍ଟ ମତ ରଖି ଥିଲେ । ସିଜେଆଇ ସୂର୍ଯ୍ୟକାନ୍ତ ମିଡିଆ ଏବଂ ଓକିଲମାନଙ୍କୁ କଡ଼ା ସମାଲୋଚନା କରିବା ସହ କହିଥିଲେ, ଦୟାକରି ଏପରି ଚାଞ୍ଚଲ୍ୟକର ଖବର ତିଆରି କରିବା ପାଇଁ କୋର୍ଟର ଶବ୍ଦଗୁଡ଼ିକୁ ଭାଙ୍ଗିରୁଜି ଉପସ୍ଥାପନ କରନ୍ତୁ ନାହିଁ । ମାମଲାଟି ସେତେବେଳେ ସରଗରମ ହୋଇଥିଲା ଯେତେବେଳେ ଫର୍ମ-୬ ବିବାଦକୁ ନେଇ ସୁପ୍ରିମକୋର୍ଟରେ ଏକ ଫ୍ରେସ୍ ପବ୍ଲିକ୍ ଇଣ୍ଟରେଷ୍ଟ ଲିଟିଗେସନ (ଚଓଖ) ମାମଲା ଦାଖଲ କରାଯାଇ ଥିଲା।

ଏହି ନୂଆ ଆବେଦନରେ ସିଧାସଳଖ ମୁଖ୍ୟ ନିର୍ବାଚନ କମିଶନର (ଉରଉ) ଜ୍ଞାନେଶ କୁମାରଙ୍କୁ ପକ୍ଷ କରାଯାଇଛି । ଆବେଦନକାରୀଙ୍କ ଓକିଲ କୋର୍ଟରେ ଯୁକ୍ତି ଦର୍ଶାଇ ଥିଲେ ଯେ ଅକ୍ଟୋବର ୫ ତାରିଖରେ କୋର୍ଟ ନିଜେ ଏହା ସ୍ପଷ୍ଟ କରିଥିଲେ ଯେ ଫର୍ମ-୬ କୁ କୋର୍ଟରୁ କୌଣସି ଗ୍ରୀନ୍ ସିଗ୍ନାଲ୍ ମିଳି ନାହିଁ, କିନ୍ତୁ ଏହା ସତ୍ତ୍ୱେ ନିର୍ବାଚନ ଆୟୋଗ (ଋଓଓ) ପକ୍ଷରୁ ଏଭଳି ଏକ ବାର୍ତ୍ତା ପ୍ରସାରିତ କରାଯାଉ ଥିଲା ଯେ ସୁପ୍ରିମକୋର୍ଟ ଏଥିରେ ମୋହର ମାରିଛନ୍ତି ।

## ଦିଲ୍ଲୀ ପୁଲିସକୁ ୨୪ ଘଣ୍ଟିଆ ଅଲ୍ଟିମେଟମ୍ ଦେଲା ସିଜେପି



**ନୂଆଦିଲ୍ଲୀ,୧୨।୧୦:** କକ୍ରୋଚ୍ ଜନତା ପାର୍ଟି (ସିଜେପି)ର ଜାତୀୟ ମୁଖପାତ୍ର ସୌରଭ ଦାସ ଏବଂ ଆଶୁତୋଷ ରାଙ୍କା ସେମାନଙ୍କ ସମର୍ଥକମାନଙ୍କ ସହିତ ପାର୍ଲିଆମେଣ୍ଟ ଷ୍ଟ୍ରିଟ୍ ପୁଲିସ ଷ୍ଟେସନରେ ପହଞ୍ଚିଛନ୍ତି। ସେମାନେ ଜନ୍ତର ମନ୍ତରରେ ପ୍ରସ୍ତାବିତ ପ୍ରତିବାଦ ପାଇଁ ତାରିଖ ଦାବି କରିଛନ୍ତି ଏବଂ ଦିଲ୍ଲୀ ପୁଲିସକୁ ପ୍ରତିକ୍ରିୟା ଦେବା ପାଇଁ ୨୪ ଘଣ୍ଟା ସମୟ ଦେଇଛନ୍ତି। ସୌରଭ ଦାସ କହିଛନ୍ତି, ପ୍ରତିବାଦର ତାରିଖ ଏବଂ ସମୟ ସ୍ଥିର କରିବାର ନିଷ୍ପତ୍ତି ପୁଲିସ ଉପରେ ଆମେ ଛାଡି ଦେଇଛୁ। ପୁଲିସ ସମସ୍ତଙ୍କୁ ୧୦ ଦିନ ପୂର୍ବରୁ ସେମାନଙ୍କ ସହିତ ଯୋଗାଯୋଗ କରିବାକୁ କହୁଛି। ଏବେ ଆମେ କହୁଛୁ ଯେ, ଜନ୍ତର ମନ୍ତରରେ ପ୍ରତିବାଦ ପାଇଁ ତାରିଖ ଏବଂ ସମୟ ସ୍ଥିର କରିବା ସେମାନଙ୍କର ନିଷ୍ପତ୍ତି। ଆମେ ସେମାନଙ୍କୁ ୨୪ ଘଣ୍ଟାର ଅଲ୍ଟିମେଟମ୍ ଦେଉଛୁ। ଆଶୁତୋଷ ରାଙ୍କା କହିଛନ୍ତି, ଦିଲ୍ଲୀ ପୁଲିସକୁ ପ୍ରତିବାଦ ପାଇଁ ତାରିଖ ମାଗିଛୁ। ଆଶା ପ୍ରକାଶ କରୁଛି ଯେ, କର୍ତ୍ତୃପକ୍ଷ ଉତ୍ତର ଦେବେ। ସୌରଭ ଦାସ କହିଛନ୍ତି, ନିର୍ଦ୍ଦିଷ୍ଟ ସ୍ଥାନରେ ପ୍ରତିବାଦ କରିବାରେ କ'ଣ ଅସୁବିଧା ହୋଇପାରେ ? ଦିଲ୍ଲୀ ପୁଲିସ ଆମ ସହିତ କଥା ହେବା ଉଚିତ। ପୁଲିସ ଯେଉଁଭଳି ଭାବରେ ସମଗ୍ର ସହରକୁ ଅବରୋଧ କରୁଛି ତାହା ଲୋକଙ୍କ ପାଇଁ ବହୁତ ଅସୁବିଧାର କାରଣ ପାଲଟୁଛି। ବ୍ୟବସାୟୀମାନେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି, ଦୋକାନ ବନ୍ଦ ହେଉଛି, ଏବଂ ବର୍ତ୍ତମାନ ଉତ୍ସବ ଋତୁ। ତେଣୁ ନିର୍ଦ୍ଦିଷ୍ଟ ସ୍ଥାନରେ ପ୍ରତିବାଦ କରିବାରେ କ'ଣ ଅସୁବିଧା ହୋଇପାରେ ? ଶାନ୍ତିପୂର୍ଣ୍ଣ ପ୍ରତିବାଦ ସାମ୍ବିଧାନିକ ଅଧିକାର। ଲୋକମାନେ ଶାନ୍ତିପୂର୍ଣ୍ଣ ଭାବରେ ପ୍ରତିବାଦ କରିବେ। ପୁଲିସ ସବୁବେଳେ ଅଭିଯୋଗ କରୁଛି ଯେ, ଆମେ ସେମାନଙ୍କ ସହିତ ୧୦ ଦିନ ପୂର୍ବରୁ ଯୋଗାଯୋଗ କରିବା ଉଚିତ୍।

### ଜ୍ଞାନେଶ କୁମାର ମେସେଜ କରିଥିବା ଦାବି କଲେ ରାହୁଲ

# ରାଜସାକ୍ଷୀ ହେବାକୁ ପ୍ରସ୍ତାବ ଦେଲେ



**ନୂଆଦିଲ୍ଲୀ,୧୨।୧୦:** ବିବାଦରେ ଥିବା ଦେଶର ମୁଖ୍ୟ ନିର୍ବାଚନ କମିଶନର ଜ୍ଞାନେଶ କୁମାରଙ୍କୁ ନେଇ ରାହୁଲ ଗାନ୍ଧିଙ୍କ ବଡ଼ ଦାବି। ସାରା ଦେଶରେ ବିଭିନ୍ନ ସଂଗଠନ ଓ ରାଜନୀତିକ ଦଳ ଜ୍ଞାନେଶ କୁମାରଙ୍କ ଇସ୍ତଫା ଦାବି କରୁଥିବା ବେଳେ ସେ କୁଆଡ଼େ ରାହୁଲ ଗାନ୍ଧିଙ୍କୁ କରିଛନ୍ତି ମେସେଜ। ରାହୁଲ ଗାନ୍ଧି ଏକଥା ଦାବି କରିବା ସହ ଜ୍ଞାନେଶ କୁମାରଙ୍କୁ ତଥାକଥିତ ନିର୍ବାଚନ ଅନିୟମିତତା ପ୍ରସଙ୍ଗରେ ରାଜସାକ୍ଷୀ ବନିବାକୁ ପ୍ରସ୍ତାବ ମଧ୍ୟ ଦେଇଛନ୍ତି। ସୁପ୍ରିମକୋର୍ଟ ଅଭିମୁଖେ ବିରୋଧୀ ଇଣ୍ଡିଆ ବ୍ଲକର ପ୍ରସ୍ତାବିତ ଶୋଭାଯାତ୍ରା ପୂର୍ବରୁ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ରାହୁଲ ଗାନ୍ଧି କହିଛନ୍ତି ଯେ ଜ୍ଞାନେଶ କୁମାରଙ୍କ ପାଖରେ ରାଜସାକ୍ଷୀ ବନିବା ଛଡ଼ା ଆଉ କୌଣସି ବିକଳ୍ପ ନାହିଁ। କାରଣ ସେ ଅପରାଧ କରିଛନ୍ତି। ସେ ଜ୍ଞାନେଶ କୁମାରଙ୍କ ରାଜସାକ୍ଷୀ ବନିବାର ପ୍ରସ୍ତାବ ଦେବା ସହ ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ମଧ୍ୟ ଦାବି କରିଛନ୍ତି। ଏହି ସମୟରେ କ'ଣ ସିଇସି ଜ୍ଞାନେଶ କୁମାରଙ୍କ ଠାରୁ ସେ କିଛି ମେସେଜ ପାଇଛନ୍ତି ବୋଲି ପ୍ରଶ୍ନ କରାଯାଇଥିଲା। ଏହାର ଜବାବରେ ରାହୁଲ କହିଛନ୍ତି ଯେ "ମେସେଜ ଆସିଛି। ମେସେଜ ଆସିଛି। ସେ ଏହି ସାମ୍ବାଦିକ ସମ୍ମିଳନୀ ଦେଖୁଛନ୍ତି।" ଜ୍ଞାନେଶ କୁମାର ବିବାଦ ମଧ୍ୟରେ ତାଙ୍କ ସହ ଯୋଗାଯୋଗ କିମ୍ବା ମେସେଜ କରିଥିବା ଜଣେ ସାମ୍ବାଦିକ ପ୍ରଶ୍ନ କରିବାରୁ ରାହୁଲ ଏପରି ଦାବି କରିଛନ୍ତି। ଜ୍ଞାନେଶ କୁମାରଙ୍କୁ ରାହୁଲ ଗାନ୍ଧି ମେସେଜରେ ରାଜସାକ୍ଷୀ ବନିବାକୁ ମଧ୍ୟ ପ୍ରସ୍ତାବ ଦେଇଥିବା କହିଛନ୍ତି। ସେ କହିଛନ୍ତି, "ଜ୍ଞାନେଶ କୁମାରଙ୍କୁ ମୁଁ ରାଜସାକ୍ଷୀ ବନିବାକୁ କହିଛି। ମୁଁ ତାଙ୍କୁ କହିଛି ଯେ ଆପଣ ଅପରାଧ କରିଛନ୍ତି। ନିଶ୍ଚିତ ଭାବେ ଆପଣ ମୁଖ୍ୟ ଅପରାଧୀ ନୁହନ୍ତି। ଆପଣ ଗୋଟିଏ ଭୁଲ କରିଛନ୍ତି। ହେଲେ ଏହି ଭୁଲ ପଛରେ ଆପଣ ମୁଖ୍ୟ ମାଷ୍ଟର ମାଇଣ୍ଡ ନୁହନ୍ତି।" ନିର୍ବାଚନ କମିଶନଙ୍କ ବିରୋଧରେ ପିଟିସନ ଦାଖଲ କରିବାକୁ ଆଜି ଇଣ୍ଡିଆ ବ୍ଲକ ସୁପ୍ରିମକୋର୍ଟ ଅଭିମୁଖେ ଶୋଭାଯାତ୍ରା କରିବ। ଏହାପୂର୍ବରୁ ରାହୁଲ ଗାନ୍ଧି ସାମ୍ବାଦିକ ସମ୍ମିଳନୀ କରି ଏପରି ଦାବି କରିଛନ୍ତି। ରାହୁଲ ଗାନ୍ଧି ଅଭିଯୋଗ କରିଛନ୍ତି ଯେ ନିର୍ବାଚନ କମିଶନ ଭାରତର ଗଣତାନ୍ତ୍ରିକ ପ୍ରକ୍ରିୟାକୁ ଦୁର୍ବଳ କରିଛନ୍ତି। ଏଥିପାଇଁ ସେ ସିଇସି ଜ୍ଞାନେଶ କୁମାରଙ୍କୁ ହଟାଇବାକୁ ନିଜ ଦାବି ଦୋହରାଇଛନ୍ତି। ଜ୍ଞାନେଶ କୁମାର ପଦରୁ ନ ହଟିବା ଯାଏ ବିରୋଧୀ ନିଜର ଆନ୍ଦୋଳନ ବନ୍ଦ କରିବେ ନାହିଁ ବୋଲି ରାହୁଲ ଘୋଷଣା କରିଛନ୍ତି।

## ପାକିସ୍ତାନୀ ସେନାର ତାଲିମ ବିମାନ ଦୁର୍ଘଟଣାଗ୍ରସ୍ତ, ୨ ପାଇଲଟ୍ ମୃତ

**ନୂଆଦିଲ୍ଲୀ,୧୨।୧୦:** ବର୍ତ୍ତମାନ ସମୟରେ ପାକିସ୍ତାନର କ୍ୱେଟାରୁ ଏକ ବଡ଼ ଖବର ସାମ୍ନାକୁ ଆସୁଛି । ଏଠାରେ ଏକ ପାକିସ୍ତାନୀ ସେନା ତାଲିମ ବିମାନ ଦୁର୍ଘଟଣାଗ୍ରସ୍ତ ହୋଇଛି। ରିପୋର୍ଟ ଅନୁଯାୟୀ, ଏଥିରେ ଥିବା ଦୁଇଜଣ ପାଇଲଟଙ୍କ ମୃତ୍ୟୁ ହୋଇଛି। ପାକିସ୍ତାନୀ ସେନା ଦୁର୍ଘଟଣା ସମ୍ପର୍କରେ ସୂଚନା ଜାରି କରିଛି । ସେନା କହିଛି ଯେ, ପାକିସ୍ତାନ ସେନା ଆଭିଏସନ୍ର ମୁଶଶାକ୍ ତାଲିମ ବିମାନ ଏକ ଯାନ୍ତ୍ରିକ ତ୍ରୁଟି ଯୋଗୁଁ ଦୁର୍ଘଟଣାଗ୍ରସ୍ତ ହୋଇଛି । ଦୁର୍ଘଟଣା ପରେ ପାକିସ୍ତାନର ରାଷ୍ଟ୍ରପତି ଏବଂ ପ୍ରଧାନମନ୍ତ୍ରୀ ଶୋକ ପ୍ରକାଶ କରିଛନ୍ତି। ସୂଚନା ଥାଉକି ଯେ, ପାକିସ୍ତାନରେ ପୂର୍ବରୁ ବିମାନ ଦୁର୍ଘଟଣା ଘଟିଛି । ପାକିସ୍ତାନୀ ସେନା ରିପୋର୍ଟ କରିଛି ଯେ, ସୋମବାର ପାକିସ୍ତାନ ସେନାର ଏକ ତାଲିମ ବିମାନ ଏକ ଯାନ୍ତ୍ରିକ ତ୍ରୁଟି ଯୋଗୁଁ ଦୁର୍ଘଟଣାଗ୍ରସ୍ତ ହୋଇଛି, ଯେଉଁଥିରେ ଦୁଇଜଣ ପାଇଲଟଙ୍କ ମୃତ୍ୟୁ ହୋଇଛି । ରିପୋର୍ଟ ଅନୁଯାୟୀ, ଏହି ଘଟଣା ବେଲୁଚିସ୍ତାନର ପ୍ରାଦେଶିକ ରାଜଧାନୀ କ୍ୱେଟା ନିକଟରେ ଘଟିଛି । 'ପ୍ରାୟ ମଧ୍ୟାହ୍ନରେ, ପାକିସ୍ତାନ ସେନା ଆଭିଏସନ୍ର ଏକ ମୁଶଶାକ୍ ତାଲିମ ବିମାନ ଏକ ଯାନ୍ତ୍ରିକ ତ୍ରୁଟି ଯୋଗୁଁ କ୍ୱେଟାର ନଓ୍ୱାନ୍ କିଲି ନିକଟରେ ଦୁର୍ଘଟଣାଗ୍ରସ୍ତ ହୋଇଛି ବୋଲି ସେନା ଏକ ବିବୃତ୍ତିରେ କହିଛି । ସେନା ଆହୁରି କହିଛି ଯେ 'ଦୁର୍ଭାଗ୍ୟବଶତଃ ଦୁର୍ଘଟଣା'ରେ ଉଭୟ ପାଇଲଟ୍ - ପ୍ରଶିକ୍ଷକ ମେଜର ହସନେନ୍ ଶହଜାଦ୍ ହୁମାୟୁନ୍ ଏବଂ ଛାତ୍ର କ୍ୟାପଟେନ୍ ଅବଦୁଲ୍ ସମାଦଙ୍କ ମୃତ୍ୟୁ ହୋଇଛି ।

## ପାକ୍ ସୈନ୍ୟ ପୋଷ୍ଟ ଓ ଜାହାଜକୁ ଟାର୍ଗେଟ, ୧୩ ଯବାନ ନିହତ

**ଲାହୋର,୧୨।୧୦:** ପାକ୍ ବେଲୁଚିସ୍ତାନ ପ୍ରାନ୍ତରେ ଥିବା ଗ୍ୱାଦର ଜିଲ୍ଲାରେ ବେଲୁଚ୍ ଲିବରେସନ୍ ଆର୍ମୀ ବଡ ଆକ୍ରମଣ କରିଛି । ଏଥିରେ ପାକ୍ ସୈନ୍ୟ ପୋଷ୍ଟ ଏବଂ ଛୋଟ ଜାହାଜକୁ ଟାର୍ଗେଟ୍ କରାଯାଇଛି । ଏଥିରେ ୧୩ ଜଣ ପାକ୍ କୋଷ୍ଟ୍ ଗାର୍ଡଙ୍କ ମୃତ୍ୟୁ ହୋଇଥିବା ବିଏଲଏ ଦାବି କରିଛି।, ବିଏଲଏର ନୌସେନା ହମ୍ମାଲ ମ୍ୟାରିଟାଇମ୍ ଡିଫେନ୍ସ ଫୋର୍ସ ଏହି ଆକ୍ରମଣ କରିଛି । ଅକ୍ଟୋବର ୧୧ ତାରିଖରେ ବିଏଲଏ ପକ୍ଷରୁ ଜାରି ବୟାନରେ କୁହାଯାଇଛି ଯେ, ପାକିସ୍ତାନର ଦୁଇଟି ଜାହାଜକୁ ଟାର୍ଗେଟ୍ କରାଯାଇଛି । ଏଥିରେ ଥିବା ୧୩ ପାକ୍ କୋଷ୍ଟ୍ ଗାର୍ଡ୍ ପ୍ରାଣ ହରାଇଛନ୍ତି । ଆକ୍ରମଣରେ ଜାହାଜର ଭୟଙ୍କର କ୍ଷତି ହୋଇଛି । ବିଏଲଏ ମୁଖପାତ୍ର ଜିୟାନ୍ଦ ବଲୋଚ ଦାବି କରିଛନ୍ତି କି, ଆକ୍ରମଣରେ ପାକିସ୍ତାନ କୋଷ୍ଟଗାର୍ଡର ୨ଟି ଜାହାଜ ଉପରେ ଟାର୍ଗେଟ କରାଯାଇଥିଲା । ଏଥିରେ ୧୩ ଜଣ ଯବାନଙ୍କ ଜୀବନ ଚାଲିଯାଇଛି । ସେମାନେ ୨୦୨୬ ଏପ୍ରିଲ ୧୩ ତାରିଖରେ ନିଜର ନୌସେନା ପ୍ରତିଷ୍ଠା କରିଥିଲେ । ପ୍ରଥମେ ସେମାନେ ପାକିସ୍ତାନ ନୌସେନାର ଏକ ପାଟ୍ରୋଲିଂ ଡଙ୍ଗାକୁ ଟାର୍ଗେଟ୍ କରିଥିଲେ । ଏଥିରେ ୩ ପାକ୍ ଯବାନ ନିହତ ହୋଇଥିଲେ । ଏହି ୟୁନିଟ୍ କୋଷ୍ଟାଲ ଅଞ୍ଚଳରେ ସୁରକ୍ଷା ଏବଂ ପାକିସ୍ତାନୀ ସିକ୍ୟୁରିଟି ଫୋର୍ସର ମୁଭମେଣ୍ଟକୁ ରୋକିବା ପାଇଁ କାମ କରିଥାଏ । ବିଏଲଏ କହିଛନ୍ତି କି, ଅପରେସନ ବିଷୟରେ ସମସ୍ତ ସୂଚନା ସୋସିଆଲ ମିଡିଆରେ ସେୟାର କରାଯାଇଛି ।

## ବାଣ ଫୁଟାଇବା ଧର୍ମର ମୌଳିକ ଅଧିକାର ନୁହେଁ: ସୁପ୍ରିମକୋର୍ଟ

**ନୂଆଦିଲ୍ଲୀ,୧୨।୧୦:** ଦୀପାବଳିରେ ଦିଲ୍ଲୀ-ଏନସିଆରରେ ବାଣ ଫୁଟାଇବା ଉପରେ ପ୍ରତିବନ୍ଧକ ସମ୍ପର୍କରେ ସିଜେଆଇ ସୂର୍ଯ୍ୟକାନ୍ତ କହିଛନ୍ତି, ଆମେ ବାଣ ଫୁଟାଇବା ନିଷେଧ କରିବା ପାଇଁ ନିର୍ଦ୍ଦେଶ ଜାରି କରିବା ମାତ୍ରେ ଲୋକମାନେ ଦିନରେ ବାଣ ଫୁଟାଇବା ଆରମ୍ଭ କରିବେ। ଆମେ ଧାର୍ମିକ ଭାବନାକୁ ଆଘାତ ଦେବୁ ନାହିଁ, ଆମେ ଏକ ସନ୍ତୁଳିତ ଆଭିମୁଖ୍ୟ ଖୋଜିବୁ। ଶୁଣାଣି ସମୟରେ ସିଜେଆଇ କହିଛନ୍ତି ଯେ ଏକ ବ୍ୟବହାରିକ ଏବଂ ସନ୍ତୁଳିତ ଆଭିମୁଖ୍ୟ ଆବଶ୍ୟକ। ଜନସାଧାରଣଙ୍କୁ ବାଣ ଫୁଟାଇବାର ବ୍ୟବହାରକୁ ଏକ ନିର୍ଦ୍ଦିଷ୍ଟ ଘଣ୍ଟା ମଧ୍ୟରେ ସୀମିତ ରଖିବା ପାଇଁ ବିଚାର କରିବା ଲାଗି ଆମ ପାଖରେ ଏପର୍ଯ୍ୟନ୍ତ ଯଥେଷ୍ଟ ସମୟ ଅଛି। ଶୁଣାଣି ସମୟରେ, ଆଇନଜୀବୀ ଯୁକ୍ତି ଦେଇଛନ୍ତି ଯେ, ବାଣ ଫୁଟାଇବା ଧର୍ମର ମୌଳିକ ଅଧିକାର ନୁହେଁ। ସେ କହିଛନ୍ତି, ପୂଜା ଧାର୍ମିକ ବିଶ୍ୱାସର ଏକ ଅଂଶ, କିନ୍ତୁ ବାଣ ଫୁଟାଇବା ନୁହେଁ। ସେ ମନ୍ତବ୍ୟ ଦେଇଥିଲେ ଯେ ଏହା ଦେଖି ଈଶ୍ୱର ମଧ୍ୟ ଆଶ୍ଚର୍ଯ୍ୟ ହେଇଥିବେ। ସିଜେଆଇ ଉତ୍ତର ଦେଇଛନ୍ତି, ଆମେ ଧାର୍ମିକ ଭାବନାକୁ ଆଘାତ ଦେବୁ ନାହିଁ, ବରଂ ଏକ ସନ୍ତୁଳିତ ଆଭିମୁଖ୍ୟ ବିଷୟରେ ବିଚାର କରିବୁ। ସିଜେଆଇ ସୂର୍ଯ୍ୟକାନ୍ତ ଏହା ମଧ୍ୟ କହିଛନ୍ତି, ନାଗରିକ ଏବଂ ନାଗରିକ ସମାଜ ବର୍ତ୍ତମାନର ପରିସ୍ଥିତି ବିଷୟରେ ସଚେତନ ରହିଲେ ଏବଂ ସେମାନଙ୍କର ଦାୟିତ୍ୱ ବୁଝିଲେ ଭଲ ହେବ।ଜଷ୍ଟିସ୍ ଜୟମାଲ୍ୟ ବାଗଚୀ ପଚାରିଥିଲେ ଯେ, ଧର୍ମର ବାଣ ସହିତ କ'ଣ ସମ୍ପର୍କ ଅଛି। କୋର୍ଟକୁ ସହାୟତା କରୁଥିବା ଆମିକସ୍ କ୍ୟୁରି ଅପରାଜିତା ସିଂହ କହିଛନ୍ତି, ଏହି ଯୁକ୍ତି ପ୍ରତ୍ୟେକ ଥର କରାଯାଉଛି।

### 'ମୋ ବାପା ସବୁକିଛି ସମ୍ଭାଳି ନେବେ'

## ମା' ଜନ୍ମଦିନରେ ଉପହାର ଦେଇଥିବା କାର ଚଢାଇ ୩ ଛାତ୍ର ମୃତ

**କୋଚି,୧୨।୧୦:** କେରଳର ନେଦୁମ୍ବାସେରୀରେ ତିନିଜଣ ଛାତ୍ରୀଛାତ୍ରଙ୍କ ଜୀବନ ନେଇଥିବା ଏକ ଭୟଙ୍କର ସଡ଼କ ଦୁର୍ଘଟଣା ପରେ ଅହଂକାର ଓ ଅବହେଳାର ଏକ ଚାଞ୍ଚଲ୍ୟକର ଚିତ୍ର ସାମ୍ନାକୁ ଆସିଛି। ସଲିମ ନାମକ ଜଣେ ପ୍ରତ୍ୟକ୍ଷଦର୍ଶୀଙ୍କ ଅନୁଯାୟୀ, ଧକ୍କା ଏତେ ଜୋରଦାର ଥିଲା ଯେ ଘଟଣାସ୍ଥଳରେ ଉପସ୍ଥିତ ଲୋକମାନେ ସ୍ତବ୍ଧ ହୋଇଯାଇଥିଲେ ଏବଂ ତୁରନ୍ତ ଆହତମାନଙ୍କୁ ସାହାଯ୍ୟ କରିବାକୁ ଦୌଡ଼ିଥିଲେ। ଯେତେବେଳେ କ୍ରୋଧିତ ଜନତା ଦ୍ରୁତ ଗତିରେ ଗାଡ଼ି ଚଳାଉଥିବା ଅଭିଯୁକ୍ତଙ୍କୁ ସାମ୍ନା କଲେ, ସେତେବେଳେ ତାଙ୍କ ମଧ୍ୟରେ କୌଣସି ଅନୁତାପ ଦେଖିବାକୁ ମିଳିନଥିଲା; ବରଂ ତାଙ୍କ ଚେହେରାରେ ଏକ ପ୍ରକାର ନିର୍ଲଜ ଅହଂକାର ସ୍ପଷ୍ଟ ବାରି ହୋଇପଡୁଥିଲା। ସ୍ଥାନୀୟ ଲୋକଙ୍କ ସାମ୍ନାରେ ନିଜର ପ୍ରଭାବ ଦେଖାଇ ସେ ସ୍ପଷ୍ଟ ଭାବେ କହିଥିଲେ ଯେ ତାଙ୍କ ବାପା 'ସବୁକିଛି ସମ୍ଭାଳି ନେବେ'। ଏହି ଭୟଙ୍କର ଦୁର୍ଘଟଣା କେବଳ ତିନିଜଣ ଯୁବକ-ଯୁବତୀଙ୍କ ଜୀବନ ନେଇ ସେମାନଙ୍କ ପରିବାରକୁ ମର୍ମାହତ କରିନାହିଁ, ବରଂ ବେପରୁଆ ଧନୀ ଯୁବକମାନଙ୍କର ନିର୍ଦ୍ଦୟ ମନୋଭାବକୁ ମଧ୍ୟ ପଦାରେ ପକାଇଛି। ସଲିମ କହିଛନ୍ତି, 'ଦୁର୍ଘଟଣା ଘଟିବା ସମୟରେ ମୁଁ ପାଖରେ ଛିଡ଼ା ହୋଇଥିଲି। ଏକ ଜୋରଦାର ଶବ୍ଦ ହୋଇଥିଲା ଏବଂ କ'ଣ ଘଟିଛି ଦେଖିବା ପାଇଁ ଆମେ ସମସ୍ତେ ଘଟଣାସ୍ଥଳକୁ ଦୌଡ଼ିଥିଲୁ। ରାସ୍ତା ଉପରେ ତିନିଜଣ ବ୍ୟକ୍ତି ଆହତ ଅବସ୍ଥାରେ ପଡ଼ିଥିଲେ; ସେମାନଙ୍କୁ ଏକ 'ମିନି କୁପର' (ଗସଭସ ଉକ୍କକ୍କତ୍ରକ୍ସ) ଗାଡ଼ି ଧକ୍କା ଦେଇଥିଲା।'

# ହର୍ମୁଜ ଖୋଲିବାକୁ ଇରାନର ଦାବି ମାନିଲା ଆମେରିକା



**ନୂଆଦିଲ୍ଲୀ,୧୨।୧୦:** ହୋର୍ମୁଜ ଖୋଲିବାକୁ ଇରାନର କିଛି ଦାବି ମାନିଲା ଆମେରିକା । ପଶ୍ଚିମ ଏସିଆର ବଢୁଥିବା ଉତ୍ତେଜନା ମଧ୍ୟରେ ବିଶ୍ୱର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ରଣନୈତିକ ଜଳପଥ ହୋର୍ମୁଜ ପ୍ରଣାଳୀକୁ ପୁନର୍ବାର ଖୋଲିବା ପ୍ରସଙ୍ଗରେ ଆମେରିକା ଏବଂ ଇରାନ ମଧ୍ୟରେ କୂଟନୈତିକ ଘମାସାନ ଜାରି ରହିଛି । ଏହି ପରିପ୍ରେକ୍ଷୀରେ ଏକ ବଡ଼ ବିକାଶ ସାମ୍ନାକୁ ଆସିଛି, ଯେଉଁଥିରେ ଇରାନର ସୁପ୍ରିମନ୍ୟାସନାଲ ସିକ୍ୟୁରିଟି କାଉନସିଲର ସଚିବ ମୋହସେନ ରେଜାଇ ଏକ ବଡ଼ ଦାବି କରିଛନ୍ତି । ଇରାନର ଶୀର୍ଷ ସୁରକ୍ଷା ଅଧିକାରୀ ମୋହସେନ ରେଜାଇ ସୋସିଆଲ ମିଡିଆ ପ୍ଲାଟଫର୍ମ 'ଏକ୍ସ' ରେ ଏକ ପୋଷ୍ଟ କରି ଦୁଇ ଦେଶ ମଧ୍ୟରେ ଚାଲିଥିବା କୂଟନୈତିକ ଆଲୋଚନା ସମ୍ପର୍କରେ ସ୍ପଷ୍ଟୋକ୍ତି ରଖିଛନ୍ତି । ତାଙ୍କ କହିବା ଅନୁଯାୟୀ, ଇରାନ ପକ୍ଷରୁ ଜଳପଥରେ ଜାହାଜ ଚଳାଚଳ ସ୍ୱାଭାବିକ କରିବା ଏବଂ କଟକଣା ହଟାଇବା ପାଇଁ ଆମେରିକା ସମ୍ମୁଖରେ ୭ଟି ପ୍ରମୁଖ ସର୍ତ୍ତ ରଖାଯାଇଥିଲା। ମୋହସେନ ରେଜାଇ ଦୃଢ଼ୋକ୍ତି ପ୍ରକାଶ କରି କହିଛନ୍ତି ଯେ ଇରାନର ବର୍ତ୍ତମାନର କୂଟନୈତିକ ରଣନୀତି ଏବଂ ଦୃଷ୍ଟିକୋଣରେ ବଡ଼ଧରଣର ପରିବର୍ତ୍ତନ ଆସିଛି । ଆଉ ପୂର୍ବପରି ପୁରୁଣା ପରିସ୍ଥିତିକୁ ଫେରିବାର କୌଣସି ପ୍ରଶ୍ନ ହିଁ ଉଠୁନାହିଁ । ଇରାନର ସମସ୍ତ ମୁଖ୍ୟ ଦାବି ଏବଂ ସର୍ତ୍ତଗୁଡ଼ିକ ପୂର୍ଣ୍ଣ ନହେବା ଯାଏଁ ଆମେରିକା ସହିତ ହେଉଥିବା ଆଲୋଚନା ଅଧୁରା ରହିବ ବୋଲି ସେ ସ୍ପଷ୍ଟ କରିଛନ୍ତି । ବିଶ୍ୱ ଅର୍ଥନୀତି ଏବଂ ଶକ୍ତି ସୁରକ୍ଷା ଦୃଷ୍ଟିରୁ ହୋର୍ମୁଜ ଜଳପଥକୁ ବିଶ୍ୱର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ 'ଚୋକପଏଣ୍ଟ' କୁହାଯାଏ । ଏହି ସଂକୀର୍ଣ୍ଣ ଜଳପଥଟି ପାର୍ସୀ ଉପସାଗରକୁ ଓମାନ ଉପସାଗର ଏବଂ ଆରବ ସାଗର ସହିତ ସଂଯୋଗ କରିଥାଏ । ବିଶ୍ୱ ବଜାରକୁ ସମୁଦ୍ର ପଥ ଦେଇ ଯୋଗାଯାଉଥିବା ସମୁଦାୟ କ୍ରୁଡ୍ ଅଏଲର ପ୍ରାୟ ୨୦ ପ୍ରତିଶତ କେବଳ ଏହି ଜଳପଥ ଦେଇ ଅତିକ୍ରମ କରିଥାଏ ।

# ଇମ୍ରାନଙ୍କ ମୁକ୍ତି ଦାବି ତେଜିଲା

- ଆନ୍ଦୋଳନକାରୀ ରାଜଧାନୀ ମୁହାଁ
- ପାକିସ୍ତାନରେ ଜରୁରୀକାଳୀନ ସ୍ଥିତି ଘୋଷଣା



**ଇସଲାମାବାଦ, ୧୨।୧୦:** ପୂର୍ବତନ ପ୍ରଧାନମନ୍ତ୍ରୀ ଇମ୍ରାନ ଖାନଙ୍କୁ ମୁକ୍ତ କରିବା ଦାବିରେ ଦେଶରେ ଆନ୍ଦୋଳନ ତିବ୍ର ହେବାରେ ଲାଗିଛି । ଆନ୍ଦୋଳନକାରୀ ରାଜଧାନୀ ମୁହାଁ ହୋଇଛନ୍ତି। ଫଳରେ ପାକିସ୍ତାନରେ ରାଜନୈତିକ ଅସ୍ଥିରତା ଦେଖାଦେଇଛି । ଏଭଳିସ୍ଥିତିରେ ଅକ୍ଟୋବର ୧୧ତାରିଖରେ ରାଷ୍ଟ୍ରପତି ଆସିଫ ଅଲ୍ଲୀ ଜର୍ଦ୍ଦାରୀ ଆଫଗାନିସ୍ତାନ ସୀମାକୁ ଲାଗିଥିବା ଖାଇବର ପଖତୁନଖ୍ୱାନ ପ୍ରଦେଶରେ ଜରୁରୀକାଳୀନ ସ୍ଥିତି ଏବଂ ରାଜ୍ୟପାଳ ଶାସନ ଲାଗୁ କରିଛନ୍ତି। ପାକିସ୍ତାନ ସମ୍ବିଧାନର ଧାରା ୨୩୨ ଏବଂ ୨୩୪ ଅନୁଯାୟୀ ଏକ ଜରୁରୀକାଳୀନ ସରକାରୀ ବୈଠକ ପରେ ଏହି ନିଷ୍ପତ୍ତି ନିଆଯାଇଥିଲା। ଏହାଦ୍ୱାରା ଜେଲରେ ବନ୍ଦୀ ଥିବା ଇମ୍ରାନଙ୍କ ଦଳ ଚଞ୍ଚଓ ହାତରୁ ଖସିଛି ଶେଷ ପ୍ରାଦେଶିକ ସରକାର। ଚଞ୍ଚଓ ଏହି ପଦକ୍ଷେପକୁ ଗଣତନ୍ତ୍ର ବିରୋଧୀ ବୋଲି କହିଛି। ଏହା କ'ଣ ଆତଙ୍କବାଦ ବିରୋଧୀ ପଦକ୍ଷେପ, ନା ଇମ୍ରାନ୍ ?ଙ୍କ ରାଜନୈତିକ ଶକ୍ତିକୁ ଦୁର୍ବଳ କରିବାର ରଣନୀତି ବୋଲି ଇମ୍ରାନଙ୍କ ସମର୍ଥକ ପ୍ରଶ୍ନ କରିଛନ୍ତି। ଏନେଇ ପାକିସ୍ତାନରେ ଆଗକୁ ଆନ୍ଦୋଳନ ଆହୁରି ତୀବ୍ର ହେବ ବୋଲି ଜଣାପଡିଛି। ଜରୁରୀକାଳୀନ ସ୍ଥିତି ଲାଗୁ ହେଲେ ନାଗରିକମାନଙ୍କ କିଛି ନିର୍ଦ୍ଦିଷ୍ଟ ଅଧିକାର ଏବଂ ସ୍ୱାଧୀନତା ଉପରେ ଅସ୍ଥାୟୀ ଭାବେ କଟକଣା ଲଗାଇବାର ସମ୍ଭାବନା ମଧ୍ୟ ରହିଥାଏ।

## କ୍ୟାନ୍ସର ଔଷଧ ୭୦% ପର୍ଯ୍ୟନ୍ତ ହେବ ଶସ୍ତା

**ନୂଆଦିଲ୍ଲୀ,୧୨।୧୦:** ଶସ୍ତା ହେବ କ୍ୟାନ୍ସର ଔଷଧ। କର୍କଟ ରୋଗ ଭଳି ଗମ୍ଭୀର, ମାରାତ୍ମକ ଏବଂ ଜୀବନଘାତକ ରୋଗ ସହିତ ଲଢୁଥିବା ରୋଗୀ ଏବଂ ସେମାନଙ୍କ ପରିବାର ପାଇଁ ଆଶ୍ୱସ୍ତି ଖବର ସାମ୍ନାକୁ ଆସିଛି। କେନ୍ଦ୍ର ସରକାର ସୁପ୍ରିମକୋର୍ଟକୁ ସୂଚନା ଦେଇଛନ୍ତି ଯେ କର୍କଟ ଔଷଧ ଉପରେ ଅତ୍ୟଧିକ ଲାଭ ନିୟନ୍ତ୍ରଣ କରିବା ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେଇଛନ୍ତି। ସରକାରଙ୍କ ଉଦ୍ଦେଶ୍ୟ ହେଉଛି କମ୍ପାନୀ ଏବଂ ବିକ୍ରେତାମାନଙ୍କର ଅତ୍ୟଧିକ ଲାଭକୁ ରୋକିବା, ରୋଗୀମାନଙ୍କୁ ସୁଲଭ ମୂଲ୍ୟରେ ଔଷଧ ପାଇବାକୁ ସୁନିଶ୍ଚିତ କରିବା ଏବଂ ବ୍ୟବସାୟଗୁଡ଼ିକୁ ସୁଲଭ ଲାଭ ବଜାୟ ରଖିବା ନିଶ୍ଚିତ କରିବା। ସୁପ୍ରିମକୋର୍ଟରେ କେନ୍ଦ୍ର ସରକାରଙ୍କ ପ୍ରତିନିଧିତ୍ୱ କରି ସଲିସିଟର ଜେନେରାଲ ତୁଷାର ମେହଟ୍ଟା କହିଛନ୍ତି ଯେ ସରକାର ଖୁବ୍ ଶୀଘ୍ର ୩୦% ବାଣିଜ୍ୟ ମାର୍ଜିନ୍ ସୀମା ସହିତ କର୍କଟ ଔଷଧର ଏକ ସରକାରୀ ତାଲିକା ପ୍ରକାଶ କରିବେ। ସରକାରୀ ସୂତ୍ର ଅନୁଯାୟୀ, ବାଣିଜ୍ୟ ମାର୍ଜିନ୍ ଉପରେ ୩୦% ସୀମା ଔଷଧର ଖୁଚୁରା ମୂଲ୍ୟ (ଏମଆରପି) ୭୦% ପର୍ଯ୍ୟନ୍ତ ହ୍ରାସ କରିବ ବୋଲି ଆଶା କରାଯାଉଛି। ଏହା ଚିକିତ୍ସା ପାଇଁ ରୋଗୀଙ୍କ ପକେଟରୁ ଖର୍ଚ୍ଚକୁ ଯଥେଷ୍ଟ ହ୍ରାସ କରିବ।

# କାନ ଧରି ଅକ୍ଷର ପଟେଲଙ୍କୁ କ୍ଷମା ମାଗିଲେ ଅର୍ଶଦୀପ

ଇନ୍ଦୋର, ୧୨।୧୦: କ୍ଷମା ମାଗିଛନ୍ତି ଭାରତୀୟ କ୍ରିକେଟ ଟିମର ଯୁବ ଦ୍ରୁତ ବୋଲର ଅର୍ଶଦୀପ ସିଂହ। ସେ ଦଳ ବରିଷ୍ଠ ଖେଳାଳି ତଥା ଅଲରାଉଣ୍ଡର ଅକ୍ଷର ପଟେଲଙ୍କୁ କାନ ଧରି କ୍ଷମା ମାଗିଛନ୍ତି।



ୱେଷ୍ଟଇଣ୍ଡିଜ ବିପକ୍ଷ ତୃତୀୟ ଟି-୨୦ରେ ଭାରତର ଦମଦାର ବିଜୟ ପରେ ଅର୍ଶଦୀପ ମ୍ୟାଚ୍‌ରେ କରିଥିବା ନିଜର ଭୁଲ ସ୍ୱୀକାର କରିଛନ୍ତି। ବାସ୍ତବରେ ଅର୍ଶଦୀପ ସିଂହ ଭାରତର ବ୍ୟାଟିଂ ବେଳେ ଅକ୍ଷର ପଟେଲଙ୍କୁ ରନ ଆଉଟ କରି ଦେଇଥିବା କଥା କହି ତାଙ୍କୁ କ୍ୟାମେରା ସାମ୍ନାରେ କ୍ଷମା ପ୍ରାର୍ଥନା କରିଛନ୍ତି।

ରବିବାର ଇନ୍‌ଦୋରରେ ଖେଳା ଯାଉଥିବା ତୃତୀୟ ଟି-୨୦ରେ ଟସ୍ ହାରି ପ୍ରଥମେ ବ୍ୟାଟିଂ କରୁଥିଲା ଭାରତ। ୧୯ତମ ଓଭରର ପ୍ରଥମ ବଲରେ ଅକ୍ଷର କଭର-ପଏଣ୍ଟ ଅଞ୍ଚଳକୁ ଶଟ ମାରିଥିଲେ। ସିଙ୍ଗଲ ହେବାର ନଥିଲେ ମଧ୍ୟ ଅର୍ଶଦୀପ ଆଗୁଆ ଗିଡୁଥିଲେ।

ଅର୍ଶଦୀପ ଅଧା କ୍ରିଜକୁ ଆସି ସାରିଥିବାରୁ ଅକ୍ଷର ବାଧ୍ୟ ହୋଇ ନନଷ୍ଟ୍ରାଇକ୍‌ରୁ ଯାଇଥିଲେ। ହେଲେ ଭାରତ ନ ଆଉଟ ରୂପରେ ଅକ୍ଷର ପଟେଲଙ୍କୁ ହରାଇଥିଲା। ଅକ୍ଷର ଅଲରାଉଣ୍ଡର ହୋଇଥିବାରୁ ଅର୍ଶଦୀପ ତାଙ୍କୁ ଷ୍ଟ୍ରାଇକ ପାଇଁ ଛାଡିବା କଥା ଓ ପ୍ରଥମ ବଲରେ ସିଙ୍ଗଲ ପାଇଁ ବିକଳ ହେବାର ନଥିଲା ବୋଲି ଭାଷ୍ୟକାରମାନେ ମଧ୍ୟ ସେହି ସମୟରେ କହିଥିଲେ।

ଏହାପରେ ଭାରତ ବୋଲିଂ କରିବା ସହ ଅର୍ଶଦୀପ ସିଂହ ୩ ୱିକେଟ ସଫଳତା ପାଇଥିଲେ। ଭାରତ ମଧ୍ୟ ମ୍ୟାଚ୍ ଜିତି ନେଇ ସିରିଜରେ ୨-୧ରେ ଆଗୁଆ ହୋଇଯାଇଛି। କିନ୍ତୁ ଭାରତ ଜିତିବା ପରେ କ୍ୟାମେରା ସାମ୍ନାରେ ଅର୍ଶଦୀପ କାନ ଧରି ଅକ୍ଷର ପଟେଲଙ୍କୁ ରନ ଆଉଟ କରାଇଥିବାରୁ କ୍ଷମା ମାଗିଛନ୍ତି। ସେ କହିଛନ୍ତି, "ମୁଁ ଅକ୍ଷର ଭାଇଙ୍କୁ କ୍ଷମା ମାଗିବାକୁ ଚାହୁଁଛି। ସରି, ଅକ୍ଷର ଭାଇ। ମୁଁ ତୁମକୁ ରନ ଆଉଟ କରି ଦେଇଥିଲି।"

ଏହାପରେ ସେ ମ୍ୟାଚ୍‌ରେ ନିଜର ବୋଲିଂ ପ୍ରଦର୍ଶନକୁ ନେଇ ବେଶ ଖୁସି ଥିବା କହିଛନ୍ତି। ନିଜର ପ୍ରଥମ ଓଭରରେ ହିଁ ସେ ୱେଷ୍ଟଇଣ୍ଡିଜର ଇନଫର୍ମ କ୍ୟାପ୍‌ଟେନ ସାଇ ହୋପଙ୍କୁ ବୋଲ୍ଡ କରିଥିଲେ। ହୋପଙ୍କ ଭଳି ଦକ୍ଷ ବ୍ୟାଟରଙ୍କୁ ଆଉଟ କରିବା ପାଇଁ ଅତ୍ୟନ୍ତ ପ୍ରସ୍ତୁତି ଓ କୋଚିଂ ଷ୍ଟାଫଙ୍କ ପରାମର୍ଶ ଜରୁରୀ ଥିଲା ବୋଲି ଅର୍ଶଦୀପ କହିଛନ୍ତି। ହୋପ ଆଉଟ ହୋଇଥିଲେ ହେଁ ୱେଷ୍ଟଇଣ୍ଡିଜ ଶେଷ ଯାଏ ମ୍ୟାଚ୍‌କୁ ଜିତିବାକୁ ଚେଷ୍ଟା କରିଥିଲା। ବିସ୍ଫୋରକ ଶେରଫ ରଦରଫୋର୍ଡ ମଧ୍ୟ କ୍ରିଜରେ ରହିଥିଲେ। କିନ୍ତୁ ଅର୍ଶଦୀପ ତାଙ୍କୁ ପ୍ରଥମେ ଆଉଟ କରିଥିଲେ। ଏହାପରେ କେମୋ ପଲ ମଧ୍ୟ ଅର୍ଶଦୀପଙ୍କ ଶିକାର ବନିଥିଲେ। ଶେଷରେ ଭାରତ ୧୪ ରନରେ ମ୍ୟାଚ୍‌କୁ ଜିତି ନେଇଥିଲା। ଭାରତ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୨୦ ଓଭରରେ ସମସ୍ତ ୱିକେଟ ହରାଇ ୨୨୩ ରନ କରିଥିଲା। ଦଳ ପାଇଁ ଅଭିଷେକ ଶର୍ମା ୬୯ ରନ କରିଥିଲେ। ଏହାର ଜବାବରେ ଅର୍ଶଦୀପଙ୍କ ଘାତକ ବୋଲିଂ ଯୋଗୁ ୱେଷ୍ଟଇଣ୍ଡିଜ ୭ ୱିକେଟ ହରାଇ କେବଳ ୨୦୯ ରନ କରିପାରିଥିଲା।ବ୍ୟାଟିଂରେ ୮ ବଲରେ ୧୧ ରନ ଓ ବୋଲିଂରେ ୩ଟି ୱିକେଟ ନେଇଥିବାରୁ ଅର୍ଶଦୀପ ସିଂହଙ୍କୁ ମ୍ୟାଚର ଶ୍ରେଷ୍ଠ ଖେଳାଳି ପୁରସ୍କାର ମିଳିଛି।

## ଭାରତ-ଶ୍ରୀଲଙ୍କା ମ୍ୟାଚ୍ ସ୍ଥାନାନ୍ତରକୁ ନେଇ ସ୍ପଷ୍ଟ କଲା ବିସିସିଆଇ

ନୂଆଦିଲ୍ଲୀ, ୧୨।୧୦: ଆସନ୍ତା ଶ୍ରୀଲଙ୍କା ବିପକ୍ଷ ୩ ମ୍ୟାଚ ବିଶିଷ୍ଟ ସିରିଜର ଓପନିଂ ମ୍ୟାଚ୍ ଦିଲ୍ଲୀରୁ ଅହମଦାବାଦ ସ୍ଥାନାନ୍ତର ହେବ ବୋଲି ଗଣମାଧ୍ୟମରେ ଚର୍ଚ୍ଚା ହେଉଥିଲା। ଏହା ସଠିକ୍ ନୁହେଁ ବୋଲି ଭାରତୀୟ



କ୍ରିକେଟ କଣ୍ଟ୍ରୋଲ୍ ବୋର୍ଡ (ବିସିସିଆଇ) ସମ୍ପାଦକ ଦେବଜିତ ସାଇକିଆ ପ୍ରକାଶ କରିଛନ୍ତି। ସାଇକିଆ କହିଛନ୍ତି, ଏକ ମାନକ ନୀତି ଅନୁସାରେ ଡିସେମ୍ବର ୧୩ରେ ଏହି ମ୍ୟାଚ୍‌ର ଆୟୋଜନ ଅଧିକାର ଦିଲ୍ଲୀକୁ ଦିଆଯାଇଛି। ଭେନ୍ୟୁରେ ପରିବର୍ତ୍ତନ କରାଯିବାର କୌଣସି ସମ୍ଭାବନା ନାହିଁ। ରିପୋର୍ଟ ଅନୁସାରେ ସ୍ଥାନୀୟ ଅରୁଣ ଜେଟ୍‌ଲି ଷ୍ଟାଡିୟମରେ ନିର୍ମାଣ କାର୍ଯ୍ୟ ଚାଲିଥିବାରୁ ମ୍ୟାଚ୍‌କୁ ଦିଲ୍ଲୀରୁ ଅହମଦାବାଦ ସ୍ଥାନାନ୍ତର କରାଯାଇଛି; ଯେଉଁଠାରେ କି ଫାଇନାଲ ମ୍ୟାଚ ଖେଳାଯିବାର କାର୍ଯ୍ୟକ୍ରମ ରହିଛି। ଅନ୍ତର୍ଜାତୀୟ ଦିନିକିଆ ସିରିଜ ବ୍ୟତୀତ ଶ୍ରୀଲଙ୍କା ୩ ମ୍ୟାଚ ବିଶିଷ୍ଟ ଅନ୍ତର୍ଜାତୀୟ ଟି୨୦ ସିରିଜ ଖେଳିବା କାର୍ଯ୍ୟକ୍ରମ ରହିଛି।

## ରଣଜୀ ଟ୍ରଫିରେ ଓଡ଼ିଶାର ନୈରାଶ୍ୟଜନକ ବ୍ୟାଟିଂ

### ୫୨ ରନ୍‌ରେ ୭ ୱିକେଟ ହରାଇ ୩୨୪ ରେ ଅଲ୍‌ଆଉଟ୍, ଗୁଜରାଟ ୨୦୫/୨

ଭୁବନେଶ୍ୱର: ରଣଜୀ ଟ୍ରଫିର ନୂଆ ଋତୁ (୨୦୨୬-୨୭)ର ପ୍ରଥମ ଦିନ ଓଡିଶା ପ୍ରଶଂସନୀୟ ଆରମ୍ଭ କରିଥିଲେ ଦ୍ୱିତୀୟ ଦିନରେ ବ୍ୟାଟିଂ ସମ୍ପୂର୍ଣ୍ଣ ଫ୍ଲପ୍ ମାରିଛି। ଗୁଜରାଟ ବିପକ୍ଷ ମୁକାବିଲାରେ ପ୍ରଥମ ଦିନ ୩ ୱିକେଟ୍ ବିନିମୟରେ ୨୭୨ ରନ୍ କରିଥିବାବେଳେ ଆଜି ୫୨ ରନ୍‌ରେ ପରବର୍ତ୍ତୀ ୭ ୱିକେଟ ହରାଇ ୩୨୪ ରନ୍‌ରେ ଅଲଆଉଟ୍ ହୋଇଯାଇଛି। ଘରୋଇ ଗୁଜରାଟ ୨୦୫ ରନ୍ କରି ୨ ୱିକେଟ ହରାଇଛି। ଆଜି ଓଡ଼ିଶା ପକ୍ଷରୁ ଗୌରବ ୧୩୭ ରନ୍ କରି ଆଉଟ୍ ହୋଇଥିବାବେଳେ ଆଶୀର୍ବାଦ ସ୍ୱାଇଁ ୨, ନିନଦା ରାଠ୍ୱା ୯, ସମ୍ବିତ ବେଜା ୧୫ ରନ୍ ପ୍ରମୁଖ ବିଫଳ ହୋଇଥିଲେ। ଲଳିତ ଯାଦବ ୦, ରାଜେଶ ମହାନ୍ତି ୮ ରନ୍ କରିଥିଲେ। ଆର୍ଜନ ସର୍ବାଧିକ ୩ ୱିକେଟ ନେଇଥିଲେ। ପ୍ରଥମ ଇନିଂସ ଆରମ୍ଭ କରି ଗୁଜରାଟ ପ୍ରଥମରୁ ୱିକେଟ ଅଭିଷେକ ଦେଶାଇ (୦)ଙ୍କ ଜରିଆରେ ହରାଇଥିଲା। ପରେ ଆର୍ଯ୍ୟ ଦେଶାଇ (୯୪) ଓ ବିଦ୍ୟୁତ୍ ତ୍ରିବେଦୀ ଅପରାଜିତ (୯୪) ରନ୍ କରି ଓଡ଼ିଶା ବୋଲରଙ୍କୁ ନିରାଶ କରିଥିଲେ। ସଂକ୍ଷିପ୍ତ ସ୍କୋର: ଓଡିଶା ପ୍ରଥମ ପାଳି: ୧୧୩ ଓଭର ୩୨୪ (ଗୌରବ ଚୌଧୁରୀ-୧୩୭ ସନ୍ଦୀପ ପଟ୍ଟନାୟକ-୬୯, ଏମ୍ ଟି ମୁଣ୍ଡେ-୩୭, ଶୁଭ୍ରାଂଶୁ ସେନାପତି-୨୯, ଚିନ୍ତନ ଗାଜା-୨/୪୬, ଅର୍ଜନ ନାଗୱାସୱାଲିଆ-୩/୫୭, ହର୍ଷଲ ପଟେଲ୍-୨/୭୭, ସିର୍ଦ୍ଧାର୍ଥ ୨/୫୪)।

# ଯଦୁପୁର ବ୍ଲାଷ୍ଟରସ୍ ଓ ମିଳନ ୟୁଥ୍ କ୍ଲବ୍ ମୁକୁନ୍ଦ ପ୍ରସାଦ ବିଜୟୀ

ଖୋର୍ଦ୍ଧା, ୧୨।୧୦: ଖୋର୍ଦ୍ଧା ଉପକଣ୍ଠ ଅନ୍ତର୍ଗତ ଗୁରୁଜଙ୍ଗ ଖେଳ ପଡ଼ିଆ ରେ ଗୁରୁଜଙ୍ଗ କ୍ରିକେଟ ଆସୋସିଏସନ ଆନୁକୁଲ୍ୟରେ ଚାଲିଥିବା ଗୁରୁଜଙ୍ଗ ପ୍ରିମିଅର୍ ଲିଗ୍ ର ଆଜିର ପଞ୍ଚମ ଦିବସ ର ପ୍ରଥମ ମ୍ୟାଚ୍ ରେ ଯଦୁପୁର ବ୍ଲାଷ୍ଟରସ୍ ବି ଏସ ଏ ଭାଲିଆବାଡି କୁ ଭେଟିଥିଲା ।ଟସ୍ ରେ ବିଜୟ ଲାଭ କରି ଭାଲିଆବାଡି ପ୍ରଥମେ ବ୍ୟାଟିଂ କରି ୧୬ ଓଭର ରେ ୧୪୪ ରନ୍ କରିଥିଲା ।ଦଳ ପକ୍ଷରୁ ସାଗର ବେହେରା ସର୍ବାଧିକ ୬୩ ରନ୍ କରିଥିଲେ ।ଯଦୁପୁର ପକ୍ଷରୁ ବିକ୍ରମ ଦାସ ୨ ଟି ୱିକେଟ ହାସଲ କରିଥିଲେ ।ଜବାବ୍ ରେ ଯଦୁପୁର ଦଳ ୧୫ ଓଭରରେ ୬ ଟି୍ୱକେଟ ହରାଇ ଆବଶ୍ୟକ ୧୪୫ ରନ୍ ସଂଗ୍ରହ କରି ୪ୱିକେଟ ରେ ବିଜୟୀ ହୋଇଥିଲା । ଅଲ ରାଉଣ୍ଡ ପ୍ରଦର୍ଶନ କରିଥିବା ବିକ୍ରମ କୁମାର ଦାସ ଙ୍କୁ ଅତିଥି ସ୍ପ ?ର୍ଟସ ଏକ୍ସପ୍ରେସ ର ପ୍ରୋପୋଇଟର ନିସାଦ ଅଲି ପୁରସ୍କୃତ କରିଥିଲେ। ଦ୍ୱିତୀୟ ମ୍ୟାଚ୍ ରେ ଏଲେଭେନ ଷ୍ଟାର୍ ଯାଆଁଳା କୁ ମିଳନ ୟୁଥ୍ କ୍ଲବ ମୁକୁନ୍ଦପ୍ରସାଦ ଭେଟିଥିଲା ।ଟସ୍ ରେ ବିଜୟ ଲାଭ କରି ମୁକୁନ୍ଦ ପ୍ରସାଦ ଦଳ ପ୍ରଥମେ ବୋଲିଙ୍ଗ କରିବାର ନିଷ୍ପତି ନେଇଥିଲା। ଯାଆଁଳା ଦଳ ୧୮ ଓଭର ରେ ୮ ଟି ୱିକେଟ ହରାଇ ୧୧୧ ରନ୍




ସଂଗ୍ରହ କରିଥିଲା ।ଦଳ ପକ୍ଷରୁ ବିଭୁ ଭୂଷଣ ସର୍ବାଧିକ ୪୮ ରନ୍ ସଂଗ୍ରହ କରିଥିଲେ ।ମୁକୁନ୍ଦ ପ୍ରସାଦ ପକ୍ଷରୁ ନିଖିଲ ନାୟକ ୩ ଟି ୱିକେଟ ହାସଲ କରିଥିଲେ ।ଜବାବରେ ମୁକୁନ୍ଦପ୍ରସାଦ ନିଖିଲ୍ ନାୟକ ଙ୍କ ବିସ୍ପ ?ରକ ୩୨ ରନ ସହାୟତା ରେ ୬ ୱିକେଟ ହରାଇ ବିଜୟ ଲକ୍ଷ୍ୟ ହାସଲ କରି ନେଇଥିଲା। ଏହି ମ୍ୟାଚ କୁ ମୁକୁନ୍ଦ ପ୍ରସାଦ ଦଳ ୪ ୱିକେଟ ରେ ଜିତି ନେଇଥିଲେ। ଅଲରାଉଣ୍ଡ ପ୍ରଦର୍ଶନ ପାଇଁ ମୁକୁନ୍ଦପ୍ରସାଦ ଦଳର ନିଖିଲ ନାୟକ ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇ ଅତିଥି ବ୍ରିଜେଶ ପ୍ରଧାନଙ୍କ ଦ୍ୱାରା ପୁରସ୍କୃତ ହୋଇଥିଲେ ।

ଆଜିର ମ୍ୟାଚ୍ କୁ ଜୟନ୍ତ ମାର୍ଥା,ସୋଭାକର ପାତ୍ର,ସାନୁଜ ବିଶ୍ୱାଳ ଓ ପ୍ରକାଶ କୁମାର ସାହୁ ପରିଚାଳନା କରିଥିଲେ। ସେହିପରି ଭାଷ୍ୟକାର ଭାବରେ ଏସ.କେ କାସିମ୍ ଓ କ୍ୟାମେରାମ୍ୟାନ ଭାବରେ ସୁରେନ୍ଦ୍ର କାର୍ଯ୍ୟ ତୁଲାଇଥିଲେ। ୧୩/୧୦/୨୬ ମଙ୍ଗଳବାର ପ୍ରଥମ ମ୍ୟାଚ ଗୁରୁଜଙ୍ଗ ଡେୟାର ବୁଲ୍ସ ବନାମ ଇଲେଭେନ ଷ୍ଟାର୍ ଯାଆଁଳା ଓ ଦ୍ୱିତୀୟ ମ୍ୟାଚ ଯଦୁପୁର ବ୍ଲାଷ୍ଟରସ୍ ବନାମ ଇଗଲ ସ୍ପ ?ର୍ଟି ମେଣ୍ଢାଶାଳ ମଧ୍ୟରେ ଅନୁଷ୍ଠିତ ହେବ ବୋଲି ଅବ୍ୟକ୍ତ ହରିହର ଖାଡ଼ଙ୍ଗା ଜଣାଇଛନ୍ତି।

## ଜାତୀୟସ୍ତରରେ ସୋର ଟାଏକୋଣ୍ଡୋ ଏକାଡେମୀର ସଫଳତା

ସୋର, ୧୨।୧୦: ଚଳିତ ମାସ ଟାଏକୋଣ୍ଡୋ ଫେଡେରେସନ ଅଫ ଇଣ୍ଡିଆ ଓ ମଧ୍ୟପ୍ରଦେଶ ଟାଏକୋଣ୍ଡୋ ସଂଘ ମିଳିତ ଆନୁକୁଲ୍ୟରେ ମଧ୍ୟପ୍ରଦେଶର ଇଣ୍ଡୋର ଠାରେ ଜାତୀୟ ସବ ଜୁନିଅର ଓ ଜୁନିଅର କିରୋଗୀ ଓ ପୁମସେ ଟାଏକୋଣ୍ଡୋ ପ୍ରତିଯୋଗିତା ଆୟୋଜିତ ହୋଇଥିଲା ।ଏଥିରେ ୧୦୫୦ ରୁ ଉର୍ଦ୍ଧ ବାଳକ ଓ ବାଳିକା ଏହି ପ୍ରତିଯୋଗିତାରେ ଅଂଶ ଗ୍ରହଣ କରିଥିବା ବେଳେ ଓଡ଼ିଶା ଦଳରୁ ୫୧ଜଣ ବାଳକ ବାଳିକା ଏହି ପ୍ରତିଯୋଗିତାରେ ଅଂଶ ଗ୍ରହଣ କରିଥିଲେ। ଏହି ପ୍ରତିଯୋଗିତାରେ ଓଡିଶା ଟିମ ଉଭୟ ଇଭେଣ୍ଟରେ ୧୩ ଟି ସ୍ୱର୍ଣ୍ଣ ପଦକ, ୧୫ ଟି ରୌପ୍ୟ ପଦକ ଓ ୨୧ ଟି ବ୍ରୋଞ୍ଜ ପଦକ ଜିତିଥିଲେ। ଏହି ପ୍ରତିଯୋଗିତାରେ ଓଡିଶା ଟିମ ପୁମସେ ବିଭାଗରେ ଉପବିଜେତା ଟ୍ରଫି ହାସିଲ କରିଥିଲା ।ସୋର ଟାଏକୋଣ୍ଡୋ ଏକାଡେମୀର ଶ୍ରବଣ ମହାରଣା ପୁମସେ ବ୍ୟକ୍ତିଗତ ବିଭାଗରେ ସ୍ୱର୍ଣ୍ଣ ପଦକ ଜିତି ସୋର ତଥା ବାଲେଶ୍ୱର ଜିଲ୍ଲାକୁ ଗୌରାବାନ୍ୱିତ କରିଛନ୍ତି। ତାଙ୍କର ଏହି ସଫଳତା ପାଇଁ ବାଲେଶ୍ୱର ଜିଲ୍ଲା କୋଚ୍ ଅତାଉଲ୍ଲା ଖାନ୍ , ଓଡ଼ିଶା ଟାଏକୋଣ୍ଡୋ ଆସୋସିଏସନର ସମ୍ପାଦକ ମନମୋହନ ଭଞ୍ଜ, ବାଲେଶ୍ୱର ଜିଲ୍ଲା ସଭାପତି ଅବଦୁଲ ଓଦୁତ ଖାନ୍,ସୋର ବିଧାୟକ ମାଧବ ଧଡ଼ା ଖେଳାଳି ଓ କୋଚଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।



# ଭାରତୀୟ ବାଳିକା ଦଳର ମହିଳା ଏସୀୟ କପ୍ ଯୋଗ୍ୟତା

ସେଲାୟାଙ୍ଗ, ୧୨।୧୦: ଏଏଫସି ୧୭ ବର୍ଷରୁ କମ୍ ମହିଳା ଏସୀୟ କପ୍ ୨୦୨୭ ପାଇଁ ଯୋଗ୍ୟତା ହାସଲ କରିଛି ଭାରତ। ରବିବାର ମାଲେସିଆର ସେଲାୟାଙ୍ଗସ୍ଥିତ ଏମ୍‌ପି ସେଲାୟାଙ୍ଗ ଷ୍ଟାଡିୟମ୍‌ରେ ଅନୁଷ୍ଠିତ ନିଜର ଶେଷ ଯୋଗ୍ୟତା ପର୍ଯ୍ୟାୟ ଗ୍ରୁପ୍ 'ଇ' ମ୍ୟାଚ୍‌ରେ ଭାରତ ୪-୦ ଗୋଲ୍‌ରେ ଆୟୋଜକ ମାଲେସିଆକୁ ପରାସ୍ତ କରିଛି।

ଭାରତ ପକ୍ଷରୁ ରେଦିମା ଦେବୀ ୩୦ତମ ମିନିଟ୍‌ରେ ପେନାଲ୍ଟି ବକ୍ସ ବାହାରୁ ଏକ ଚମତ୍କାର ସଟ୍ ମାଧ୍ୟମରେ ପ୍ରଥମ ଗୋଲ୍ ଦେଇଥିଲେ। ଏହି ଗୋଲ୍ ବଳରେ ଭାରତ ପ୍ରଥମାର୍ଦ୍ଧ ଶେଷ ସୁଦ୍ଧା ୧-୦ରେ ଆଗୁଆ ରହିଥିଲା। ଦ୍ୱିତୀୟାର୍ଦ୍ଧର ୫୧ତମ ମିନିଟ୍‌ରେ ପ୍ରୀତିକା ବର୍ମନ ନିକଟରୁ ଗୋଲ୍ ଦେଇ ଭାରତର ଅଗ୍ରଣୀକୁ ୨-୦ କରିଥିଲେ। ଏହାର ମାତ୍ର ୬ ମିନିଟ୍ ପରେ ଅନୁଷ୍କା କୁମାରୀ ଆଉ ଏକ ଗୋଲ୍ ଦେଇଥିଲେ। ମ୍ୟାଚ୍‌ର ୮୭ତମ ମିନିଟ୍‌ରେ ନିଧି ପବନ କୁମାର ପ୍ରତିପକ୍ଷ ଗୋଲ୍‌ରକ୍ଷକଙ୍କୁ ଚକ୍‌ମା



ଦେଇ ଖାଲି ଗୋଲ୍‌ପୋଷ୍ଟରେ ବଲ୍ ପକାଇ ଭାରତର ବିଜୟକୁ ୪-୦ରେ ପହଞ୍ଚାଇଥିଲେ।

ଏହି ବିଜୟ ସହ ଭାରତ କ୍ରମାଗତ ଦ୍ୱିତୀୟ ଥର ପାଇଁ ୧୭ ବର୍ଷରୁ କମ୍ ମହିଳା ଏସୀୟ କପ୍‌ରେ ସ୍ଥାନ ସୁନିଶ୍ଚିତ କରିଛି। ଚଳିତ ବର୍ଷ ଆୟୋଜିତ ପୂର୍ବ ସଂସ୍କରଣରେ ଭାରତ କ୍ୱାର୍ଟରଫାଇନାଲ୍‌ରେ ପହଞ୍ଚିଥିଲା। ଏଥରର ଯୋଗ୍ୟତା ପର୍ଯ୍ୟାୟ ପ୍ରତିଯୋଗିତାରେ ଭାରତୀୟ ଦଳର ପ୍ରଦର୍ଶନ ଉଲ୍ଲେଖନୀୟ ରହିଥିଲା। ଦଳ ମୋଟ ୩ ମ୍ୟାଚ୍ ଖେଳିଥିବାବେଳେ ସବୁ ମ୍ୟାଚ୍‌ରେ ବିଜୟ ସହ ମୋଟ ୯ ପଏଣ୍ଟ ହାସଲ କରିଛି।

ଏହି ତିନି ମ୍ୟାଚ୍‌ରେ ଭାରତ ପକ୍ଷରୁ ମୋଟ ୨୦ ଗୋଲ୍ ଦିଆଯାଇଥିଲା। ଇରାକ୍ ବିପକ୍ଷ ମ୍ୟାଚ୍‌ରେ ଭାରତ ୧୪-୦ରେ ଓ ସିରିୟା ବିପକ୍ଷରେ ୨-୦ରେ ବିଜୟ ହାସଲ କରିଥିଲା। ୨୦୨୭ ଏସୀୟ କପ୍ ମାର୍ଚ୍ଚ ୩୧ରୁ ଏପ୍ରିଲ୍ ୧୭ ପର୍ଯ୍ୟନ୍ତ ଚୀନ୍‌ରେ ଅନୁଷ୍ଠିତ ହେବ।

## ଘୁଞ୍ଚିଲା ଏସିଆନ ଗେମ୍ସ ରିଭ୍ୟୁ ବୈଠକ

ନୂଆଦିଲ୍ଲୀ, ୧୨।୧୦: ନିକଟରେ ଶେଷ ହୋଇଥିବା ଏସିଆନ ଗେମ୍ସରେ ଦେଶର ପ୍ରଦର୍ଶନକୁ ରିଭ୍ୟୁ କରିବା ପାଇଁ ଜାତୀୟ କ୍ରୀଡ଼ା ଫେଡେରେଶନମାନଙ୍କ ସହ କ୍ରୀଡ଼ା ମନ୍ତ୍ରଣାଳୟର ଦିନିକିଆ ବୈଠକକୁ ଆସନ୍ତା ୧୫ ତାରିଖକୁ ଘୁଞ୍ଚାଇ ଦିଆଯାଇଛି। ବୈଠକ ୧୩ ତାରିଖରେ ହେବାର ଥିଲା। କିନ୍ତୁ ବୈଠକରେ ଅଧ୍ୟକ୍ଷତା କରିବାକୁ ଥିବା କ୍ରୀଡ଼ାମନ୍ତ୍ରୀ ମନସୁଖ ମାଣ୍ଡବ୍ୟ ଏବେ ବ୍ରିକ୍ସ ପାରମ୍ପରିକ ଓ ସ୍ୱଦେଶୀ କ୍ରୀଡ଼ା ପ୍ରଦର୍ଶନୀ ପ୍ରତିଯୋଗିତା ପାଇଁ ଅହମଦାବାଦରେ ଅଛନ୍ତି। ବର୍ତ୍ତମାନ ବୈଠକ ୧୫ ତାରିଖରେ ହେବ। ଏଥିରେ ମୁଖ୍ୟତଃ ବ୍ୟାଡ୍‌ମିଣ୍ଟନ, ଶୁଟିଂ ଓ ଆଥ୍‌ଲେଟିକ୍ସରେ ସିନିୟର ଆଥ୍‌ଲେଟଙ୍କ ନୈରାଶ୍ୟଜନକ ପ୍ରଦର୍ଶନ ସମ୍ପର୍କରେ ଆଲୋଚନା କରାଯିବ। ଆଇଚି-ନାଗୋୟା ଏସିଆନ ଗେମ୍ସରେ ଭାରତ ୨୧ ସ୍ୱର୍ଣ୍ଣ ସହ ମୋଟ ୮୫ ପଦକ ଜିତିଥିଲା, ଯାହାକି ହାଙ୍ଗଝୌ ସଂସ୍କରଣ ଅପେକ୍ଷା ୨୧ ପଦକ କମ୍।

# ନିଜକୁ ମହାନ ଫୁଟବଲର କହିଲେ ରୋନାଲ୍‌ଡୋ

ନୂଆଦିଲ୍ଲୀ, ୧୨।୧୦: ପର୍ତ୍ତୁଗାଲ ଦଳରୁ ନିଲମ୍ବିତ ହେବା ପରେ ନିଜେ ନିଜକୁ ପ୍ରଶଂସା କଲେ ପ୍ରସିଦ୍ଧ ଫୁଟ୍‌ବଲର କ୍ରିଷ୍ଟିଆନୋ ରୋନାଲ୍‌ଡୋ । ସେ ନିଜକୁ ଇତିହାସର ସବୁଠାରୁ ମହାନ ଖେଳାଳି ବୋଲି କହିଛନ୍ତି । ସେ ଯେତିକି ଗୋଲ୍ କରିଛନ୍ତି ସେଥିପାଇଁ ତାଙ୍କୁ ଯେଉଁଭଳି ପ୍ରଶଂସା ମିଳିବା କଥା ମିଳିପାରି ନାହିଁ । ତେବେ ପର୍ତ୍ତୁଗାଲ ଫୁଟବଲ୍ ଫେଡେରେସନ୍ ଦ୍ୱାରା ନିଲମ୍ବିତ ହେବା ପରେ 'ସିଏନଏନ ପର୍ତ୍ତୁଗାଲ୍'କୁ ସାକ୍ଷାତକାର ଦେଇ ଏଭଳି କହିଛନ୍ତି ରୋନାଲ୍‌ଡୋ ।

ମ୍ୟାନେଜର ଜର୍ଜ ଜିସସଙ୍କ ସହ ବିବାଦ ଖବର ପରେ ସେ ଜାତୀୟ ଦଳର କ୍ୟାମ୍ପ ଛାଡ଼ି ଚାଲିଯାଇଥିଲେ । ଏହା ପରେ ତାଙ୍କୁ ଦଳରୁ ନିଲମ୍ବିତ କରାଯାଇଛି । ସିଏନ୍‌ଏନ୍ ପର୍ତ୍ତୁଗାଲ୍ ପକ୍ଷରୁ ଜାରି ଏକ ଟିଜରରେ, ରୋନାଲ୍‌ଡୋ ତାଙ୍କ ପ୍ରଦର୍ଶନ ଏବଂ ସଫଳତାକୁ ଲୋକେ କିପରି ଗ୍ରହଣ କରୁଛନ୍ତି, ସେନେଇ ନିଜର କ୍ଷୋଭ ପ୍ରକାଶ କରିଛନ୍ତି। ରୋନାଲ୍‌ଡୋ କହିଛନ୍ତି, 'ଲୋକମାନେ ମୋର ଗୋଲ୍ ଗୁଡ଼ିକୁ ସେତଟା ପ୍ରଶଂସା କରୁନାହାଁନ୍ତି।

ସେ ଆହୁରି ମଧ୍ୟ କହିଛନ୍ତି, 'ମୁଁ ଆଉ ୮୫ଟି ଗୋଲ୍ ଦୂରରେ ଅଛି । କିନ୍ତୁ ଭାବୁନି ଯେ, ମୁଁ ପ୍ରକୃତରେ ଏହାକୁ ପସନ୍ଦ କରୁଛି। ଜିନିଷଗୁଡ଼ିକ ପ୍ରାକୃତିକ ଭାବରେ ଘଟିବା ଉଚିତ୍। ଏହା ୯୨୦ ଗୋଲ୍ ହେଉ, ୯୨୫ କିମ୍ବା ୯୩୦ ହେଉ, ମୁଁ ହିଁ ଇତିହାସର ସବୁଠୁ ଶ୍ରେଷ୍ଠ ଖେଳାଳି। ଇତିହାସରେ ସବୁଠୁ ଶ୍ରେଷ୍ଠ କିଏ, ସେନେଇ କୌଣସି ବିତର୍କର ଅବକାଶ ନାହିଁ। ଆପଣଙ୍କୁ କେବଳ ଗୋଲ୍ ସ୍କର୍



କରିବାକୁ ପଡ଼ିବ। ସଂଖ୍ୟାଗୁଡ଼ିକ ହିଁ ସବୁକିଛି କହିଦିଏ।'

ରୋନାଲ୍‌ଡୋ ଆହୁରି କହିଛନ୍ତି, 'ମୁଁ ଦୀର୍ଘସ୍ଥାୟୀ ଭବିଷ୍ୟତ ବିଷୟରେ ଚିନ୍ତା କରେ ନାହିଁ। ମୋ ପିଲାଙ୍କ ରାଣ ଖାଇ କହୁଛି ଯେ, ମୁଁ ବର୍ତ୍ତମାନ ମୁହୂର୍ତ୍ତରେ ଜୀବନ ବିତାଏ। ଆସନ୍ତା କାଲି କ'ଣ ହେବ ମୁଁ ଜାଣି ନାହିଁ। ମୋର ହୁଏତ କାଲି ସକାଳେ ଖେଳିବାକୁ ଇଚ୍ଛା ହୋଇନପାରେ। ମୁଁ ପ୍ରକୃତରେ ଜାଣି ନାହିଁ।'

ସେପଟେ ରୋନାଲ୍‌ଡୋଙ୍କ ଏହି ମନ୍ତବ୍ୟ ପରେ, ଫୁଟବଲରେ ତାଙ୍କ ସ୍ଥାନକୁ ନେଇ ପୁଣି ଥରେ ବିତର୍କ ଆରମ୍ଭ ହୋଇଛି । 'ଏଙ୍ଗଇଞ୍ଜ' ବା ସର୍ବକାଳୀନ ଶ୍ରେଷ୍ଠ ଖେଳାଳି ଚର୍ଚ୍ଚାରେ ଲିଓନେଲ୍ ମେସି ତାଙ୍କର ସବୁଠାରୁ ବଡ଼ ପ୍ରତିଦ୍ୱନ୍ଦ୍ୱୀ ଭାବରେ ରହିଆସିଛନ୍ତି। ୨୦୨୨ ବିଶ୍ୱକପ୍ ବିଜୟୀ ମେସିଙ୍କ ଦାବି ଅଧିକ ମଜଭୁତ ହେଉଥିବା ବେଳେ, ରୋନାଲ୍‌ଡୋ ନିଜ କ୍ୟାରିୟରରେ ଗୋଲ୍ ସଂଖ୍ୟା ବୃଦ୍ଧି କରିଚାଲିଛନ୍ତି । ବର୍ତ୍ତମାନ ସେ ୧,୦୦୦ ଗୋଲ୍‌ର ମାଇଲଖୁଣ୍ଟ ଛୁଇଁବା ନିକଟତର ହୋଇପାରିଛନ୍ତି।

### ଗୋଲ୍ ସଂଖ୍ୟା

ମୋଟ୍ ଗୋଲ୍: ଲିଓନେଲ ମେସି- ୯୩୪, ରୋନାଲ୍‌ଡୋ- ୯୮୦। ଅନ୍ତର୍ଜାତୀୟ ଗୋଲ୍: ମେସି- ୧୨୫, ରୋନାଲ୍‌ଡୋ- ୧୪୬।

ଚାମ୍ପିଅନ୍ସ ଲିଗ୍ ଗୋଲ୍: ମେସି- ୧୨୯, ରୋନାଲ୍‌ଡୋ- ୧୪୦। ବିଶ୍ୱକପ୍ ଟାଇଟଲ୍: ମେସି- ୧, ରୋନାଲ୍‌ଡୋ- ୦। ବିଶ୍ୱକପ୍ ନକଆଉଟ୍ ଗୋଲ୍: ମେସି- ୭, ରୋନାଲ୍‌ଡେ- ୧

## ରଣଜୀ ବେଳେ 'ଭାରତ-ଏ'ର ବିଦେଶ ଗସ୍ତକୁ ସମାଲୋଚନା

ମୁମ୍ବାଇ, ୧୨।୧୦: ରଣଜୀ ଟ୍ରଫି ଚାଲିଥିବା ସମୟରେ 'ଭାରତ-ଏ' ଦଳକୁ ନ୍ୟୁଜିଲାଣ୍ଡ ଗସ୍ତରେ ପଠାଇବା ନିଷ୍ପତ୍ତିର ସମାଲୋଚନା କରିଛନ୍ତି ପୂର୍ବତନ ଅଧିନାୟକ ଦିଲୀପ ଭେଙ୍ଗସରକାର। ଏହାଦ୍ୱାରା ଦେଶର ଏହି ପ୍ରମୁଖ ଘରୋଇ କ୍ରିକେଟ୍ ପ୍ରତିଯୋଗିତାର ଗୁରୁତ୍ୱ କମୁଥିବା ସେ କହିଛନ୍ତି ।ପୂର୍ବରୁ ମୁଖ୍ୟ ଚୟନକର୍ତ୍ତା ଭାବେ କାର୍ଯ୍ୟକରିଥିବା ଭେଙ୍ଗସରକାର କହିଛନ୍ତି, ରଣଜୀ ଟ୍ରଫି ଚାଲିଥିବାବେଳେ ଏଭଳି ଗସ୍ତ ଆୟୋଜନ କରିବା ଅଯୌକ୍ତିକ। ରଣଜୀ ଟ୍ରଫି ଆୟୋଜନର ଆଉ ମୂଲ୍ୟ କ'ଣ ରହିଲା ବୋଲି ସେ ପ୍ରଶ୍ନ କରିଛନ୍ତି। ଘରୋଇ ଋତୁ ବେଳେ ଦେଶର ଶ୍ରେଷ୍ଠ ପ୍ରଥମ ଶ୍ରେଣୀ ଖେଳାଳିଙ୍କୁ ବିଦେଶ ଗସ୍ତରେ ପଠାଯିବା ଦ୍ୱାରା ରଣଜୀ ଟ୍ରଫିରେ ରନ୍ କରୁଥିବା ଓ ୱିକେଟ୍ ନେଉଥିବା ଖେଳାଳିଙ୍କ ପ୍ରଦର୍ଶନର ମୂଲ୍ୟ କମିଯାଉଛି। ବିଦେଶୀ ପରିବେଶ ସହ ଖାପ ଖୁଆଇବା ଲକ୍ଷ୍ୟ ଥିଲେ ମୁଖ୍ୟ ଦଳକୁ ଆଗୁଆ ପଠାଇବା ଉଚିତ, ଟେଷ୍ଟ ଦଳରେ ଖେଳିବାର ସମ୍ଭାବନା ନଥିବା ଖେଳାଳିଙ୍କୁ ନୁହେଁ ବୋଲି ସେ ମତ ଦେଇଛନ୍ତି।

# ଚୟନ କମିଟିକୁ ସାମିଙ୍କ ଟାର୍ଗେଟ୍

ନୂଆଦିଲ୍ଲୀ, ୧୨।୧୦: ଚଳିତ ରଣଜୀ ଟ୍ରଫି ସିଜିନ ଆରମ୍ଭରୁ ଦମଦାର ପ୍ରଦର୍ଶନ କରିଛନ୍ତି ଦ୍ରୁତ ବୋଲର ମହମ୍ମଦ ସାମି । ଘରୋଇ କ୍ରିକେଟରେ ପୁଣିଥରେ ଚମକିଛନ୍ତି ସାମି । ବଙ୍ଗଳା ପକ୍ଷରୁ ରଣଜୀ ଖେଳୁଥିବା ସାମି ଦିଲ୍ଲୀର ବଡ଼ ବଡ଼ ବ୍ୟାଟ୍ସମ୍ୟାନଙ୍କୁ ଧରାଶାୟୀ କରିଛନ୍ତି । ଦିଲ୍ଲୀ ବିପକ୍ଷ ପ୍ରଥମ ପାଳିରେ ୪ ୱିକେଟ ଅକ୍ତିଆର କରି ନିଜର ଦକ୍ଷତାକୁ ପ୍ରତିପାଦନ କରିଛନ୍ତି । ଲଗାତାର ଘାତକ ବୋଲିଂ କରୁଆସୁଥିଲେ ସୁଦ୍ଧା ଟିମ୍ ଇଣ୍ଡିଆକୁ ପ୍ରତ୍ୟାବର୍ତ୍ତନ ହୋଇପାରୁନାହିଁ । ଯାହାକୁ ନେଇ ବାରମ୍ବାର ଚୟନ କମିଟିକୁ ଟାର୍ଗେଟ କରିଆସୁଛନ୍ତି ସାମି ।



ଦିଲ୍ଲୀ ବିପକ୍ଷ ମ୍ୟାଚର ପ୍ରଥମ ଦିନରେ ମହମ୍ମଦ ସାମି ମୋଟ ୧୭.୩ ଓଭର ବୋଲିଂ କରି ୯ଟି ମେଡେନ୍ ଓଭର ପକାଇଥିଲେ । ତାଙ୍କର ଏହି ଘାତକ ବୋଲିଂ ଆଗରେ ଦିଲ୍ଲୀ ବ୍ୟାଟ୍ସମ୍ୟାନ୍ମାନେ ସଂଘର୍ଷ କରୁଥିବା ନଜର ଆସିଥିଲେ। ମ୍ୟାଚ୍ ପରେ ଯେତେବେଳେ ସାମିଙ୍କ ଫିଟନେସ୍ ଏବଂ ପ୍ରଦର୍ଶନ ସମ୍ପର୍କରେ ପ୍ରଶ୍ନ କରାଗଲା, ସେତେବେଳେ ସେ ବେଶ୍ ସେ ଯେଉଁ ବ୍ୟଙ୍ଗାତ୍ମକ ଢଙ୍ଗରେ ଉତ୍ତର ଦେଇଥିଲେ ତାହା ସମସ୍ତଙ୍କୁ ଚକିତ କରିଥିଲା । ସେ କହିଥିଲେ, 'ଆପଣ ମୋର ଫିଟନେସ୍ ଦେଖିପାରୁଛନ୍ତି । ଲିଖିତ ଭାବେ ରଖିଦିଅନ୍ତୁ । ଆପଣ ମତେ ଦେଖୁଛନ୍ତି, ମୁଁ ମଇଦାନରେ ଅଛି, ଖେଳୁଛି ଏବଂ ଯେଉଁଠି ସୁଯୋଗ ମିଳୁଛି ସେଠାରେ ପ୍ରଦର୍ଶନ କରୁଛି ।'

ଯେତେବେଳେ ତାଙ୍କୁ ପଚରାଗଲା ଯେ, କ୍ରମାଗତ ଭାବେ ଭଲ ପ୍ରଦର୍ଶନ କରିବା ସତ୍ତ୍ୱେ ଆପଣଙ୍କୁ କାହିଁକି ଟିମ୍ ଇଣ୍ଡିଆରେ ସୁଯୋଗ ମିଳୁନାହିଁ ? ଏହି ପ୍ରଶ୍ନର ଉତ୍ତର ସେ ମଜାଳିଆ ଢ଼ଙ୍ଗରେ ଦେଇଥିବା ଦେଖିବାକୁ ମିଳିଥିଲା । ସେ କହିଥିଲେ କି,'ନା, ନା, ମୁଁ ଭଲ ବୋଲର ନୁହେଁ।'ତେବେ ସାମିଙ୍କ ଏହି ଉତ୍ତର ସିଧା ଚୟନ କମିଟିକୁ ଟାର୍ଗେଟ ଥିବା ଚର୍ଚ୍ଚା ହେଉଛି । କାରଣ ନିଜ ଚୟନକୁ ନେଇ କ୍ଷୋଭ ପ୍ରକାଶ କରିଥିବାବେଳେ ଭୁବିଙ୍କ କମବ୍ୟାକକୁ ନେଇ ଖୁସିବ୍ୟକ୍ତ କରିଥିବା ଦେଖିବାକୁ ମିଳିଛି । ଏହାସହ ସେ କହିଛନ୍ତି କି, ଭୁବି ବେଶୀ କଥା କୁହନ୍ତି ନାହିଁ ଏହାର ଅର୍ଥ ନୁହେଁ ଯେ, ତୁମେ ଦୀର୍ଘଦିନ ତାଙ୍କ ପ୍ରତିଭାକୁ ଅଣଦେଖାକରିବ।

Published and Owned by Sri Bibhuti Bhushan Mahapatra of House No.A/2, Suraj Vihar Phase-1, Po-Baragarh Brit Colony, Bhubaneswar-751018 published from Plot No.3774, Nageshwar Tangi, Bhubaneswar, Dist-Khurda-751002 and Printed by Smt. Sandhyarani Pati at M/S Swadhikar, IDCO Plot No-6/A/B/1, Revenue Plot No-8941(P) Mancheswar Industrial Estate,Bhubaneswar-751010, Near NSIC Office,